୬ ଖେଳାଳି ବାର୍ଷିକ ଚୁକ୍ତି ଘୋଷଣା କଲା ବିସିସିଆଇ : ଫେରିଲେ ଷ୍ଟାର ବ୍ୟାଟର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
E-mail : sambadkalikanews@gmail.com
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00




● ବର୍ଷ–୩୨ ● ସଂଖ୍ୟା–୮୪ ● ୨୨ ଅପ୍ରେଲ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-84 ● 22nd April 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ସମ୍ବଲପୁରରେ ସରକାର

# ଗରିବ ଅସହାୟ ଲୋକଙ୍କ ଦୁଃଖ ପ୍ରତି ଉଦାସୀନ ରହି ହେବ ନାହିଁ

**ଭୁବନେଶ୍ୱର, ୨୧ା୪**

**ନ୍ୟୁଜ୍ ବ୍ୟୁରୋ**

ପୂରା ରାଜ୍ୟ ପ୍ରଶାସନ ସମ୍ବଲପୁରରେ। ସମୟ ଥିଲା ସକାଳ ୮ ଟା। ଲୋକାରଣ୍ୟ ହୋଇ ଉଠିଥିଲା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସର। କାରଣ ଲୋକଙ୍କ ମୁଖ୍ୟମନ୍ତ୍ରୀ ଆସିଛନ୍ତି । ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିବା ପାଇଁ କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ତାଙ୍କ ସହିତ ଥିଲେ ସହଯୋଗୀ ୧୦ ଜଣ ମନ୍ତ୍ରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀଗଣ । ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ସ୍ଥାନାନ୍ତରିତ ହୋଇଥିଲା ସମ୍ବଲପୁରକୁ । ଲୋକଙ୍କ ଅଭିଯୋଗ ଶୁଣି ଏହାର ସମାଧାନ କରିବାକୁ ବାସ୍ତବିକ ଏଇ ହେଉଛି ଲୋକଙ୍କ ସରକାର।

ସୋମବାର ଅଭିଯୋଗ ଶୁଣାଣିର ୧୦ମ ପାଳି ଥିଲା ଅନ୍ୟ ନଅ'ଟି ପାଳି ଠାରୁ ଭିନ୍ନ, କାରଣ ସରକାରଙ୍କ ପାଖକୁ



ଲୋକ ଆସି ନାହାନ୍ତି, ସରକାର ଆସିଛନ୍ତି ଲୋକଙ୍କ ଅଭିଯୋଗ ଶୁଣିବାକୁ।

ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟଗଣ ସମ୍ବଲପୁରରେ ପହଞ୍ଚି ମା' ସମଲେଶ୍ୱରୀଙ୍କ ଦର୍ଶନ କରି ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସମ୍ବଲପୁରରେ ଏ ଜନ ଶୁଣାଣି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶୁଭଙ୍କର। ଏହା ସରକାରଙ୍କ ପାଇଁ, ଲୋକଙ୍କ ପାଇଁ, ଓଡ଼ିଶା ରାଜ୍ୟ ପାଇଁ ଓ ସର୍ବୋପରି ଗଣତନ୍ତ୍ର ପାଇଁ ଏକ ସକରାତ୍ମକ ବାର୍ତ୍ତା ଦେଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମର ଏହି ଜନ ଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନ ଆମକୁ ଲୋକଙ୍କ ଆହୁରି ନିକଟତର ହେବାକୁ ପ୍ରେରଣା ଦେଇଛି ବୋଲି ସେ କହିଛନ୍ତି।

ସେ ପୁଣି କହିଥିଲେ ଯେ, ଆମର ଉଦ୍ଦେଶ୍ୟ ହେଉଛି ରାଜ୍ୟର ବୃହତ୍ତର ବିକାଶର ଲକ୍ଷ୍ୟ ପୂରଣ ଭିତରେ ଗରିବ, ଅସହାୟ ଲୋକଙ୍କ ଦୁଃଖକୁ ଆମେ ଯେପରି ନଜର ଅନ୍ଦାଜ ନ କରୁ । ସେମାନେ ଯେପରି ଅନୁଭବ ନ କରନ୍ତି ଯେ, ସେମାନଙ୍କ ଦୁଃଖ ଶୁଣିବା ପାଇଁ କେହି ନାହାନ୍ତି । ପୂର୍ବ ସରକାର ଏଥିପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଆମେ କିନ୍ତୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନ ଶୁଣାଣି କରିବା ପାଇଁ ନିଷ୍ପତ୍ତି ନେଇଛୁ। ସୋମବାର *(ପୃଷ୍ଠା ୭ରେ)*

# ଶାସନ, ପାରଦର୍ଶିତା ଓ ନବୀକରଣରେ ନୂଆ ମାନଦଣ୍ଡ ସ୍ଥାପନ କରୁଛି ଭାରତ




**ନୂଆଦିଲ୍ଲୀ, ୨୧ା୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ୧୭ତମ ଲୋକସେବା ଦିବସ ଅବସରରେ ବିଜ୍ଞାନ ଭବନରେ ଲୋକ ସେବକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ, ଭାରତ ଆଜି ଶାସନ, ପାରଦର୍ଶିତା ଓ ନବୀକରଣରେ ନୂଆ ମାନଦଣ୍ଡ ସ୍ଥାପନ କରୁଛି । ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ଲୋକ ପ୍ରଶାସନରେ ଉତ୍କୃଷ୍ଟତା ନିମନ୍ତେ ପ୍ରଧାନମନ୍ତ୍ରୀ ପୁରସ୍କାର ମଧ୍ୟ ପ୍ରଦାନ କରିଥିଲେ ।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, ଭାରତରେ ନିବେଶ କରିବା ପାଇଁ ବିଶ୍ୱ ଉତ୍ସାହିତ ରହିଛି ଏବଂ ଏହାକୁ ସୁନିଶ୍ଚିତ କରିବା ଆମର କାମ । ଆମେ ଏହି ଅବସରକୁ ହାତଛଡା କରିବା ଉଚିତ୍ ନୁହେଁ। ଆମକୁ ଏହା ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି ଯେ, ବ୍ଲକ ଓ ଜିଲ୍ଲା ସ୍ତରରେ ଯେପରି କୌଣସି ରେଡଟାପିଜିମ୍ ନ ହେବ । ସେତେବେଳେ ଆମେ ନିଜର ଲକ୍ଷ୍ୟକୁ ପ୍ରାପ୍ତ କରିପାରିବା।

ଗତ ୧୦ ବର୍ଷରେ ଦେଶର ସଫଳତା ବିକଶିତ ଭାରତର ମୂଳକୁ ମଜଭୂତ କରିଛି। ଶାସନର ଗୁଣବତ୍ତା ଏ କଥାରେ ନିର୍ଦ୍ଧାରିତ ହୋଇଥାଏ ଯେ, ଯୋଜନା ଗୁଡିକ କେତେ ଗଭୀର ପର୍ଯ୍ୟନ୍ତ ଜନତାଙ୍କ ମଧ୍ୟରେ ପହଞ୍ଚୁଛି ଏବଂ ତାହାର ତୃଣମୂଳ ସ୍ତରରେ କେତେ ବାସ୍ତବିକ ପ୍ରଭାବ ପଡିଛି । ଆମେ ବିଭିନ୍ନ ଜିଲ୍ଲାରେ ଏହାର ପ୍ରଭାବ ଦେଖୁଛୁ । ସ୍କୁଲରେ ଉପସ୍ଥାନ ବଢାଇବା ଠାରୁ ଆରମ୍ଭ କରି ସୌର ଶକ୍ତିକୁ ଆପଣେଇବା ପର୍ଯ୍ୟନ୍ତ କେତେକ ଜିଲ୍ଲା ନିଜର ପ୍ରତିଶ୍ରୁତିବଦ୍ଧତା ପୂରଣ କରିଛନ୍ତି ଏବଂ ଆଉ କେତେକଙ୍କୁ ତାଙ୍କର ପ୍ରୟାସକୁ ନେଇ ମାନ୍ୟତା ଦିଆଯାଇଛି ।

ପ୍ରଧାନମନ୍ତ୍ରୀ ମୋଦୀ ଚଳିତ ବର୍ଷର ଲୋକସେବା ଦିବସକୁ ବିଶେଷ ବୋଲି କହିଛନ୍ତି । ସେ କହିଛନ୍ତି ଯେ, ଚଳିତ ବର୍ଷ ସମ୍ବିଧାନର ୭୫ତମ ବର୍ଷ ଏବଂ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀର ବର୍ଷ ମଧ୍ୟ । ଚଳିତ ବର୍ଷ ଲୋକସଭା ଦିବସର ବିଷୟବସ୍ତୁ ଭାରତର ସମଗ୍ର ବିକାଶ ସ୍ଥିର କରାଯିବା ଉପରେ ମଧ୍ୟ ସେ ଖୁସି ବ୍ୟକ୍ତ କରିବା ସହିତ କହିଥିଲେ ଯେ, *(ପୃଷ୍ଠା ୭ରେ)*

## କୋରାପୁଟ ଜିଲ୍ଲାପାଳ ପାଇଲେ ପ୍ରଧାନମନ୍ତ୍ରୀ ଆୱାର୍ଡ



**କୋରାପୁଟ/ପଟାଙ୍ଗୀ, ୨୧ା୪**

**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଗତ ୨୦୨୪ ମସିହାରେ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟକାରିତା ପାଇଁ କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପ୍ରଧାନମନ୍ତ୍ରୀ ଆୱାର୍ଡ ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ସୋମବାର ଆୟୋଜିତ ସିଭିଲ ସର୍ଭିସ ଡେ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହି ଏହି ଆୱାର୍ଡ ପ୍ରଦାନ କରିଛନ୍ତି।

ଗତ ୧୮ମାସ ମଧ୍ୟରେ କୋରାପୁଟ ଜିଲ୍ଲାରେ ୧୧ଟି କେନ୍ଦ୍ରୀୟ ଯୋଜନାର ସଫଳ କାର୍ଯ୍ୟକାରିତା କରି ହିତାଧିକାରୀଙ୍କ ନିକଟରେ ସୁଫଳ ପହଞ୍ଚାଇ ଥିବାରୁ କୋରାପୁଟ ଜିଲ୍ଲା ଏହି ପୁରସ୍କାର ପାଇବା ପାଇ ଯୋଗ୍ୟ ବିବେଚିତ ହୋଇଛି। ସେଥିମଧ୍ୟରେ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ସକ୍ଷମ ଅଙ୍ଗନୱାଡି ଓ ପୋଷଣ,ପିଏମ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା, ପିଏମ ବିଶ୍ୱକର୍ମା ଯୋଜନା, କିଷାନ କାର୍ଡ , ମିଶନ ଟୀକାକରଣ ,ପିଏମ ଜନ ଆରୋଗ୍ୟ ଯୋଜନା, ହର ଘର ଜଳ (ଜଳ ଜୀବନ ମିଶନ), ପିଏମ ସହରାଞ୍ଚଳ ଆବାସ ଓ ପିଏମ ଗ୍ରାମାଞ୍ଚଳ ଆବାସ ଯୋଜନା ଆଦି କାର୍ଯ୍ୟକାରୀ କରିବା ସହ ସାଧାରଣ ଜନତା *(ପୃଷ୍ଠା ୭ରେ)*

# ଅପରାଧ ନିୟନ୍ତ୍ରଣ ପାଇଁ ସରକାର ଶୂନ୍ୟ ସହନଶୀଳ ନୀତିରେ କାମ କରୁଛନ୍ତି

**ଭୁବନେଶ୍ୱର, ୨୧ା୪**

**ନ୍ୟୁଜ୍ ବ୍ୟୁରୋ**

ଆଇନଶୃଙ୍ଖଳା ନେଇ ବିରୋଧୀ ଦଳ ଉଠାଇଥିବା ଅଭିଯୋଗ ଉପରେ କଡ଼ା କାଉଣ୍ଟର କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ, ଅତୀତରେ ବି ଅପରାଧ ହେଉଥିଲା । ଆଜି ଯେଉଁମାନେ ଆଇନଶୃଙ୍ଖଳା କଥା କହୁଛନ୍ତି, ସେମାନେ ପୂର୍ବ ସରକାରଙ୍କ ବେଳେ ଚୁପ୍ ଥିଲେ। ତେଣୁ ଦୋଷ ଲଦିବା ପାଇଁ ଏପରି କହୁଛନ୍ତି। ତା'ର କୌଣସି ଯଥାର୍ଥତା ନାହିଁ। ଆଇନ୍ ମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ସରକାରରେ ଆଇନ ତା ବାଟରେ ଯିବ ବୋଲି



ନେତାମାନେ କହୁଥିଲେ। ବିଗତ ୧୦ ମାସ ଭିତରେ ଯେତିକି ଅପରାଧ ଘଟଣା ହୋଇଛି, ସବୁ କେସରେ ୨୪ରୁ ୭୨ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ସଂପୃକ୍ତ ଅପରାଧୀଙ୍କୁ ଗିରଫ ମଧ୍ୟ କରାଯାଇଛି। ଅନେକ କ୍ଷେତ୍ରରେ ସେମାନଙ୍କୁ କୋର୍ଟ ଫରୱାର୍ଡ କରାଯାଉଛି, ଆବଶ୍ୟକ ପଡିଲେ ଏନକାଉଣ୍ଟର ମଧ୍ୟ କରାଯାଉଛି । କୌଣସି ଅପରାଧୀକୁ ସରକାର ସୁରକ୍ଷା ଦେଉନାହାନ୍ତି। ପୋଲିସକୁ ତଦନ୍ତ ପାଇଁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ଦଣ୍ଡ ବିଧାନ ହାରରେ ଅଭୁତପୂର୍ବ ପରିବର୍ତ୍ତନ ଆସିଛି । ଆସାମୀକୁ ଧରି ଯଥାଶୀଘ୍ର ଦଣ୍ଡ ବିଧାନ କରାଯାଉଛି । ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ସରକାର ତତ୍ପର ଅଛନ୍ତି । ଅପରାଧ ନିୟନ୍ତ୍ରଣ ପାଇଁ ଶୂନ୍ୟ ସହନଶୀଳ ନୀତିରେ ରାଜ୍ୟ ସରକାର କାମ କରୁଛନ୍ତି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

# ଝାଡଖଣ୍ଡ ଘଞ୍ଚ ଜଙ୍ଗଲରେ ଯବାନଙ୍କ ନକ୍ସଲ ଦମନ : ୮ ମାଓବାଦୀ ମୃତ

**ରାଞ୍ଚି, ୨୧ା୪**

ପୁଣି ନିପାତ ହେଲେ ନକ୍ସଲ । ଜଙ୍ଗଲରେ ପୁଣି ଗର୍ଜିଲା ଯବାନଙ୍କ ଗୁଳି । ଆଉ ୮ ଜଣ ନକ୍ସଲ ପଡିଲେ ଟଳି । ଘଞ୍ଚ ଜଙ୍ଗଲରେ ମାଓବାଦୀ ମାରି ବଡ ସଫଳତା ପାଇଛନ୍ତି ଯବାନ । ସବୁବେଳେ ଛତିଶଗଡରେ ଏନକାଉଣ୍ଟର ହେଉଥିବା ବେଳେ ଏଥର ଝାଡଖଣ୍ଡରୁ ଆସିଛି ନକ୍ସଲ ନିପାତର ଖବର।

ତେବେ ଝାଡଖଣ୍ଡର ଲୁଗୁ ପର୍ବତର ପାଦଦେଶରେ ଥିବା ଲାଲପାନିଆ ଅଞ୍ଚଳରେ ସୋମବାର ସକାଳେ ମାଓବାଦୀ ଏବଂ ସିଆରପିଏଫ ଯବାନଙ୍କ ଭିତରେ



ଗୁଳିବିନିମୟ ହୋଇଥିଲା । ଯେଉଁଥିରେ ୮ ଜଣ ମାଓବାଦୀଙ୍କୁ ମାରି ଗଡାଇଛନ୍ତି ପୋଲିସ ଓ ଯବାନ । ନକ୍ସଲ ନିପାତ ପରେ ଏବେ ସେମାନଙ୍କ ମୃତଦେହ ଆଣିବାକୁ ଜଙ୍ଗଲ ଭିତରକୁ ଷ୍ଟ୍ରେଚର ଯାଇଥିବା ସୂଚନା ମିଳିଛି। ଉକ୍ତ ଷ୍ଟ୍ରେଚରରେ ନକ୍ସଲଙ୍କ ମୃତଦେହ ବୋହି ଅଣାଯିବ ।

ଛତିଶଗଡ କୁହନ୍ତୁ କି ଝାଡଖଣ୍ଡ- ମାଓବାଦୀଙ୍କୁ ତ୍ରାହି ଦେଉ ନାହାନ୍ତି ପୋଲିସ ଓ ଯବାନ । ଯେବେଠୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଭାରତକୁ ନକ୍ସଲ ମୁକ୍ତ କରିବାକୁ ଘୋଷଣା କରିଛନ୍ତି ସେବେଠାରୁ ମାଓବାଦୀଙ୍କୁ ନିସ୍ତାର ମିଳୁନି । ସବୁଦିନ ମାଓବାଦୀଙ୍କୁ ହତ୍ୟା ସହ ନକ୍ସଲ ଆତ୍ମସମର୍ପଣ କରିଥିବାର ଖବର ମଧ୍ୟ ଆସୁଛି, ଯାହା ଦେଶକୁ ମାଓମୁକ୍ତ କରିବାର ସ୍ୱପ୍ନକୁ ଶକ୍ତି ଦେଉଛି ।

# ସମୃଦ୍ଧ ଓଡ଼ିଶା ଗଠନରେ ସିଭିଲ ସେବା ଅଧିକାରୀମାନଙ୍କର ପ୍ରମୁଖ ଯୋଗଦାନ ରହିବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧ା୪**

**ନ୍ୟୁଜ୍ ବ୍ୟୁରୋ**

ଆମ ଦେଶ ଭାରତର ବିକାଶ ଯାତ୍ରାର ପ୍ରଚ୍ଛଦରେ ସିଭିଲ ସେବା ଅଧିକାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସିଭିଲ ସେବା ଅଧିକାରୀମାନଙ୍କୁ ଭାରତର ଷ୍ଟିଲ୍ ଫ୍ରେମ ବୋଲି କହିଛନ୍ତି। ଦେଶର ପ୍ରଶାସନିକ ଢାଞ୍ଚାକୁ ଏହି ସେବା ହିଁ ସୁଦୃଢ଼ କରିଛି। ସିଭିଲ ସେବାହିଁ ଦେଶର ସାମଗ୍ରିକ ସଫଳତା ଓ ଉତ୍କର୍ଷର ମେରୁଦଣ୍ଡ। ଏହା ହିଁ ଚିନ୍ତା, ଚେତନା ଓ ମୂଲ୍ୟବୋଧଭିତ୍ତିକ ଅଗ୍ରଗତିର ପ୍ରୟୋଗଶାଳା ବୋଲି ଆଜି "ରାଷ୍ଟ୍ରୀୟ ସିଭିଲ ସେବା ଦିବସ-୨୦୨୫"ପାଳନ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ସିଭିଲ ସେବା ଅଧିକାରୀମାନଙ୍କୁ କହିଛନ୍ତି ।

ଭୁବନେଶ୍ୱର ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅନ୍ତର୍ଗତ ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ସ(ସିଏମଜିଆଇ) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରତିଷ୍ଠାନ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଅବସ୍ଥାପିତ ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତାରେ ଉଦବୋଧନ ଦେଇ କହିଥିଲେ ଯେ, ଓଡ଼ିଆ ଜାତିର ସାମୂହିକ ଚେତନା ଭିତରେ ଏକ ମୁଖ୍ୟ ଅଭିଳାଷ ହେଉଛି ସମୃଦ୍ଧ ଓଡ଼ିଶା ଗଠନ। ଏହା *(ପୃଷ୍ଠା ୭ରେ)*

# ଖ୍ରୀଷ୍ଟ ଧର୍ମର ସର୍ବୋଚ୍ଚ ଧର୍ମଗୁରୁ ପୋପ ଫ୍ରାନ୍ସିସଙ୍କ ପରଲୋକ

**ନୂଆଦିଲ୍ଲୀ, ୨୧ା୪**

ଖ୍ରୀଷ୍ଟିଆନମାନଙ୍କ ସର୍ବୋଚ୍ଚ ଧର୍ମଗୁରୁ ପୋପ ଫ୍ରାନ୍ସିସ୍ଙ୍କ ଦେହାନ୍ତ ହୋଇଛି । ସେ ୮୮ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ବହୁତ ଦିନ ଧରି ସେ ଅସୁସ୍ଥ ଥିଲେ ବୋଲି ଜଣାପଡ଼ିଛି।

କୁହାଯାଉଛି ଯେ, ତାଙ୍କର ଉଭୟ ଫୁସଫୁସରେ ନିମୋନିଆ ହୋଇଥିଲା, ଯାହା ଯୋଗୁଁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିଲା। ସେ ବହୁତ ଦିନ ଧରି ଡାକ୍ତରଖାନାରେ ଥିଲେ ୩୮ଦିନ ଧରି ହସ୍ପିଟାଲରେ ରହିବା ପରେ କିଛି ଦିନ ତଳେ ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। ହେଲେ ସୋମବାର ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବା ସହ ନିଜ ବାସଭବନ କାସା ସାଣ୍ଟା ମାର୍ଟାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।



ଇଷ୍ଟର ଅବସରରେ ରବିବାର ଦିନ ପୋପ ଫ୍ରାନ୍ସିସ ସେଣ୍ଟ ପିଟର୍ସ ସ୍କୋୟାରରେ ୩୫ହଜାର ଲୋକଙ୍କ ଅଭିବାଦନକୁ ହାତ ହଲାଇ ଗ୍ରହଣ କରିଥିଲେ ବୋଲି କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ସେ ରୋମାନ କ୍ୟାଥୋଲିକ ଚର୍ଚ୍ଚର ପ୍ରଥମ ଲାଟିନ ଆମେରିକୀୟ ପାଦ୍ରୀ ଥିଲେ ପୋପ। ଆର୍ଜେଣ୍ଟିନାରେ ଜନ୍ମଗ୍ରହଣ କରିଥିଲେ ଏବଂ ତାଙ୍କ ନାମ ଥିଲା ଜର୍ଜ ମାରିଓ *(ପୃଷ୍ଠା ୭ରେ)*

## ପୋପ୍ଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ

**ନୂଆଦିଲ୍ଲୀ, ୨୧ା୪**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ କ୍ୟାଥୋଲିକ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ପୋପ୍ ଫ୍ରାନ୍ସିସ୍ ସର୍ବଦା ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା କରୁଣା, ନମ୍ରତା ଏବଂ ଆଧ୍ୟାତ୍ମିକ ସାହସର ପ୍ରତୀକ ଭାବରେ ମନେ ରହିବେ।

ପୋପ୍ ଫ୍ରାନ୍ସିସ୍ଙ୍କ ସହ ତାଙ୍କ ସାକ୍ଷାତର ଫଟୋ ସେୟାର କରି ପ୍ରଧାନମନ୍ତ୍ରୀ ମୋଦି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି, 'ପରମ ପୂଜ୍ୟ ପୋପ୍ ଫ୍ରାନ୍ସିସ୍ଙ୍କ ଦେହାନ୍ତରେ ମୁଁ ଗଭୀର ଦୁଃଖିତ। ଏହି ଦୁଃଖ ଏବଂ ସ୍ମୃତିର ମୁହୂର୍ତ୍ତରେ, *(ପୃଷ୍ଠା ୭ରେ)*

## ପୁଣି ଇତିହାସ ରଚିଲା ଇସ୍ରୋ, ସଫଳତାର ସହ ମହାକାଶରେ ଯୋଡି ହେଲା ୨ଟି ଉପଗ୍ରହ

**ନୂଆଦିଲ୍ଲୀ, ୨୧ା୪**

ସୋମବାର ଇତିହାସ ରଚି ଇସ୍ରୋ ମହାକାଶ କ୍ଷେତ୍ରରେ ଆଉ ଏକ ଉପଲବ୍ଧି ହାସଲ କରିଛି । ଇସ୍ରୋ ୨ଟି ଉପଗ୍ରହକୁ ସଲଗ୍ନ କରିବା ମିଶନରେ ଦ୍ୱିତୀୟ ଥର ଉପଗ୍ରହର ଡକିଂ ସଫଳତାପୂର୍ବକ ପୂରା କରିଛି । କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏନେଇ ସୂଚନା ଦେଇଛନ୍ତି ।

କୌଣସି ଏକ ମିଶନକୁ ସଫଳ କରିବା ପାଇଁ ରକେଟ କିମ୍ବା ମହାକାଶକୁ ପଠାଯାଇଥିବା କୌଣସି ଯାନକୁ ମହାକାଶରେ ଡକିଂର ଆବଶ୍ୟକତା ପଡିଥାଏ । ଏହି କୌଶଳରେ ୨ବା ଉର୍ଦ୍ଧ୍ୱ ମହାକାଶ ଯାନକୁ ଏକାଠି ଯୋଡି ବା କକ୍ଷରେ ଏକାଠି ବଡ ଷ୍ଟ୍ରକ୍ଚର ନିର୍ମାଣ ଓ ସାମଗ୍ରୀ ନେବା ଆଣିବାରେ ବ୍ୟବହାର କରାଯାଏ । ଏହି କୌଶଳ ଫଳରେ ନିଜର *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ଟଣାଓଟରା କଳିକଜିଆରେ
ଦିନ ଯାଉଅଛି ଗଡି
କନା ଖଣ୍ଡକ ଫଡଫଡ ହୁଏ
କର୍ପୂର ଯାଇଛି ଉଡି
ଦଳର ଗଡୁନି ଗାଡି
କିଏ କେଉଁ ପଦ କାମ ସମ୍ଭାଳିବ
ଭାଗ ନପାରଇ ଛିଡି।

# ୩.୭ ବିଲିୟନ ବର୍ଷ ପୁରୁଣା ପଥର ଚଟାଣରୁ ମିଳିଲା ମଙ୍ଗଳ ଗ୍ରହରେ ଏଲିୟନ ଜୀବନର ସଂକେତ: ନାସା



**ୱାଶିଂଟନ, ୨୧ା୪**

ଏକ ଅପ୍ରତ୍ୟାଶିତ ମୋଡରେ ନାସାର କ୍ୟୁରୋସିଟି ରୋଭରକୁ ମଙ୍ଗଳ ମିଶନ କାଳରେ କିଛି ରୋଚକ ଜିନିଷ ମିଳିଛି। କେବଳ ଧୂଳି ଓ ପଥର ଏକତ୍ର କରିବା ବଦଳରେ କ୍ୟୁରୋସିଟି ମଙ୍ଗଳ ଗ୍ରହରେ ଏ ପର୍ଯ୍ୟନ୍ତ ମିଳିଥିବା ସବୁଠୁ ଦୀର୍ଘ କାର୍ବୋନିକ ଅଣୁ ମଧ୍ୟରୁ କିଛି ଖୋଜି କାଢିଛି। ଏହି ମୋଟା କାର୍ବନ ଆଧାରିତ ଶୃଙ୍ଖଳାରୁ ପୃଥିବୀରେ ଜୀବିତ ପ୍ରାଣୀଙ୍କ ଠାରେ ଦେଖାଯାଉଥିବା ଶୃଙ୍ଖଳା ସହିତ ବେଶ ମିଶୁଛି । ମଙ୍ଗଳ ଆମକୁ ଏହି ସଂକେତ ଦେଇଛି ଯେ ଏହି ଗ୍ରହ ଆମ ଆକଳନରୁ ଅଧିକ ଜୀବନକୁ ସାହାରା ଦେବାରେ ସକ୍ଷମ ଥିଲା ।

ଆଶ୍ଚର୍ଯ୍ୟର କଥା ହେଉଛି ଏହି ପଥର କମ୍ବରଲ୍ୟାଣ୍ଡ ନାମକ ଏକ ନମୁନାରୁ ମିଳିଛି, ଯେଉଁଥିରେ ବହୁ ସମୟ ପୂର୍ବେ ପ୍ରଥମ ଥର ଛେଦ କରାଯାଇଥିଲା । ଏହି ପଥରର ପୂର୍ବରୁ ମଧ୍ୟ ଅଧ୍ୟୟନ ହୋଇଥିଲା । ତେବେ ନିକଟରେ ବୈଜ୍ଞାନିକମାନେ ଆହୁରି ମଜଭୂତ ବିଧିର ଉପଯୋଗ କରି ଏହାକୁ ପୁଣି ଥରେ ପରୀକ୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲେ। ମଙ୍ଗଳ ଗ୍ରହରେ ଗରମ ବଢିବା ଯୋଗୁ କିଛି ଆକର୍ଷକ ଯୌଗିକ ଯାହା ଏତେ ସମୟ ଧରି କାହାର ଧ୍ୟାନ ଆକର୍ଷଣ କରିନଥିଲା ଶେଷକୁ ତାହା ସାମ୍ନାକୁ ଆସିଛି।

କ୍ୟୁରୋସିଟିର ଅନବୋର୍ଡ କେମେଷ୍ଟ୍ରି ଲ୍ୟାବ ସାମ୍ପଲ *(ପୃଷ୍ଠା ୭ରେ)*


# ଝାରସୁଗୁଡାରେ ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୫.୪ ଡିଗ୍ରୀ ରେକର୍ଡ

**ଭୁବନେଶ୍ୱର, ୨୧ା୪**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଆକାଶରୁ ଅଗ୍ନିବର୍ଷା। ସାରା ଓଡ଼ିଶାବାସୀ ଆଜି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଛଟପଟ ହୋଇଛନ୍ତି। ପ୍ରବଳ ଖରା ଯୋଗୁଁ ପଶ୍ଚିମ ଓଡ଼ିଶାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଏଥି ସହିତ ଶନିବାର ରାଜ୍ୟରେ ରେକର୍ଡ ତାପମାତ୍ରା ଅନୁଭୂତ ହୋଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଝାରସୁଗୁଡ଼ାରେ ଆଜି ରାଜ୍ୟର ସର୍ବୋଚ୍ଚ ତାପାମାତ୍ରା ୪୫.୪ ଡିଗ୍ରି ରେକର୍ଡ କରାଯାଇଛି।

ପ୍ରାୟ ଏକ ମାସ ପରେ ରାଜ୍ୟରେ ପୁଣି ଥରେ ପାରଦ ବଢ଼ିଛି । ଦୁଇ ଦିନ ହେଲା



ତାପମାତ୍ରା ରାଜ୍ୟବାସୀଙ୍କୁ ଅଧିକ କଷ୍ଟ ଦେଇଛି।

ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସମ୍ବଲପୁରରେ ଆଜି ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ହୀରାକୁଦରେ ୪୨.୪, ରାଉରକେଲାରେ ୪୨, କେନ୍ଦୁଝରରେ ୩୮.୩, ଚନ୍ଦବାଲିରେ ୩୮.୨, *(ପୃଷ୍ଠା ୭ରେ)*

# ୩ ବର୍ଷରେ ୪୬ ରେଡ୍ ଫ୍ଲାଗ୍ ମାମଲା : ଗଞ୍ଜାମରେ ସର୍ବାଧିକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଅତ୍ୟନ୍ତ ସମ୍ବେଦନଶୀଳ ଅପରାଧ ଘଟଣାର ତଦନ୍ତ କିପରି ସଠିକ୍ ଭାବେ ହେବ ସେଥିପାଇଁ ପୋଲିସ ବିଭାଗରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଏହି ବ୍ୟବସ୍ଥା ଅନୁସାରେ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ କରାଯାଉଛି । ଦଣ୍ଡବିଧାନକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏଭଳି ନିୟମ କରାଯାଇଛି । ବିଶେଷ କରି ମହିଳା ବିରୋଧୀ ହିଂସା ତଥା ଅତ୍ୟନ୍ତ ସମ୍ବେଦନଶୀଳ ମାମଲାଗୁଡ଼ିକୁ ରେଡ୍ ଫ୍ଲାଗ୍ ଘୋଷଣା କରି ତଦନ୍ତ ପ୍ରକ୍ରିୟା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥାଏ । ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜର ୫ଟି ପୋଲିସ ଜିଲ୍ଲାରେ ଗତ ୩ ବର୍ଷ ମଧ୍ୟରେ ୪୬ଟି ମାମଲାକୁ ରେଡ୍ ଫ୍ଲାଗ ଘୋଷଣା କରାଯାଇଛି । କ୍ରାଇମ୍ ବ୍ରାଞ୍ଚର ସୁପାରିସ୍ କ୍ରମେ ରେଡ୍ ଫ୍ଲାଗ ଟ୍ୟାଗ୍ ଲାଗିଥାଏ । ଫଳରେ କ୍ରାଇବ୍ରାଞ୍ଚର ତତ୍ତ୍ୱାବଧାନରେ ସ୍ଥାନୀୟ ପୋଲିସ ଏହି ମାମଲାର ତଦନ୍ତ କରିଥାନ୍ତି । ସେହିପରି ୫୧ଟି ସମ୍ବେଦନଶୀଳ ହତ୍ୟା ମାମଲାକୁ ଅରେଞ୍ଜ ଫ୍ଲାଗ୍ ଘୋଷଣା କରାଯାଇଛି । ରେଞ୍ଜ ଆଇଜିଙ୍କ ନିର୍ଦ୍ଦେଶକ କ୍ରମେ ଏହି ଟ୍ୟାଗ୍ ଲାଗିଥାଏ । ଦକ୍ଷିଣାଂଚଳ ପୋଲିସ ରେଞ୍ଜ ଅଧୀନରେ ଗଞ୍ଜାମ, ବ୍ରହ୍ମପୁର, କନ୍ଧମାଳ, ଗଜପତି ଓ ବୌଦ୍ଧ ପୋଲିସ ଜିଲ୍ଲା ରହିଛି । ତନ୍ମଧ୍ୟରୁ ଅଧିକ ସମ୍ବେଦନଶୀଳ ପୋଲିସ ଜିଲ୍ଲା ହେଉଛି ଗଞ୍ଜାମ । ସେହି ଅନୁସାରେ ଏହି ଜିଲ୍ଲାରେ ଅଧିକ ରେଡ୍ ଫ୍ଲାଗ୍ ମାମଲା ମଧ୍ୟ ରହିଛି । ଗତ ୨୦୨୨ରୁ ୨୦୨୪ ମଧ୍ୟରେ ମୋଟ ୧୭ଟି ସମ୍ବେଦନଶୀଳ ମାମଲାକୁ ରେଡ୍ ଫ୍ଲାଗ୍ ଟ୍ୟାଗ୍ ମିଳିଛି । ତନ୍ମଧ୍ୟରେ ମହିଳା ବିରୋଧି ହିଂସା, ନାବାଳିକା ଦୁଷ୍କର୍ମ, ଗଣ ଦୁଷ୍କର୍ମ, ଏସିଡ୍ ମାଡ଼ ଭଳି ମାମଲା ରହିଥାଏ । ମାମାମଲାର ତଦନ୍ତ ଆରମ୍ଭ ଠାରୁ ଦଣ୍ଡବିଧାନ ପର୍ଯ୍ୟନ୍ତ ସବୁ କିଛି କ୍ରାଇମ୍ ବ୍ରାଞ୍ଚର ନଜରରେ ରହିଥାଏ । ଏଣୁ ଏଭଳି ମାମଲାରେ ଦଣ୍ଡବିଧାନର ହାର ନିଶ୍ଚିତ ଭାବେ ଅଧିକ ରହିଥାଏ । ସେହିପରି ଗତ ତିନି ବର୍ଷ ମଧ୍ୟରେ କନ୍ଧମାଳ ପୋଲିସ ଜିଲ୍ଲାରେ ୧୧ଟି ରେଡ୍ ଫ୍ଲାଗ ମାମଲା ରହିଥିବା ବେଳେ ବ୍ରହ୍ମପୁରରେ ୯, ଗଜପତିରେ ୮ ଓ ବୌଦ୍ଧ ପୋଲିସ ଜିଲ୍ଲାରେ ଗୋଟିଏ ମାମଲା ରହିଛି । ରେକର୍ଡ଼ ଅନୁସାରେ ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜରେ ଗତ ୨୦୨୨ରେ ୫ଟି ପୋଲିସ ଜିଲ୍ଲାର ୧୧ଟି ମାମଲାକୁ ରେଡ୍ ଫ୍ଲାଗ ଘୋଷଣା କରାଯାଇଥିବା ବେଳେ ୨୦୨୩ ରେ ୧୫ ଓ ୨୦୨୪ରେ ୨୦ଟି ମାମଲାକୁ ରେଡ୍ ଫ୍ଲାଗ୍ ଘୋଷଣା କରାଯାଇଛି । ନିକଟରେ ଛତ୍ରପୁର ଥାନା ଇଲାକାରେ ଗତ ଜାନୁଆରୀ ମାସରେ ଜନୈକା ନାବାଳିକାଙ୍କ ସହିତ ହୋଇଥିବା ଦୁଷ୍କର୍ମ ମାମଲାକୁ ରେଡ୍ ଫ୍ଲାଗ୍ କରାଯାଇଛି । କ୍ରାଇମ୍ ବ୍ରାଞ୍ଚର ତତ୍ତ୍ୱାବଧାନରେ ମାମଲାର ତଦନ୍ତ କରାଯାଇଛି । ସେହିପରି ଦକ୍ଷିଣାଂଚଳ ରେଞ୍ଜର ୫ଟି ପୋଲିସ ଜିଲ୍ଲାରେ ଗତ ୩ ବର୍ଷ ମଧ୍ୟରେ ୫୧ଟି ହତ୍ୟା ମାମଲାକୁ ଅରେଞ୍ଜ ଫ୍ଲାଗ୍ ଟ୍ୟାଗ୍ ମିଳିଛି । ଦକ୍ଷିଣାଞ୍ଚଳ ରେଞ୍ଜ କାର୍ଯ୍ୟାଳୟ ତରଫରୁ ଏହି ମାମଲାକୁ ସ୍ୱତନ୍ତ୍ର ଭାବେ ମନିଟରିଂ କରାଯାଉଛି । ସ୍ଥାନୀୟ ପୋଲିସ ମାମଲାର ତଦନ୍ତ କରୁଥିବା ବେଳେ ରେଞ୍ଜ କାର୍ଯ୍ୟାଳୟ ତରଫରୁ ଏହାର ପ୍ରତ୍ୟେକ ଦିଗକୁ ଅନୁଧାନ କରି ତଦାରଖ କରାଯାଇଛି । ଗଞ୍ଜାମ ପୋଲିସ ଜିଲ୍ଲାରେ ୧୭ଟି ହତ୍ୟା ମାମଲାକୁ ଅରେଞ୍ଜ ଫ୍ଲାଗ ଘୋଷଣା କରାଯାଇଥିବା ବେଳେ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ୧୩ଟି ମାମଲା, କନ୍ଧମାଳ ଜିଲ୍ଲାର ୮ଟି ମାମଲା, ଗଜପତି ଜିଲ୍ଲାର ୭ଟି ଓ ବୌଦ୍ଧ ଜିଲ୍ଲାର ୬ଟି ମାମଲାକୁ ଅରେଞ୍ଜ ଫ୍ଲାଗ୍ ଘୋଷଣା କରାଯାଇଛି ।

# ଟ୍ରାଫିକ୍ ଚାଲାଣ ଧରା ପକାଇଦେଲା ଚୋରି ହୋଇଥିବା ବାଇକ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଏକ ଆଶ୍ଚର୍ଯ୍ୟ ଜନକ ଘଟଣାରେ, ଜଣେ ଯୁବକ ଓଡ଼ିଶା ମୋଟର ଯାନ ବିଭାଗ ଦ୍ୱାରା ଜାରି ହୋଇଥିବା ଏକ ଟ୍ରାଫିକ ଚାଲାଣ ଯୋଗୁଁ ମାତ୍ର କେଇ ଘଣ୍ଟା ଭିତରେ ତାଙ୍କର ଚୋରି ହୋଇଥିବା ବାଇକ୍ ଫେରି ପାଇବାରେ ସଫଳ ହୋଇଛନ୍ତି । କମିଶନରେଟ ପୋଲିସ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଚୋରି ହୋଇଥିବା ବାଇକ୍, ଯାହାର ପଞ୍ଜିକରଣ ନମ୍ବର ଓଡି-୦୨-କ୍ୟୁ-୭୮୪୪ ଉଦ୍ଧାର କରିଛି । ଲିଙ୍ଗରାଜ ଥାନାରେ ସମସ୍ତ ପ୍ରକ୍ରିୟା ପୂରଣ ହେବା ପରେ ଯୁବକଙ୍କୁ ବାଇକ୍ ହସ୍ତାନ୍ତର କରାଯାଇଛି ।

ଘଟଣାଟି ଏପ୍ରିଲ ୧୫ ତାରିଖରେ ଘଟିଥିଲା, ଯେତେବେଳେ ଜଣେ ଯୁବକ ଲିଙ୍ଗରାଜ ଥାନା ଅଧୀନରେ ଥିବା ଓଲ୍ଡ ଟାଉନ ଅଞ୍ଚଳର ମୁଲ୍ଲାପଡ଼ିଆ ଖେଳପଡ଼ିଆକୁ କ୍ରିକେଟ ଖେଳିବାକୁ ଯାଇଥିଲେ । ସେ ତାଙ୍କର ବାଇକ୍ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଖେଳପଡ଼ିଆ ନିକଟରେ ପାର୍କ କରିଥିଲେ । ପ୍ରାୟ ଏକ ଘଣ୍ଟା ପରେ ଫେରିବା ବେଳେ ସେ ଦେଖିଲେ ଯେ ତାଙ୍କର ବାଇକ୍ ସେଠାରୁ ଗାୟବ ହୋଇଯାଇଥିଲା ।

ବ୍ୟାପକ ଖୋଜାଖୋଜି ଏବଂ ଆଖପାଖରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସତ୍ତ୍ୱେ, ଯୁବକ ଜଣକ ବାଇକ କିମ୍ବା ଚୋର ବିଷୟରେ କୌଣସି ସୂଚନା ପାଇ ନଥିଲେ । ଅନ୍ୟ କୌଣସି ଉପାୟ ନଥିବାରୁ ସେ ତାଙ୍କ ପରିବାରର ସହାୟତାରେ ଲିଙ୍ଗରାଜ ଥାନାରେ ଏକ ଅଭିଯୋଗ ଦାଖଲ କରିଥିଲେ ।

ଏକ ଅଦ୍ଭୁତ ଘଟଣାକ୍ରମେ, ବାଇକ୍ ଚୋରି ହେବାର ଏକ ଘଣ୍ଟା ଭିତରେ ଗାଡ଼ି ମାଲିକଙ୍କ ଫୋନରେ ଓଡ଼ିଶା ମୋଟର ଯାନ ବିଭାଗରୁ ଏକ ମେସେଜ୍ ଆସିଥିଲା । ମେସେଜରେ ହେଲମେଟ୍ ବିନା ବାଇକ୍ ଚଳାଇବା ପାଇଁ ଏକ ଟ୍ରାଫିକ ଚାଲାଣ ଜାରି ହୋଇଥିବା ସୂଚନା ସହ ଚୋରି ହୋଇଥିବା ବାଇକ୍‌ରେ ଅପରାଧୀର ଏକ ଫଟୋ ମଧ୍ୟ ଥିଲା ।

ଯୁବକଜଣକ ତୁରନ୍ତ ଏହି ମେସେଜ୍ ଏବଂ ଫଟୋ ପୋଲିସକୁ ଦେଖାଇ ଥିଲେ । ପୋଲିସ ଏହା ଆଧାରରେ ବାଇକ୍‌ଟିକୁ ଆଗତର୍ ରେ ଖୋଜି ବାହାର କରିଥିଲେ । ଅଭିଯୁକ୍ତକୁ ଗିରଫ କରି ଚୋରି ହୋଇଥିବା ଦୁଇଚକିଆ ବାଇକ୍‌ଟି ସଫଳତାର ସହ ଉଦ୍ଧାର କରାଯାଇଥିଲା ।

ଏହି ଘଟଣା ଓଡ଼ିଶାରେ ଟ୍ରାଫିକ ନିୟମ ପାଳନ ଏବଂ ଟେକ୍ନୋଲୋଜିର ବ୍ୟବହାର କିପରି ଅପରାଧ ନିୟନ୍ତ୍ରଣରେ ସହାୟକ ହୋଇପାରେ, ତାହାର ଏକ ଉଦାହରଣ । କମିଶନରେଟ ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଏବଂ ମୋଟର ଯାନ ବିଭାଗର ସମୟୋପଯୋଗୀ ସୂଚନା ଯୋଗୁଁ ଏକ ଚୋରି ମାମଲା ରେକର୍ଡ ସମୟ ଭିତରେ ସମାଧାନ ହୋଇଛି । ଏହା ସାଧାରଣ ଜନତାଙ୍କ ମଧ୍ୟରେ ପୋଲିସ ଓ ପ୍ରଶାସନ ପ୍ରତି ଆସ୍ଥା ବୃଦ୍ଧି କରିଛି ।

# ନଦୀରେ ପଶି ରିଲ୍ ଶୁଟିଂ କରୁଥିଲେ ମହିଳା, ପ୍ରବଳ ସ୍ରୋତରେ ଭାସିଗଲେ

**ନୂଆଦିଲ୍ଲୀ**

ଉତ୍ତରାଖଣ୍ଡରେ ଏକ ରିଲ୍ ସୁଟିଂ କରୁଥିବା ସମୟରେ ଜଣେ ମହିଳା ନଦୀରେ ବୁଡ଼ି ଭାସି ଯାଇଛନ୍ତି । ଯାହା ନେପାଳର ଏକ ପରିବାର ପାଇଁ ଏକ ମଜାଦାର ଛୁଟି ଏକ ଦୁଃଖଦ ଘଟଣାରେ ପରିଣତ ହୋଇଛି ।



ଉତ୍ତରାକାଶୀରେ ମହିଳା ଜଣକ ଗଙ୍ଗାର ଏକ ପ୍ରମୁଖ ଉତ୍ସ ଭାଗୀରଥୀ ନଦୀରେ ପ୍ରବେଶ କରି କ୍ୟାମେରାକୁ ଅନାଇ ରିଲ୍ ଶୁଟିଂ କରୁଥିଲେ ଏବଂ ହଠାତ୍ ପାଣିରେ ଖସି ପଡ଼ିଥିଲେ । ଏହି ସମୟରେ ତାଙ୍କ ଝିଅ ମମି, କହି ଚିତ୍କାର କରୁଥିବା ଶୁଣିବାକୁ ମିଳିଥିଲା, ଯେତେବେଳେ ମହିଳା ଜଣକ ପାଣିରୁ ବାହାରିବାକୁ ସଂଘର୍ଷ କରୁଥିଲେ । ତା'ପରେ ସେ ପ୍ରବଳ ସ୍ରୋତରେ ଭାସି ଯାଇଥିଲେ । ୩୫ ବର୍ଷୀୟା ମହିଳା ଉତ୍ତରାଖଣ୍ଡର ଉତ୍ତରକାଶୀରେ ତାଙ୍କ ସମ୍ପର୍କୀୟଙ୍କୁ ଭେଟିବାକୁ ଯାଇଥିଲେ । ସେ ତାଙ୍କ ୧୧ ବର୍ଷୀୟା ଝିଅ ସହିତ ମଣିକର୍ଣ୍ଣିକା ଘାଟକୁ ଯାଇଥିଲେ ଯେତେବେଳେ ଦୁର୍ଘଟଣା ଘଟିଥିଲା ।

ରିପୋର୍ଟ ଅନୁଯାୟୀ, ମହିଳା ଜଣକ ତାଙ୍କ ଝିଅକୁ ତାଙ୍କ ମୋବାଇଲ୍ ଫୋନ୍ ଦେଇଥିଲେ ଏବଂ ନଦୀରେ ତାଙ୍କ ଭିଡିଓ ତିଆରି କରିବାକୁ କହିଥିଲେ । ତେବେ ମହିଳା ଜଣକ ଭାସିଯିବା ପରେ ପାଖରେ ଥିବା ଲୋକମାନେ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ ଏବଂ ତୁରନ୍ତ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ଘଟଣା ସୋସିଆଲ ମିଡିଆ ରିଲ୍ ସୁଟିଂ ସମୟରେ ସୁରକ୍ଷାକୁ ପ୍ରାଥମିକତା ଦେବାର ଏକ ଭୟଙ୍କର ସ୍ମରଣକାରୀ ଘଟଣାକୁ ମନେ ପକାଇଦେଇଛି ।

ଗତ ବର୍ଷ ଜୁଲାଇରେ, ମହାରାଷ୍ଟ୍ରର ରାୟଗଡ଼ ନିକଟରେ ଏକ ରିଲ୍ ସୁଟିଂ କରୁଥିବା ସମୟରେ ଜଣେ ଇନଷ୍ଟାଗ୍ରାମ ଇନଫ୍ଲୁଏନ୍ସର ଘାଟିରେ ପଡ଼ି ମୃତ୍ୟୁବରଣ କରିଥିଲେ । ତାଙ୍କ ବନ୍ଧୁମାନଙ୍କ ସହିତ ବୁଲିବାକୁ ଯାଇଥିବା ବେଳେ ୨୬ ବର୍ଷୀୟ ଆନଭି କାମଦାର ଭିଡିଓ ସୁଟିଂ କରିବା ସମୟରେ ଏକ ଗଭୀର ଖାଲରେ ଖସି ପଡ଼ିଥିଲେ ।

# ଶାଗ ତୋଳିବାବେଳେ ବିଦ୍ୟୁତ ଆଘାତରେ ମହିଳାଙ୍କ ମୃତ୍ୟୁ

**ଲାଞ୍ଜିଗଡ଼, ନ୍ୟୁଜ୍ ବ୍ୟୁରୋ**

ଗାଁ ନିକଟ ଚାଷ ଜମିରେ ଶାଗ ତୋଳିବାବେଳେ ୧୩୨ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଥାନା ବାତେଲିମା ପଞ୍ଚାୟତ ବେଲମ୍ବା ଗାଁର ଫୁଲ ମାଝୀ(୩୫) । ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ସେ ଗାଁ ପାଖ ଚାଷ ଜମିରେ ଥିବା ବରଡ଼ା ଗଛରୁ ଶାଗ ତୋଳିବାକୁ ଯାଇଥିଲେ । ଉକ୍ତ ଗଛ ନିକଟ ଦେଇ ସିନ୍ଧିବହାଲିକୁ ୧୩୨ କେଭି ବିଦ୍ୟୁତ ତାର ଯାଇଥିବାବେଳେ ଝଡ଼ ତୋଫାନ ଯୋଗୁ ଏହି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ଝୁଲିପଡ଼ି ଗଛରେ ଲାଗି ରହିଥିଲା । ଫୁଲ ଶାଗ ତୋଳିବା ସମୟରେ ବିଦ୍ୟୁତ ତାରକୁ ଦେଖି ପାରି ନ ଥିଲେ । ବିଦ୍ୟୁତ ତାରରୁ ଗଛରେ ପ୍ରବାହିତ ବିଦ୍ୟୁତ ଯୋଗୁ ଘଟଣାସ୍ଥଳରେ ହିଁ ତାଙ୍କ ଶରୀର ପୋଡ଼ିଯିବା ସହିତ ସେଠାରେ ମୃତ୍ୟୁ ଘଟିଥିଲା । ଖବର ପାଇ ବାତେଲିମା ସରପଞ୍ଚ କରୁଣା ମାଝୀଙ୍କ ସହିତ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ ।

ସୂଚନାଯୋଗ୍ୟ, ରାୟଗଡ଼ା ଜିଲ୍ଲା ଥେରୁବାଲି ଗ୍ରୀଡ଼ରୁ ସିନ୍ଧିବାହାଲିକୁ ୧୩୨ କେଭି ବିଦ୍ୟୁତ ଯୋଗାଣ ହେଉଥିବାବେଳେ ବର୍ଷ ବର୍ଷ ଧରି ଏହାର ପରିଚାଳନାରେ ଘୋର ଅବହେଳା କରାଯାଉଥିବା ଅଭିଯୋଗ ହେଉଛି । ଫଳରେ କେତେକ ସ୍ଥାନରେ ଏହି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ବିପଦସଂକୁଳ ଅବସ୍ଥାରେ ଓହଳି ରହିଛି । ଫୁଲଙ୍କର ତିନିପୁଅ ଓ ଗୋଟିଏ ଝିଅ ଅଛନ୍ତି । ବର୍ଷକ ତଳେ ଫୁଲଙ୍କ ସ୍ୱାମୀ ବାସୁ ମାଝୀଙ୍କ ମୃତ୍ୟୁ ଘଟିଥିବାବେଳେ ତିନୋଟି ପୁଅ ଓ ଝିଅଙ୍କୁ ନେଇ ବଡ଼ ଦୁଃଖ କଷ୍ଟରେ ଚଳୁଥିଲେ ଫୁଲ । ତାଙ୍କ ମୃତ୍ୟୁ ପରେ ଏବେ କୁନି ପୁଅ-ଝିଅ ସଂପୂର୍ଣ୍ଣ ବେସାହାରା ହୋଇ ପଡ଼ିଥିବାବେଳେ ସେମାନଙ୍କୁ କ୍ଷତିପୂରଣ ସହିତ ଉପଯୁକ୍ତ ଥଇଥାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି ।

# ୮୦ ବର୍ଷୀୟ ବୃଦ୍ଧାଙ୍କ ବଳାତ୍କାର ଘଟଣା : ଦୋଷୀଙ୍କୁ ୨୦ବର୍ଷ ଜେଲ୍

**କଟକ, ନ୍ୟୁଜ୍ ବ୍ୟୁରୋ**

୮୦ ବର୍ଷୀୟ ବୃଦ୍ଧାଙ୍କ ବଳାତ୍କାର ଦୋଷୀଙ୍କୁ ହୋଇଛି ୨୦ବର୍ଷ ଜେଲ । ୨୦୨୨ରେ କଟକରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ୮୦ବର୍ଷୀୟ ବୃଦ୍ଧାଙ୍କୁ ବଳାତ୍କାର ଘଟଣାରେ ରାୟ ପ୍ରକାଶ ପାଇଛି । କଟକ ଆଡହକ ଆଡସିନାଲ ସେସନ୍ସ ଜଜ ତଥା ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ-୨, ଏହି ଘଟଣାରେ ଅଭିଯୁକ୍ତ ଚେଲା ସରକାରକୁ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ଆସାମୀ ଉପରେ ୫୦ ହଜାର ଟଙ୍କାର ଜରିମାନା କରାଯାଇଛି ଓ ଜରିମାନା ଅନାଦାୟ ଆସାମୀ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାରୁ ସ୍ପଷ୍ଟ ଯେ, ୨୦୨୨ ଡିସେମ୍ବର ୧୨ ତାରିଖ ଦିନ ସ୍ଥାନୀୟ ବକ୍ସିବଜାର ପେନସନ ଲେନ ଅଞ୍ଚଳରେ ରହୁଥିବା ଜଣେ ବୃଦ୍ଧାଙ୍କ ଘରେ ଅଭିଯୁକ୍ତ ଚେଲା ମଦ୍ୟପାନ କରି ପଶି ଯାଇଥିଲା । ବୃଦ୍ଧାଙ୍କୁ ଏକୁଟିଆ ସୁଯୋଗ ପାଇ ଅଭିଯୁକ୍ତ ଚେଲା ସରକାର ତାଙ୍କୁ ବଳାତ୍କାର କରିଥିଲେ । ବୃଦ୍ଧା ଜଣକ ଚିତ୍କାର କରିବାରୁ ଅଭିଯୁକ୍ତ ଜାଗା ଛାଡ଼ି ପଳାଇଥିଲେ ।

# ନକଲି ସୁନା ବନ୍ଧକ ରଖି ଲକ୍ଷାଧିକ ଟଙ୍କାର ଠକେଇ : ମହିଳା ଗିରଫ





**ଭଞ୍ଜନଗର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅଞ୍ଚଳରେ ନକଲି ସୁନା ବନ୍ଧକ ରଖି ୫ ମହିଳାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ ସମାପଲ୍ଲୀ ଗ୍ରାମର ତମାଳ ନାୟକ । ତାଙ୍କୁ ସାରେ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଭଞ୍ଜନଗର ଜେଲ୍ ହାଜତକୁ ପଠାଇ ଦିଆଯାଇଛି । ଢୁଢୁଆ, ଲାଲସିଂ, ବାଉଁଶଲୁଣ୍ଡିର ୫ ମହିଳାଙ୍କ ପାଖରେ ବନ୍ଧକ ଥିବା ନକଲି ସୁନାମାଳ ଜବତ ହୋଇଛି ।

କିଛିମାସ ପୂର୍ବେ ତମାଳ ଢୁଢୁଆ ଗ୍ରାମକୁ ଆସି ଆଶା କର୍ମୀ କାଳିଆ ସେଠୀଙ୍କୁ ଏକ ସୁନାମାଳ ଦେଇ ତାହାକୁ ବନ୍ଧା ରଖି କିଛି ଟଙ୍କା ଦେବାକୁ କହିଥିଲେ । ଝିଅପୁଅଙ୍କ ଦେହ ଭଲ ନାହିଁ କହି ଟଙ୍କା ମାଗିଥିବାରୁ କାଳିଆ ମାଳ ରଖି ତାଙ୍କୁ ୧୫ ହଜାର ଟଙ୍କା ଦେଇଥିଲେ । ଏହାପରେ ଏବଂ ପୂର୍ବରୁ ତମାଳ ଆଉ ୪ ଜଣଙ୍କୁ ମଧ୍ୟ ନକଲି ସୁନା ମାଳି ଦେଇ ଟଙ୍କା ଠକି ନେଇଥିଲେ । କିଛିଦିନ ପରେ ସେ ଗ୍ରାମକୁ ଆଉ ଆସି ନ ଥିଲେ । କାଳିଆ ସନ୍ଦେହରେ ସୁନାମାଳଟିକୁ ଯାଞ୍ଚ କରିବା ପରେ ତାହା ନକଲି ବୋଲି ଜଣାପଡ଼ିଥିଲା । ଏ ନେଇ ଦେଇ ସେ ଗତ ୧୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ତଦନ୍ତ କରି ତମାଳଙ୍କୁ ଗିରଫ କରିଥିଲା । ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଥିବା ଆଶଙ୍କା କରି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି ।

# ମହିଳାଙ୍କୁ ଚାପିଦେଲା ଟ୍ରଲର : ଘଟଣାସ୍ଥଳରେ ଚାଲିଗଲା ଜୀବନ

**ବଡ଼ବିଲ, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ରାଜପଥ ୨୦ ଚମ୍ପୁଆ ପୋଷ୍ଟ ଅଫିସ ସମ୍ମୁଖରେ ଦୁର୍ଘଟଣା । ଜଣେ ମହିଳାଙ୍କୁ ଏକ ଟ୍ରେଲର ଚାପି ଦେବାରୁ ଘଟଣା ସ୍ଥଳରେ ହିଁ ମହିଳାଙ୍କର ମୃତ୍ୟୁ ଘଟିଛି । ଏବେ ସୁଦ୍ଧା ମୃତ ମହିଳାଙ୍କ ପରିଚୟ ମିଳି ପାରିନାହିଁ । ସୂଚନାଯୋଗ୍ୟ ଯେ, ରିମୁଳି ପଟୁ ଏକ ଲୁହାପଥର ବୋଝେଇ ଟ୍ରଲର ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ସମୟରେ ମହିଳାଙ୍କ ଉପରେ ମାଡ଼ିଯାଇଥିଲା । ସୂଚନା ପାଇ ଚମ୍ପୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଚମ୍ପୁଆ ମେଡିକାଲକୁ ପଠାଇଛି ।



ଟ୍ରଲରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି ପୋଲିସ ।

# ଡରାଇଲା ଭବିଷ୍ୟବାଣୀ : ଜୁଲାଇରେ ଆସିବ ଭୟଙ୍କର ସୁନାମୀ, ୩୦ଫୁଟ ଉଚ୍ଚତାରେ ଉଠିବ ଜୁଆର !

**ଟୋକିଓ**

ଜାପାନର ଜଣାଶୁଣା ଭବିଷ୍ୟବକ୍ତା ତଥା ପୂର୍ବତନ ମାଙ୍ଗା କଳାକାର ରୟୋ ତାତ୍ସୁକି, ଯିଏକି 'ଜାପାନର ବାବା ଭେଙ୍ଗା' ନାମରେ ପରିଚିତ, ଏକ ଭୟଙ୍କର ଭବିଷ୍ୟବାଣୀ କରିଛନ୍ତି । ସେ କହିଛନ୍ତି ଯେ ୨୦୨୫ ଜୁଲାଇରେ ଜାପାନ ସମେତ ଏସିଆର ବିଭିନ୍ନ ଅଞ୍ଚଳରେ ଏକ ବିପଜ୍ଜନକ ସୁନାମୀ ଆସିବାକୁ ଯାଉଛି । ଏହି ସୁନାମୀ ୨୦୧୧ ଟୋହୋକୁ ସୁନାମୀଠାରୁ ତିନି ଗୁଣ ବଡ଼ ହୋଇପାରେ ବୋଲି ସେ ଚେତାବନୀ ଦେଇଛନ୍ତି ।



ରୟୋ ତାତ୍ସୁକିଙ୍କର ପୂର୍ବ ଭବିଷ୍ୟବାଣୀ ମଧ୍ୟରେ ୧୯୯୧ରେ ଗାୟକ ଫ୍ରେଡି ମର୍କ୍ୟୁରୀଙ୍କ ମୃତ୍ୟୁ, ୧୯୯୫ରେ କୋବେ ଭୂମିକମ୍ପ ଓ ୨୦୧୧ରେ ଟୋହୋକୁ ଭୂମିକମ୍ପ ତଥା ସୁନାମୀ ଅନ୍ତର୍ଭୁକ୍ତ, ଯାହା ଫୁକୁଶିମା ପରମାଣୁ ସଙ୍କଟର କାରଣ ହୋଇଥିଲା । ଏହି ଭବିଷ୍ୟବାଣୀଗୁଡିକ ସଠିକ ହୋଇଥିବାରୁ ତାଙ୍କ ନାମ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିଛି ।

ତାତ୍ସୁକିଙ୍କ ଭବିଷ୍ୟବାଣୀ ଅନୁସାରେ, ଏହି ସୁନାମୀର କେନ୍ଦ୍ରବିନ୍ଦୁ ଜାପାନ, ତାଇୱାନ, ଇଣ୍ଡୋନେସିଆ ଓ ଉତ୍ତର ମାରିଆନା ଦ୍ୱୀପପୁଞ୍ଜକୁ ହେବ । ଏହି ସୁନାମୀ ଜାପାନ, ଫିଲିପାଇନ୍ସ, ତାଇୱାନ ଓ ଇଣ୍ଡୋନେସିଆର ଉପକୂଳବର୍ତ୍ତୀ ଅଞ୍ଚଳକୁ ପ୍ରଭାବିତ କରିପାରେ ବୋଲି ସେ ଆଶଙ୍କା କରିଛନ୍ତି ।

ବୈଜ୍ଞାନିକମାନେ ୨୦୨୫ରେ ଏପରି ଏକ ସୁନାମୀର ସମ୍ଭାବନାକୁ ଅସ୍ୱୀକାର କରିଛନ୍ତି, କାରଣ ଏପରି କୌଣସି ଭୂତାତ୍ତ୍ୱିକ ପ୍ରମାଣ ବର୍ତ୍ତମାନ ମିଳିନାହିଁ । ତେବେ ସେମାନେ ମାନିଛନ୍ତି ଯେ ଜାପାନ ପ୍ରଶାନ୍ତ ମହାସାଗରୀୟ ରିଙ୍ଗ ଅଫ ଫାୟାରରେ ଅବସ୍ଥିତ, ଯେଉଁଠାରେ ଭୂମିକମ୍ପ ଓ ସୁନାମୀ ସାଧାରଣ । ବିଶେଷକରି ନାଙ୍କାଇ ଟ୍ରଫ, ଯେଉଁଠାରେ ଏକ ବଡ଼ ଭୂମିକମ୍ପ ହେବ ଏବଂ ୩୦ଫୁଟରୁ ଅଧିକ ଉଚ୍ଚତାର ପାଣି ମାଡ଼ିଆସିବ ।

# ପୋଲିସ ପାଟ୍ରୋଲିଂ ବେଳେ ୧୪ ବସ୍ତା ଗଞ୍ଜେଇ ଜବତ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ସିର୍ତ୍ତିଗୁଡ଼ା ପଞ୍ଚାୟତର ଜଙ୍ଗୁଙ୍ଗିଆ ନିକଟସ୍ଥ ଜଙ୍ଗଲରେ ଗଞ୍ଜେଇ ଚାଲାଣ ହେଉଥିବା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେଠାରେ ପହଞ୍ଚିଥିଲା । ତେବେ ପୋଲିସ ଗାଡ଼ି ଆସୁଥିବା ଜାଣି ଚାଲାଣକାରୀ ଚମ୍ପଟ ମାରିଥିବା ବେଳେ ରାସ୍ତା କଡ଼ରେ ଗଞ୍ଜେଇ ଭର୍ତ୍ତି ୧୪ ବସ୍ତା ଜବତ ହୋଇଥିବା ସୂଚନା ମିଳିଛି । ପୋଲିସଠାରୁ ମିଳିଥିବା ସୂଚନା ଅନୁସାରେ ଉକ୍ତ ରାସ୍ତା ପାର୍ଶ୍ୱରେ ଗଞ୍ଜେଇ ଚାଲାଣ କରିବା ପାଇଁ ଚାଲାଣକାରୀ ଅପେକ୍ଷା କରିଥିବା ବେଳେ ପୋଲିସ ଗାଡ଼ିକୁ ଦେଖି ଅଭିଯୁକ୍ତମାନେ ଜଙ୍ଗଲକୁ ଦୌଡ଼ି ପଳାଇଥିଲେ । ପୋଲିସ ପେଟ୍ରୋଲିଂ ପାର୍ଟିରେ ଥିବା ଥାନା ଓଆଇସି ଅଶୋକ କୁମାର ତ୍ରିପାଠୀ ଓ ଦମୟନ୍ତୀ ବେହେରା, ଏଏସ୍ଆଇ ଉମାଶଙ୍କର ପେଡେଣ୍ଟି ଓ ସୁରେନ୍ଦ୍ର ରାଜହଂସଙ୍କ ସହିତ ପୋଲିସ କର୍ମଚାରୀଙ୍କ ସହ ମାଜିଷ୍ଟ୍ରେଟ ଭାବେ କ.ନୂଆଗାଁ ତହସିଲଦାର ଆନନ୍ଦ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଉକ୍ତ ଅଖାରେ ଥିବା ୩୫୭ କେଜି ଗଞ୍ଜେଇ ଜବତ କରିଥିଲେ । ଏ ସକ୍ରାନ୍ତରେ ଥାନା କେସ ନଂ ୬୭/୨୫ ରେ ଏକ ଏନଡିପିଏସ୍ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ପ୍ରକାଶ କରିଛନ୍ତି ।

# ବେଆଇନ ଗ୍ୟାସ୍ ସିଲିଣ୍ଡର ଗୋଦାମ୍‌ରେ ଚଢ଼ଉ : ୪୯ ସିଲିଣ୍ଡର ଜବତ





**ଫୁଲବାଣୀ, ନ୍ୟୁଜ୍ ବ୍ୟୁରୋ**

ସହରରେ ଦିନକୁ ଦିନ ଗ୍ୟାସ୍ ସିଲିଣ୍ଡର ଚୋରା କାରବାର ବଢ଼ିବାରେ ଲାଗିଛି । ସାହି ସାହିରେ ଖୋଲିଛି ବେଆଇନ ଏଲପିଜି ଗୋଦାମ । ଫଳରେ ଗ୍ରାହକମାନେ ଅଧିକ ଦାମ୍ ଦେଇ ସିଲିଣ୍ଡର କିଣିବାକୁ ବାଧ୍ୟ ହେଉଛନ୍ତି । ଏହାକୁ ନଜରରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର ସଦଳବଳ ଚଢ଼ଉ କରିଥିଲେ । ଚଢ଼ଉ ବେଳେ ନାରାୟଣୀ ସାହିର ସରୋଜ ଚନ୍ଦ୍ର ସାହୁଙ୍କ ଘରୁ ୪୯ଟି ଏଲପିଜି ସିଲିଣ୍ଡର ଜବତ କରାଯାଇଛି । ଏଥିରେ ଉଭୟ ଘରୋଇ ଏବଂ ବ୍ୟାବସାୟିକ ସିଲିଣ୍ଡର ରହିଛି । ଚଢ଼ଉରେ ଯୋଗାଣ ଅଧିକାରୀ ସ୍ୱର୍ଣ୍ଣମୟୀ ବିଶ୍ୱାଳ, ସହକାରୀ ଯୋଗାଣ ଅଧିକାରୀ ପି. ଭାର୍ଗବୀ, ଟିକାବାଲି ଯୋଗାଣ ଅଧିକାରୀ ଅଞ୍ଜନ କୁମାର ଦିଗାଲ ଓ ଫିରିଙ୍ଗିଆ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ଦାସ ପ୍ରମୁଖ ସାମିଲ ଥିଲେ । ଆଗକୁ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ମିଶ୍ର କହିଛନ୍ତି ।

# ଖଣିଜ ସମ୍ପଦରେ ଭରା ଓଡ଼ିଶାର ଶ୍ରେଷ୍ଠ ୬ ଜିଲ୍ଲା : ରାଜ୍ୟ ଅର୍ଥନୀତିର ମୂଳ ଶକ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ଭାରତର ଖଣିଜ ସମ୍ପଦରେ ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ, ଯାହା ଲୌହ ଖଣିଜ, କୋଇଲା, ବକ୍ସାଇଟ୍, ମାଙ୍ଗାନିଜ୍, କ୍ରୋମାଇଟ, ଚୂନ ପଥର ଏବଂ ଅନ୍ୟାନ୍ୟ ଖଣିଜ ପାଇଁ ପ୍ରସିଦ୍ଧ । ଏହାର ଭୂଗର୍ଭୀୟ ସମ୍ପଦ ରାଜ୍ୟର ଅର୍ଥନୀତି ଓ ଶିଳ୍ପାୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

କେନ୍ଦୁଝର : କେନ୍ଦୁଝର ଲୌହ ଖଣିଜ ଓ ମାଙ୍ଗାନିଜ୍ ଖଣି ପାଇଁ ଅତ୍ୟନ୍ତ ପ୍ରସିଦ୍ଧ । ଏହା ଭାରତର ଅନ୍ୟତମ ବୃହତ୍ ଲୌହ ଖଣିଜ ଉତ୍ପାଦନ କ୍ଷେତ୍ର । ଜିଲାର ବଡ଼ବିଲ, ଜୋଡ଼ା ଏବଂ ବାରବିଲ ଅଞ୍ଚଳରେ ବୃହତ୍ ପରିମାଣରେ ଲୌହ ଖଣିଜ ଖନନ କରାଯାଏ । ଏହା ଦେଶର ଇସ୍ପାତ ଶିଳ୍ପ ପାଇଁ ମୁଖ୍ୟ ଉତ୍ସ ଯୋଗାଇଥାଏ ।

ଅର୍ଥନୈତିକ ପ୍ରଭାବ : ଖଣି ଶିଳ୍ପ ଜିଲ୍ଲାରେ ହଜାର ହଜାର ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିଛି, କିନ୍ତୁ ପରିବେଶ ଓ ଜଙ୍ଗଲ ସଂରକ୍ଷଣ ଉପରେ ଏହାର ନକାରାତ୍ମକ ପ୍ରଭାବ ମଧ୍ୟ ଦେଖାଯାଏ ।

ଯାଜପୁର : ଜିଲ୍ଲା ଓଡ଼ିଶାର ଖଣିଜ ସମ୍ପଦରେ ସମୃଦ୍ଧ ଜିଲ୍ଲାମାନଙ୍କ ମଧ୍ୟରେ ଅନ୍ୟତମ, ଯାହା ରାଜ୍ୟର ଅର୍ଥନୀତି ଓ ଶିଳ୍ପାୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହି ଜିଲ୍ଲାରେ ବିଭିନ୍ନ ପ୍ରକାରର ଖଣିଜ ସମ୍ପଦ ରହିଛି, ଯାହା ମଧ୍ୟରେ ଲୌହ ଖଣିଜ, କ୍ରୋମାଇଟ୍ ଏବଂ ଅନ୍ୟାନ୍ୟ ଖଣିଜ ପ୍ରମୁଖ । ସୁକିନ୍ଦା ଉପତ୍ୟକା କ୍ରୋମାଇଟ୍ ଖଣି ପାଇଁ ବିଶ୍ୱବିଖ୍ୟାତ । ଏହା ଭାରତର ମୋଟ କ୍ରୋମାଇଟ୍ ଉତ୍ପାଦନର ଏକ ବଡ଼ ଅଂଶ ଯୋଗାଇଥାଏ ।

ଶିଳ୍ପ : ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ମାଇନିଂ କର୍ପୋରେସନ (ଓମଗଡ) ଭଳି ସଂସ୍ଥାମାନେ ଏହି ଅଞ୍ଚଳରେ କ୍ରୋମାଇଟ୍ ଖନନ କରନ୍ତି । ଯାଜପୁରର ଖଣିଜ ସମ୍ପଦ କଳିଙ୍ଗନଗରକୁ ଏକ ପ୍ରମୁଖ ଇସ୍ପାତ ଶିଳ୍ପ କେନ୍ଦ୍ରରେ ପରିଣତ କରିଛି । ଟାଟା ଷ୍ଟିଲ୍, ଜିନ୍ଦାଲ ଷ୍ଟିଲ୍, ଏବଂ ନୀଳାଚଳ ଇସ୍ପାତ ଭଳି ବଡ଼ କମ୍ପାନୀମାନେ ଏହି ଅଞ୍ଚଳରେ କାରଖାନା ସ୍ଥାପନ କରିଛନ୍ତି ।



ସୁନ୍ଦରଗଡ଼ : ସୁନ୍ଦରଗଡ଼ ଲୌହ ଖଣିଜ, କୋଇଲା, ଚୂନ ପଥର ଏବଂ ମାଙ୍ଗାନିଜ୍ ପାଇଁ ଜଣାଶୁଣା । ଏହାର କୋଇଲା ଖଣି ଶକ୍ତି ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଉରକେଲା ଓ ବଣାଇ ଅଞ୍ଚଳରେ ଖଣିଜ ସମ୍ପଦର ବ୍ୟାପକ ଖନନ ହୁଏ । ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏହି ଜିଲ୍ଲାର ଖଣିଜ ସମ୍ପଦ ଉପରେ ନିର୍ଭର କରେ ।

ଅର୍ଥନୈତିକ ପ୍ରଭାବ : ଖଣି ଓ ଇସ୍ପାତ ଶିଳ୍ପ ସୁନ୍ଦରଗଡ଼କୁ ଓଡ଼ିଶାର ଅର୍ଥନୈତିକ କେନ୍ଦ୍ରବିନ୍ଦୁରେ ପରିଣତ କରିଛି । ଏହା ଅଞ୍ଚଳରେ ନଗରୀକରଣ ଓ ଶିଳ୍ପାୟନକୁ ମଧ୍ୟ ତ୍ୱରାନ୍ୱିତ କରିଛି ।

ଅନୁଗୁଳ : ଅନୁଗୁଳ କୋଇଲା ଖଣି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ମହାନଦୀ କୋଲଫିଲ୍ଡସ୍‌ର ଏକ ପ୍ରମୁଖ ଅଂଶ । ତାଳଚେର ଅଞ୍ଚଳରେ ବୃହତ୍ ପରିମାଣରେ କୋଇଲା ଖଣ୍ଡନ ହୁଏ, ଯାହା ବିଦ୍ୟୁତ୍ ଉତ୍ପାଦନ ଓ ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ହୁଏ ।

ଅର୍ଥନୈତିକ ପ୍ରଭାବ : କୋଇଲା ଖଣି ଜିଲ୍ଲାରେ ରୋଜଗାର ସୃଷ୍ଟି କରିଛି ଏବଂ ଅନୁଗୁଳକୁ ଶକ୍ତି ଶିଳ୍ପର ଏକ କେନ୍ଦ୍ରବିନ୍ଦୁରେ ପରିଣତ କରିଛି । ଏନ୍‌ଟିପିସି ଭଳି ବଡ଼ ବିଦ୍ୟୁତ୍ ଉତ୍ପାଦନ ସଂସ୍ଥା ଏହି ଅଞ୍ଚଳରେ ସ୍ଥାପନ ହୋଇଛି ।

ଝାରସୁଗୁଡ଼ା : ଝାରସୁଗୁଡ଼ା କୋଇଲା ଓ ବକ୍ସାଇଟ୍ ଖଣି ପାଇଁ ପ୍ରସିଦ୍ଧ । ବକ୍ସାଇଟ୍ ଅଲୁମିନିୟମ ଉତ୍ପାଦନରେ ବ୍ୟବହୃତ ହୁଏ । ଇବ ଉପତ୍ୟକା ଅଞ୍ଚଳରେ କୋଇଲା ଖଣି ଏବଂ ବକ୍ସାଇଟ୍ ଖଣ୍ଡନ ହୁଏ । ଏହା ଅଲୁମିନିୟମ ଶିଳ୍ପ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଅର୍ଥନୈତିକ ପ୍ରଭାବ: ଝାରସୁଗୁଡ଼ା ଓଡ଼ିଶାର ଏକ ଶିଳ୍ପ ହବ୍ ଭାବେ ବିକଶିତ ହୋଇଛି, ଯେଉଁଠାରେ ବେଦାନ୍ତ ଭଳି କମ୍ପାନୀମାନେ ଅଲୁମିନିୟମ ଉତ୍ପାଦନ କରନ୍ତି ।


ମୟୂରଭଞ୍ଜ : ମୟୂରଭଞ୍ଜ ଲୌହ ଖଣିଜ, ମାଙ୍ଗାନିଜ୍ ଏବଂ ଅନ୍ୟାନ୍ୟ ଖଣିଜ ପାଇଁ ଜଣାଶୁଣା । ବାଙ୍ଗିରିପୋଷି ଓ ଗୋରୁମହିଷାଣୀ ଅଞ୍ଚଳରେ ଲୌହ ଖଣିଜ ଖଣ୍ଡନ ହୁଏ, ଯାହା ଇସ୍ପାତ ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ।

ଅର୍ଥନୈତିକ ପ୍ରଭାବ : ଖଣି ଶିଳ୍ପ ଜିଲ୍ଲାରେ ରୋଜଗାର ସୃଷ୍ଟି କରିଛି, କିନ୍ତୁ ଏହା ଅଞ୍ଚଳରେ ଶିଳ୍ପାୟନରେ ଅନ୍ୟ ଜିଲ୍ଲାଙ୍କ ତୁଳନାରେ କମ୍ ପ୍ରଭାବ ପକାଇଛି ।

ଏହି ୬ ଜିଲ୍ଲା କେନ୍ଦୁଝର, ଯାଜପୁର, ସୁନ୍ଦରଗଡ଼, ଅନୁଗୁଳ, ଝାରସୁଗୁଡ଼ା ଏବଂ ମୟୂରଭଞ୍ଜ ଓଡ଼ିଶାର ଖଣିଜ ଉତ୍ପାଦନରେ ମୁଖ୍ୟ ଭୂମିକା ନିର୍ବାହ କରନ୍ତି । ଏହି ଜିଲ୍ଲାଗୁଡ଼ିକର ଖଣିଜ ସମ୍ପଦ ରାଜ୍ୟ ତଥା ଦେଶର ଇସ୍ପାତ, ଶକ୍ତି ଏବଂ ଅଲୁମିନିୟମ ଶିଳ୍ପକୁ ଶକ୍ତି ଯୋଗାଇଥାଏ । ତେବେ, ଅତ୍ୟଧିକ ଖଣି କାର୍ଯ୍ୟ ଯୋଗୁଁ ପରିବେଶ ପ୍ରଦୂଷଣ, ଜଙ୍ଗଲ ନଷ୍ଟ ହେବା ଏବଂ ସ୍ଥାନୀୟ ଜନଜାତି ସମୁଦାୟ ଉପରେ ପ୍ରଭାବ ଭଳି ସମସ୍ୟା ମଧ୍ୟ ଦେଖା ଦେଇଛି । ସୁସ୍ଥିର ଖଣି ଅଭ୍ୟାସ ଏବଂ ପରିବେଶ ସଂରକ୍ଷଣ ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ ।

# ପୁନର୍ବାସ ସମାଚାରର ୱେବ ସଂସ୍କରଣ ଉନ୍ମୋଚିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ମାଧପୁରଠାରେ ଥିବା ପୁନର୍ବାସ ସମାଚାରର ସ୍ୱତନ୍ତ୍ର ଦୁଇମାସିକ, ଦୁଇଭାଷିକ ସମ୍ବାଦପତ୍ର 'ପୁନର୍ବାସ ସମାଚାର'ର ୱେବ୍ ସଂସ୍କରଣ ଉନ୍ମୋଚିତ ହୋଇଛି । ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାର ଏହି ସଂସ୍କରଣ ପୁନର୍ବାସ ସଂସ୍କରଣ ଡଟ୍ କମ୍ ଲଗ୍ ଇନ୍‌ରେ ସବୁଠାରେ ଏହାର ସହଜ ଉପଲବ୍ଧ ସମ୍ଭବ ହୋଇପାରିଛି । ଇଂରାଜୀ ପତ୍ରିକାରେ ବରିଷ୍ଠ ସାମ୍ବାଦିକ ଆଶୀଷ କୁମାର ସେନାପତି ପୁନର୍ବାସ କାର୍ଯ୍ୟାଳୟଠାରେ ପହଞ୍ଚି ୱେବ୍ ସଂସ୍କରଣକୁ ଲୋକାର୍ପିତ କରିଥିଲେ । ଏହି ସଂସ୍କରଣ ଦ୍ୱାରା ଭିନ୍ନକ୍ଷମତା ସଂପର୍କିତ ଅନେକ ଉପାଦେୟ ତଥ୍ୟ, ବିଷୟବସ୍ତୁ ସୂଚନା ବ୍ୟକ୍ତିତ୍ୱ ଓ ସାଂପ୍ରତିକ ବିକାଶୀଳ ଖବର ସଂପର୍କରେ କେବଳ ଭିନ୍ନକ୍ଷମ ପାଠକମାନେ ନୁହନ୍ତି ଅଧିକନ୍ତୁ ସାଧାରଣ ପାଠକ ଉପକୃତ ହୋଇପାରିବେ । ଏହି ଉନ୍ମୋଚନ ସମୟରେ ସଂପାଦିକା ବନସ୍ମିତା ନାୟକ ପୁନର୍ବାସ ଅନୁଷ୍ଠାନର ସଦସ୍ୟ ବଂଶୀଧର ମହାନ୍ତି, ମହମ୍ମଦ ଜାହିଦ୍ ଖାନ୍, ସଂଜୀବ କୁମାର ଜେନା, ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଅପ୍ରେଲ ୨୦୨୫ ମଙ୍ଗଳବାର





# ଅରୁନ୍ଧତୀ ବାନ୍ଧକଳା ବୁଣାକାରଙ୍କ ସାମାଜିକ ଓ ଆର୍ଥିକ ବିକାଶରେ ସହାୟକ ହେବ:ଉପମୁଖ୍ୟମନ୍ତ୍ରୀ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ଛେପାପାଲି ଗାଁରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା 'ଅରୁନ୍ଧତୀ ବାନ୍ଧକଳା'ର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମିପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ହସ୍ତତନ୍ତ ଓ ବୟନ ଶିଳ୍ପର ଏହି ଅତ୍ୟାଧୁନିକ ଉଦ୍ୟୋଗ ସୁବର୍ଣ୍ଣପୁର ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାର ହସ୍ତତନ୍ତକୁ କଳାତ୍ମକ କାରିଗରୀ ସହ ବିପଣନରେ ସହାୟକ ହୋଇପାରିବ ବୋଲି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ବୁଣାକାର ସମ୍ପ୍ରଦାୟର ଅନ୍ତର୍ନିହିତ ଦକ୍ଷତା ଏବଂ କଳାକୁ ଉଚ୍ଚତମ ଶିଖରକୁ ପହଞ୍ଚାଇବା, ହସ୍ତତନ୍ତ ଐତିହ୍ୟର ସଂରକ୍ଷଣ ଏବଂ ପାରମ୍ପରିକ




କାରିଗରୀର ପୁନରୁଦ୍ଧାର ସୁନିଶ୍ଚିତତା, ଯୁବପିଢ଼ି ଓ ମହିଳା ଶିଳ୍ପୀଙ୍କ ବୟନକଳା ପ୍ରତି ଆକର୍ଷିତ କରିବା, ଅସଂଗଠିତ ହସ୍ତତନ୍ତ କାରିଗରଙ୍କୁ ଗଠନମୂଳକ ଭାବେ କୁଟୀର ଶିଳ୍ପର ରୂପ ଦେବା ସହ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନର ବିକାଶ ଲକ୍ଷ୍ୟ ରହିଛି । ୧୦ ଏକର ପରିମିତ ଅରୁନ୍ଧତୀ ବାନ୍ଧକଳା କ୍ୟାମ୍ପସରେ ୩ ହଜାର ତନ୍ତ ପ୍ରତିଷ୍ଠା ସହ ୫ ହଜାରରୁ ଅଧିକ ବୁଣାକାରଙ୍କୁ ସ୍ୱାବଲମ୍ବନ ହୋଇପାରିବେ । ବିଶେଷକରି, ସୁବର୍ଣ୍ଣପୁରୀ ପାଟଶାଢ଼ୀ ଓ ଡ୍ରେସ୍ ମେଟେରିଆଲ୍ ବସ୍ତ୍ର ଉତ୍ପାଦନକାରୀ ହଜାର ହଜାର ବୁଣାକାର, ରଙ୍ଗକାର ଓ ବାନ୍ଧଶିଳ୍ପୀ ଏହି ପ୍ରକଳ୍ପରୁ ଉପକୃତ ହୋଇପାରିବେ । ଏହି ଅବସରରେ ଆୟୋଜିତ ଭୂମିପୂଜନ ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ସମ୍ମାନିତ ଅତିଥି ଭାବେ ସାଂସଦ ସଂଗୀତା କୁମାରୀ ସିଂହଦେଓ, ବିଧାୟକ ରଘୁନାଥ ଜଗଦଲା, ଜିଲ୍ଲାପାଳ ଅନ୍ୟା ଦାସ ଏବଂ ଅରୁନ୍ଧତୀ ବାନ୍ଧକଳାର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇ ୭ ଜଣ ହସ୍ତତନ୍ତ ଶିଳ୍ପୀଙ୍କୁ ସମ୍ମାନିତ କରିବା ସହ ୨୦ ଜଣ ମହିଳା ବୁଣାକାରଙ୍କୁ ଅତ୍ୟାଧୁନିକ ହସ୍ତତନ୍ତ ଯନ୍ତ୍ର ବଣ୍ଟନ କରିଥିବା ବେଳେ ଏହି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ବଣ୍ଟନ କରିଥିଲେ । ସମାରୋହରେ ସୁବର୍ଣ୍ଣପୁର ଜିଲ୍ଲାର ହଜାର ହଜାର ବୟନ ଓ ବାନ୍ଧଶିଳ୍ପୀମାନେ ଅଂଶଗ୍ରହଣ କରିଥିଲେ ।

# ଯୁବକଙ୍କୁ ଗୁଳି କରି ପଥରରେ ଛେଚି ହତ୍ୟା

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଢେଙ୍କାନାଳରେ ଜଣେ ଯୁବକଙ୍କୁ ଗୁଳି କରି ପଥରରେ ଛେଚି ହତ୍ୟା କରାଯାଇଛି । ରବିବାର ରାତିରେ ଏହି ଭୟଙ୍କର ଘଟଣା ଘଟିଛି । ଢେଙ୍କାନାଳ ଟାଉନ୍ ଥାନା ସୀମା ଅନ୍ତର୍ଗତ କାରିଗରା ସାହିରେ ଏଭଳି ଅଭାବନୀୟ ଘଟଣା ଘଟିଥିବା ପୋଲିସ କହିଛି । ମୃତକଙ୍କ ନାମ ମହେଶ୍ୱର ବେହେରା, ଯିଏକି ଟାଇଟାନ୍ ନାମରେ ମଧ୍ୟ ଜଣାଶୁଣା । ଢେଙ୍କାନାଳର କାରିଗରା ସାହିର ବୋଲି ଚିହ୍ନଟ ହୋଇଛି । ରିପୋର୍ଟ ଅନୁସାରେ, ରାତି ପ୍ରାୟ ୧୧ଟା ସମୟରେ ଟାଇଟାନ୍ ଘରକୁ ଫେରୁଥିବା ବେଳେ କିଛି ଦୁର୍ବୃତ୍ତ ହଠାତ୍ ତାଙ୍କ ଉପରେ ଗୁଳି ଚଳାଇଥିଲେ । ଗୁଳି ବାଜିବା ସମୟରେ ତାଙ୍କ ଗୋଡ଼ରେ ୨ ରାଉଣ୍ଡ ଗୁଳି ବାଜିବା ପରେ ସେ ଘଟଣାସ୍ଥଳେ ପଡ଼ିଯାଇଥିଲେ । ଘଟଣାଟି ତାଙ୍କ ଘର ଠାରୁ ଅଳ୍ପ ଦୂରରେ ଘଟିଥିଲା ଏବଂ ଗୁଳି ଶବ୍ଦ ଶୁଣି ତାଙ୍କ ସ୍ତ୍ରୀ ବାହାରକୁ ଦୌଡ଼ି ଆସିଥିଲେ । ଯେତେବେଳେ ଟାଇଟାନ୍ ଖସିଯିବାକୁ ଚେଷ୍ଟା କଲେ, ଦୁର୍ବୃତ୍ତମାନେ ତାଙ୍କୁ ଅନ୍ୟ ଏକ ସ୍ଥାନକୁ ଟାଣି ନେଇ ପଥର ଫୋପାଡ଼ି ଘଟଣାସ୍ଥଳରୁ ପଳାଇଯାଇଥିଲେ । ପରେ ତାଙ୍କୁ ଉଦ୍ଧାର କରାଯାଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୂର୍ବ ଶତ୍ରୁତା ଯୋଗୁ ଏହି ଅପରାଧ ଘଟିଥିବା ସନ୍ଦେହ କରାଯାଉଛି । ମୃତକଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି ଯେ, ଟାଇଟନ୍‌ଙ୍କୁ ଆକ୍ରମଣକାରୀମାନେ ଏକ ମାସ ପୂର୍ବରୁ ଆକ୍ରମଣ କରିଥିଲେ ଏବଂ ତାଙ୍କ ହାତ ଭାଙ୍ଗି ଦିଆଯାଇଥିଲା । ଢେଙ୍କାନାଳ ଟାଉନ୍ ପୋଲିସ ଷ୍ଟେସନ୍ ଏହି ମାମଲାର ତଦନ୍ତ କରୁଛି । ଏହି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ, ଏହି ମାମଲାରେ କୌଣସି ଅଭିଯୁକ୍ତଙ୍କୁ ଅଟକ କିମ୍ବା ଗିରଫ କରାଯାଇନଥିଲା ।

# ପ୍ରଶାସନିକ କ୍ଷେତ୍ରରେ ସ୍ଥାନାନ୍ତର ହେଲେ ଡିସିପିଓ

**କୋରାପୁଟ, ନ୍ୟୁଜ୍**

କୋରାପୁଟ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ବାରମ୍ବାର ଅଭିଯୋଗ ପରେ ଶେଷରେ କୋରାପୁଟ ଜିଲ୍ଲାରୁ ସ୍ଥାନାନ୍ତରିତ କରାଯାଇଛି । ଦିର୍ଘ ୧୨ ବର୍ଷ ଧରି କୋରାପୁଟ ଜିଲ୍ଲାରେ ଶିଶୁ ସୁରକ୍ଷା ଅଧିକାରୀ ରୂପେ ରାଜୁତି କରୁଥିବା ଡିସିପିଓ ରାଜଶ୍ରୀ ଦାସଙ୍କୁ ଶେଷରେ ପ୍ରଶାସନିକ କ୍ଷେତ୍ରରେ ସ୍ଥାନାନ୍ତରିତ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୬୦/୨୦୨୫, ତା ୮.୩.୨୦୨୫ରେ କାରଣ ଦର୍ଶାଅ ନୋଟିସ୍ ଡିସିପିଓଙ୍କୁ ଜାରି କରାଯାଇଥିଲା । ସେଥିରେ ଡିସିପିଓ ଅଧସ୍ତନ କର୍ମଚାରୀ ଏବଂ ଶିଶୁ ସୁରକ୍ଷା ଅନୁଷ୍ଠାନ ପ୍ରତି ଅନୁପଯୁକ୍ତ ଓ ଆବୃତିଗତ ବ୍ୟବହାର କରୁଥିବା ନେଇ ଦର୍ଶାଯାଇଛି । ଏହିଭଳି ଅଭିଯୋଗର କାରଣ ଦର୍ଶାଇବା ପାଇଁ ଜିଲ୍ଲାପାଳ ନୋଟିସ୍ ଜାରି କରିଥିଲେ ମଧ ତାହାର ଉତ୍ତର ଡିସିପିଓ ଦେଇନଥିଲେ । ପରବର୍ତି ସମୟରେ ପୁଣି ଥରେ ଜିଲ୍ଲାପାଳ ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ପତ୍ର ସଂଖ୍ୟା ୮୮୩/୨୦୨୫, ତା ୫.୪.୨୦୨୫ରେ ନୋଟିସ୍ କରିଥିଲେ । ତେବେ ଗତ ୧୯ ତାରିଖରେ ରାଜ୍ୟ ସରକାରଙ୍କ ମହିଳା ଶିଶୁ ବିଭାଗର ଶିଶୁ ସୁରକ୍ଷା ସୋସାଇଟି ପକ୍ଷରୁ ଅଫିସ ଅର୍ଡର ବାହାରିଥିଲା । ଯେଉଁଥିରେ କୋରାପୁଟ ଡିସିପିଓ ରାଜଶ୍ରୀ ଦାସଙ୍କୁ ପ୍ରଶାସନିକ କ୍ଷେତ୍ରରେ କୋରାପୁଟରୁ ଗଞ୍ଜାମ ଜିଲ୍ଲାର ଡିସିପୟୁକୁ ସ୍ଥାନାନ୍ତରିତ କରାଯାଇଛି । ଆଦେଶ ବାହାରିବା ପରେ କୋରାପୁଟ ଜିଲ୍ଲାପାଳ ଡିସିପିଓଙ୍କୁ ୨୧ ତାରିଖରେ ରିଲିଭ କରିଛନ୍ତି । ଫଳରେ ସେ ତାଙ୍କର ସ୍ଥାନାନ୍ତରିତ ସ୍ଥାନରେ ଯୋଗ ଦେବେ ।

# 'ବାଞ୍ଛାନିଧି ଥିଲେ ଜନଚେତନା ଓ ଗଣ ସଂଗ୍ରାମର ଚାରଣ କବି'



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ସ୍ମୃତି ପରିଷଦ, ଭଦ୍ରକଙ୍କ ସହଯୋଗରେ ଜିଲ୍ଲା ସଂସ୍କୃତି ଭବନ ଠାରେ ସାହିତ୍ୟିକ ଡାକ୍ତର ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ କବି ବାଞ୍ଛାନିଧିଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । 'ମହାନ୍ ସ୍ୱାଧୀନତା ସଂଗ୍ରାମୀ ବାଞ୍ଛାନିଧିଙ୍କ ସଂଗୀତ ସାଧାରଣ ଲୋକଙ୍କୁ ଜାତୀୟତା ମନ୍ତ୍ରରେ ଉଦ୍‌ବୁଦ୍ଧ କରି ବିପ୍ଳବ ପାଇଁ ସଂଗଠିତ କରୁଥିଲା । ତାଙ୍କ ସଂଗୀତ ଥିଲା ଆମ୍ଭର ସଂଗୀତ, ଆଗାମୀ ନୂଆ ସକାଳର ଆବାହନୀ ମନ୍ତ୍ର । ସେ ଥିଲେ ଜନଚେତନା ଓ ଗଣସଂଗ୍ରାମର ଚାରଣ କବି ବୋଲି ସଭାରେ ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଛନ୍ତି ।' ଏହି ଉତ୍ସବରେ ସାହିତ୍ୟିକ ଡ. ଶଶଧର ଦାସ ବରେଣ୍ୟ ଅତିଥି ଡ. ରବୀନ୍ଦ୍ର ବିହାରୀ ସମ୍ମାନୀୟ ଅତିଥି, ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ବିଶିଷ୍ଟ ସାମ୍ୟବାଦୀ କବି ନିରାକାର ଦାସ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରିଥିଲେ । କବି ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶିଷ୍ଟ ପ୍ରଗତିଶୀଳ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କୁ ବାଞ୍ଛାନିଧି ସ୍ମୃତି ପରିଷଦ ପକ୍ଷରୁ ବାଞ୍ଛାନିଧି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । କାଦମ୍ବିନୀର ସହ ସଂପାଦକ ଅମିତାଭ ଖିଲାର ମାନପତ୍ର ପାଠ କରିଥିବା ବେଳେ ଶେଷସ୍ପର୍ଶ ଦେଇଥଲେ ଅନୁଷ୍ଠାନର ସହସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି । ଭଦ୍ରକ ସଂଗୀତ ମହାବିଦ୍ୟାଳୟ ପକ୍ଷରୁ କବିଙ୍କ ରଚିତ ଦେଶ ପ୍ରେମ ସଂଗୀତ ଗାନ କରାଯାଇଥିଲା । ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଗଞ୍ଜାମ ଜିଲ୍ଲାର ୧୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ଏକ୍ସରେ:ରୋଗୀ ହଟହଟା


**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ଯୋଗାଇଦେବା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରୁଛନ୍ତି । ଏହା ସହ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ ନିମନ୍ତେ ନିରାମୟ ଓ ରୋଗ ଚିହ୍ନଟ ନିମନ୍ତେ ନିଦାନ ଭଳି ଯୋଜନାରେ ମାଗଣାରେ ବିଭିନ୍ନ ପରୀକ୍ଷା କରିବାର ସୁବିଧା ରହିଛି । ଏଥିପାଇଁ ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ତେବେ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳରେ ରୋଗଙ୍କ ନିଦାନ ନିମନ୍ତେ ଏକ୍ସରେ ବ୍ୟବସ୍ଥା ନଥିବା ଜଣାପଡ଼ିଛି । ଫଳରେ ଅସ୍ଥିଶଲ୍ୟ ସମ୍ପର୍କିତ ନିଦାନ କରିବାରେ ସମସ୍ୟା ଉପୁଜିଛି । ଏଭଳି ପରିସ୍ଥିତିରେ ସମ୍ପୃକ୍ତ ଅଞ୍ଚଳର ରୋଗୀମାନେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ ଅଥବା ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡ଼ିକାଲ୍ ଉପରେ ନିର୍ଭର କରୁଛନ୍ତି । ଜିଲ୍ଲାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ବିଭିନ୍ନ ସ୍ଥାନରେ ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ ସାଙ୍ଗକୁ ୨୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥା କରାଯାଇ ଏଠାରେ ମେଡ଼ିକାଲ୍ ଅଫିସରଙ୍କ ଠାରୁ ସଫେଇ କର୍ମଚାରୀଙ୍କ ପର୍ଯ୍ୟନ୍ତ ବହୁ କର୍ମଚାରୀଙ୍କୁ ନିୟୋଜିତ ମଧ କରାଯାଇଛି । ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଯାଇ ପ୍ରତ୍ୟେକ ସିଏଚ୍‌ସିରେ ମାସିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି । ସେହିଭଳି ରୋଗୀଙ୍କ ଏକ୍ସରେ ନିମନ୍ତେ ଜିଲ୍ଲାର ସମସ୍ତ ସିଏଚ୍‌ସିରେ ଗୋଟିଏ ଲେଖାଏଁ ରେଡ଼ିଓଗ୍ରାଫର ପଦବୀ ରହିଛି । ତେବେ କୁକୁଡ଼ାଖଣ୍ଡି, ଦିଗପହଣ୍ଡି, ଚିକିଟି, ବେଲଗାଁ ଓ ଜଗନ୍ନାଥପ୍ରସାଦ ଆଦି ସିଏଚ୍‌ସିରେ ରେଡ଼ିଓଗ୍ରାଫର ପଦବୀ ଖାଲିପଡ଼ିଛି । ସେହିଭଳି ଅବଶିଷ୍ଟ ସିଏଚ୍‌ସିରେ ଜଣେ ଲେଖାଏଁ ରେଡ଼ିଓଗ୍ରାଫରଙ୍କୁ ନିଯୁକ୍ତି ଦିଆଯାଇଛି । ତେବେ ସବୁଠାରୁ ବଡ଼ କଥା ହେଲା ଜିଲ୍ଲାର ୧୪ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ରେଡ଼ିଓଗ୍ରାଫର ରହିଥିଲେ ହେଁ ସେଠାରେ ଏକ୍ସରେ ମେସିନ୍ ନଥିବା ଜଣାପଡ଼ିଛି । ଯଦ୍ୱାରା ଉକ୍ତ କେକନ୍ଦ୍ର ଗୁଡ଼ିକରେ କାର୍ଯ୍ୟରତ ରେଡ଼ିଓଗ୍ରାଫରଙ୍କୁ ଅନ୍ୟ ସିଏଚ୍‌ସିକୁ ଡେ଼ପୁଟେସନ୍‌ରେ ପଠାଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଏଭଳି ପରିସ୍ଥିତିରେ ବ୍ରହ୍ମପୁର ସହର ଠାରୁ ୩୦ରୁ ୪୦ କିଲୋମିଟର ଦୂରରେ ଥିବା ଚିକିଟୀ, ପୁରୁଷୋତମପୁର ଓ ପୋଲସରା ଭଳି ସିଏଚ୍‌ସିରେ ଅସ୍ଥିଶଲ୍ୟ ବିଭାଗର ରୋଗୀଙ୍କ ପାଇଁ ଏକ୍ସରେ ସୁବିଧା ନାହିଁ । ଫଳରେ ଏହି ଅଞ୍ଚଳର ରୋଗୀମାନେ ବାଧ ହୋଇ ଅଧିକ ଖର୍ଚ୍ଚାନ୍ତ ହୋଇ ଏକ୍ସରେ ନିମନ୍ତେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ୍ କିମ୍ବା ଅନ୍ୟ କୌଣସି ଘରୋଇ ଡାଏଗ୍ନୋଷ୍ଟିକ୍ ସେଣ୍ଟର ଉପରେ ନିର୍ଭର କରୁଛନ୍ତି । ତେଣୁ ଜିଲ୍ଲାର ସମସ୍ତ ସିଏଚ୍‌ସିରେ ତୁରନ୍ତ ଏକ୍ସରେ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଏନେଇ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ଭବାନୀ ଶଙ୍କର ମିଶ୍ରଙ୍କ ସହ ଯୋଗାଯୋଗ କରାଯିବାରେ ଏଭଳି ସମସ୍ୟା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିବା ସେ କହିଛନ୍ତି । ବିଭାଗ ପକ୍ଷରୁ ଏକ୍ସରେ ମେସିନ୍ ଯୋଗାଣ ହେଲେ ଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଏକ୍ସରେ ସମ୍ପର୍କିତ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି ।

# ଟାଙ୍କିରୁ ନିଖୋଜ ବାଳକର ମୃତଦେହ ଉଦ୍ଧାର:ଦାଦା ଅଟକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୁରୀ ଜିଲ୍ଲାର ଡେଲାଙ୍ଗ ଥାନା ଅନ୍ତର୍ଗତ ରତନପୁର ଗାଁରେ ଥିବା ନିଜ ଘରର ସେପ୍ଟିକ୍ ଟ୍ୟାଙ୍କରୁ ଏପ୍ରିଲ ୧୫ ତାରିଖରେ ନିଖୋଜ ହୋଇଥିବା ଜଣେ ୧୧ ବର୍ଷୀୟ ବାଳକର ମୃତଦେହ ୭ ଦିନ ପରେ ସୋମବାର ଦିନ ଉଦ୍ଧାର କରାଯାଇଛି । ରିପୋର୍ଟ ଅନୁଯାୟୀ, ହତ୍ୟାକାଣ୍ଡ ସମ୍ପର୍କରେ ମୃତକ ଆଶୀର୍ବାଦ ସାହୁଙ୍କ ଦାଦାଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା, କିନ୍ତୁ ପ୍ରଥମେ ତାଙ୍କୁ ଛାଡି ଦିଆଯାଇଥିଲା । ତଥାପି, ପୋଲିସ ତାଙ୍କ ଉପରେ କଡ଼ା ନଜର ରଖି ରବିବାର ରାତିରେ ଟାଙ୍ଗୀ ଚାନ୍ଦପୁରର ଏକ ଢାବାରୁ ତାଙ୍କୁ ପୁଣି ଗିରଫ କରିଥିଲା । ଅଧିକ ପଚରାଉଚରା ସମୟରେ, ସନ୍ଦିଗ୍ଧ ବ୍ୟକ୍ତି ଅପରାଧ ସ୍ୱୀକାର କରିଥିଲେ । ପୋଲିସ ରତନପୁର ଗ୍ରାମର ତାଙ୍କ ଘରର ସେପ୍ଟିକ୍ ଟ୍ୟାଙ୍କରୁ ଆଶୀର୍ବାଦଙ୍କ ମୃତଦେହ ଉଦ୍ଧାର କରିଥିଲା । ପୋଲିସ ସନ୍ଦେହ କରୁଛି ଯେ, ଏହି ହତ୍ୟାକାଣ୍ଡ ପୂର୍ବ ଶତ୍ରୁତାରୁ ହୋଇପାରେ, କିନ୍ତୁ ଏପର୍ଯ୍ୟନ୍ତ କିଛି ନିଶ୍ଚିତ ହୋଇନାହିଁ । ସତ୍ୟ ଉନ୍ମୋଚନ ପାଇଁ ତଦନ୍ତ ଜାରି ରହିଛି ଏବଂ ପୋଲିସ ଅଭିଯୁକ୍ତ ଦାଦାଙ୍କ ଠାରୁ ଅଧିକ ସୂଚନା ସଂଗ୍ରହ କରିବାକୁ ଚେଷ୍ଟା କରୁଛି । ପୋଲିସ ଏପର୍ଯ୍ୟନ୍ତ କୌଣସି ବିବୃତି ଜାରି କରିନାହିଁ । ହତ୍ୟା ପଛର ଉଦ୍ଦେଶ୍ୟ ଜାଣିବା ପାଇଁ ମାମଲାର ଅଧିକ ତଦନ୍ତ କରାଯାଉଛି । ଉଲ୍ଲେଖଯୋଗ୍ୟ, ନାବାଳକଙ୍କୁ ଶେଷ ଥର ପାଇଁ ତାଙ୍କ ଘର ପାଖରେ ଖେଳୁଥିବାର ଦେଖାଯାଇଥିଲା ଏବଂ ସେବେଠାରୁ ତାଙ୍କ ପରିବାର ସଦସ୍ୟଙ୍କ ପାଖରେ ତାଙ୍କ ବିଷୟରେ କୌଣସି ସୂଚନା ନଥିଲା । ଏହି ସମ୍ପର୍କରେ ତାଙ୍କ ପରିବାର ସଦସ୍ୟ ଡେଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ ।



# କଳାକାର ଭତ୍ତା କରାଇଦେବା କହି ଠକେଇ:୩ ଗିରଫ

**ଢେଙ୍କାନାଳ, ନ୍ୟୁଜ୍ ବ୍ୟୁରୋ**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳର ବିଭିନ୍ନ ଗାଁରେ କଳାକାର ଭତ୍ତା କରାଇ ଦେବା ନାଁରେ ହଜାର ହଜାର ଟଙ୍କା ଠକି ନେଇଛନ୍ତି ଠକ । ଏହି ଘଟଣାରେ ପୋଲିସ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି । ବ୍ରହ୍ମପୁର ଅଙ୍କୁଶପୁର ସ୍ଥିତ 'ଏସ୍.କେ.ପି ବିଶ୍ୱ ଧାର୍ମିକ ଓ ସାଂସ୍କୃତିକ କର୍ମୀ ସଦସ୍ୟ' ନାମକ ଏକ ସଂସ୍ଥା ନାଁରେ କିଛି ବ୍ୟକ୍ତି କଳାକାର ଭତ୍ତା କରାଇ ଦେବା ନାଁରେ ଅର୍ଥ ଠକେଇ କରୁଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । କଣ୍ଟାପାଳ କଲୋନୀ-୪ର ସବିତା ରଣା ଥାନାରେ ଅଭିଯୋଗ କରିଥିଲେ ଯେ ଏହି ଠକ ସଂସ୍ଥା ଚଳିତ ମାସ ୩ ଓ ୪ ତାରିଖରେ କଙ୍କଡ଼ାହାଡ଼ ସ୍ଥିତ ଶିବ ମନ୍ଦିର ପରିସରରେ ଏକ ବୈଠକ କରିଥିଲା । ସଂସ୍ଥା ପକ୍ଷରୁ ବ୍ରହ୍ମପୁର ଅଙ୍କୁଶପୁର ଗାଁର ସୁକାନ୍ତ କିଶୋର ମିଶ୍ର, କଟକ ନରସିଂହପୁର ସ୍ଥିତ ଜେମାଦେଇପୁର ଗାଁର ମମତାମୟୀ ମିଶ୍ର ଓ ବ୍ରହ୍ମପୁର ବାଇଗଣବାଦୀ



ଗାଁର ସରୋଜ କୁମାର ରଣା ଉପସ୍ଥିତ ରହି ଲୋକଙ୍କୁ ବୁଝାଇଥିଲେ । ସଂଘର ସଦସ୍ୟ ହେବାକୁ ୫୦ ଟଙ୍କା, ପରିଚୟପତ୍ର ପାଇଁ ୨୫୦ ଟଙ୍କା ଓ ୫୦୦ ଟଙ୍କା ଦେଇ କଳାକାର ପ୍ରମାଣପତ୍ର ପାଇ ପାରିବେ ବୋଲି କହିଥିଲେ । ଏହି ପ୍ରମାଣପତ୍ର ବଳରେ ସରକାରଙ୍କ ଠାରୁ କଳାକାର ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ମିଳିପାରିବ ବୋଲି ସେମାନେ ଲୋକଙ୍କୁ ପ୍ରଲୋଭିତ କରିଥିଲେ । କଣ୍ଟାପାଳ ପଞ୍ଚାୟତରୁ ଏହି ଠକ ସଂସ୍ଥା ମିଥ୍ୟା ପ୍ରମାଣପତ୍ର ଦେଇ ୪୮,୧୫୦ ଟଙ୍କା ଠକି ନେଇଥିବା ଶ୍ରୀମତୀ ରଣା ଥାନାରେ ଅଭିଯୋଗ କରିଥିଲେ । ସୂଚନା ଅନୁସାରେ, ଏଥିପାଇଁ ଏକ ମିଥ୍ୟା ଆବେଦନ ଫର୍ମ ମଧ ପ୍ରସ୍ତୁତ କରାଯାଇଥିଲା । ଯେଉଁଥିରେ ନାଁ, ମୋବାଇଲ ନମ୍ବର, ଗ୍ରାମ, ୱାର୍ଡନମ୍ବର, ଗ୍ରାମ ପଞ୍ଚାୟତ ଓ ଜିଲ୍ଲା ବିବରଣୀ ସହ କଳା ସଂସ୍କୃତି ସହ ଜଡ଼ିତ ପୂଜକ, ପୁରୋହିତ, କଳାକାର, ବାଦକ, ଗାୟକ, ପାଲିଆମାନଙ୍କୁ ଟାର୍ଗେଟ୍ କରାଯାଉଥିଲା । ମନ୍ଦିରର ନାମ, ସଂକୀର୍ତ୍ତନ ମଣ୍ଡଳୀ, ଭାଗବତ ମଣ୍ଡଳୀ ବା ନାଟ୍ୟ ସଂସ୍ଥାର ନାମ ଓ କେଉଁ ମସିହାରୁ କାମ କରୁଛନ୍ତି; ଏସବୁ ଉଲ୍ଲେଖ କରିବାକୁ ମଧ ଆବେଦନ ଫର୍ମରେ କୁହାଯାଇଥିଲା । ଗାଁ ଗାଁ ବୁଲି ଲୋକଙ୍କୁ ଏହି ଫର୍ମ ଦେଇ ସେମାନେ ଠକୁଥିଲେ । ଏପରିକି ଏହି ସଂସ୍ଥାର ଏକ ରେଜିଷ୍ଟ୍ରେସନ୍ ନମ୍ବର ଲେଖାଥିଲେ ବି ଏହା କୌଣସି ସରକାରୀ କିମ୍ବା ବେସରକାରୀ ଭାବେ ପଞ୍ଜୀକୃତ ହୋଇଥିବା ଉଲ୍ଲେଖ ନଥିଲା । ଏହି ଠକ ସଂସ୍ଥାର ସଦସ୍ୟମାନେ କରଗୋଳା ଓ ଚିଲଦା ଗ୍ରାମରେ ଲୋକଙ୍କୁ ପ୍ରଲୋଭିତ କରୁଥିବା ନେଇ ଲୋକମାନେ ପୋଲିସକୁ ଖବର ଦେଇଥିଲେ । ସଂସ୍ଥାର ସଦସ୍ୟମାନେ ରାତାରାତି ଚମ୍ପଟ୍ ମାରିବାକୁ ପ୍ରୟାସ କରିବା ବେଳେ କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ୩ ଜଣଙ୍କୁ କାବୁ କରିଥିଲେ । ଲୋକଙ୍କ ଠାରୁ ଟଙ୍କା ହଡ଼ପ୍ ଅଭିଯୋଗରେ ୩ ଅଭିଯୁକ୍ତ ସୁକାନ୍ତ କିଶୋର ମିଶ୍ର, ମମତାମୟୀ ମିଶ୍ର ଓ ସରୋଜ କୁମାର ରଣାଙ୍କୁ ପୋଲିସ କାମାକ୍ଷାନଗର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ବିଜୁଳି କାଟ୍ ନେଇ ତେଜୁଛି ଅସନ୍ତୋଷ


**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ଧୂମାଭଟା ଗ୍ରିଡ୍‌ରୁ ବାରମ୍ବାର ବିଜୁଳି କାଟ୍ ନେଇ ଅସନ୍ତୋଷ ତେଜିବାରେ ଲାଗିଛି । ଲାଇନ୍ ଗଲେ ଦିନ ଦିନ ଧରି ବିଜୁଳି ଆସୁନାହିଁ । ଗୋଟିଏ ପଟେ ପ୍ରଚଣ୍ଡ ଖରାତାତି ହେଉଥିବା ବେଳେ ବିଦ୍ୟୁତ୍ ବିଭ୍ରାଟ୍ ସମସ୍ୟାକୁ ଦ୍ୱିଗୁଣିତ କରିଛି । ପୁଣି ବିଜୁଳି ନଥିବାରୁ ଜଳଯୋଗାଣରେ ବାଧା ଦେଖାଦେଉଛି ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

# ଧାନ ବିକ୍ରି ଟଙ୍କା ନପାଇ ଲ୍ୟାମ୍ପ୍ସ ଘେରାଉ କଲେ ଚାଷୀ

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି କରିଥିବା ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପ୍ରାୟ ୩୫୦ ଜଣ ଚାଷୀଙ୍କୁ ଟଙ୍କା ମିଳିନଥିବା ବେଳେ ଏହାର ପ୍ରତିବାଦରେ ଗତ ୧୫ ତାରିଖ ଦିନ ଶତାଧିକ ଚାଷୀ ରାଇଘର ଲ୍ୟାମ୍ପ୍ସ ଘେରାଉ କରିଥିଲେ । ଉକ୍ତ ଘଟଣା ପ୍ରଚାର ହେବାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଶୁକ୍ରବାର ଦିନ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରାଇଘର ଲ୍ୟାମ୍ପ୍ସ ପରିଦର୍ଶନରେ ଆସି ସମସ୍ତ ଖାତାପତ୍ର ଯାଞ୍ଚ କରି ଫେରିଥିବା ବେଳେ ଶନିବାର ଦିନ ଲ୍ୟାମ୍ପ୍ସର ଏମ୍‌ଡି ଏବଂ ମିଲ୍ ମାଲିକଙ୍କୁ ଡକାଇ ଜିଲ୍ଲାପାଳ ପଚରା ଉଚରା କରିଥିବା ଜଣାପଡ଼ିଛି । ଜିଲ୍ଲା ଯୋଗାଣ ବିଭାଗ ଠିକ୍ ସମୟରେ ଟ୍ରାଞ୍ଜିଟ୍ ପାସ୍ ଦେଇପାରି ନଥିବାରୁ ଚାଷୀ ଧାନ ପଇସା ପାଇପାରୁ ନାହାନ୍ତି ବୋଲି ମଣ୍ଡି ପରିଚାଳନା କର୍ତ୍ତୃପକ୍ଷ ସଫେଇ ଦେଉଥିବା ବେଳେ ଚାଷୀ କେଉଁ କାରଣରୁ ଟଙ୍କା ପାଇନାହାନ୍ତି ତାହାର ପ୍ରକୃତ ତଦନ୍ତ ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ଚଳିତ ବର୍ଷ ଖରିଫ୍ ମଣ୍ଡିରେ ରାଇଘର ବ୍ଲକର ପ୍ରାୟ ୩୧୮୭ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ପ୍ରାୟ ୨୮୦୦ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିଲେ । ମଣ୍ଡିର ଶେଷ ପର୍ଯ୍ୟାୟ ଅର୍ଥାତ ଫେବୃୟାରୀ ମାସରେ ଜିଲ୍ଲା ଯୋଗାଣ ବିଭାଗ ଟ୍ରାଞ୍ଜିଟ୍ ପାସ୍ ଦେବାରେ ବିଳମ୍ବ କରିବାରୁ ଫେବୃୟାରୀ ୨୨ ତାରିଖ ମଧ୍ୟରେ ଧାନ ବିକ୍ରି କରିଥିବା ଚାଷୀମାନେ ଟଙ୍କା ପାଇପାରୁନାହାନ୍ତି । ଧାନ କିଣିବା ପାଇଁ ଲ୍ୟାମ୍ପ୍ସକୁ ଟାର୍ଗେଟ୍ ମିଳୁନଥିବାରୁ ଚାଷୀଙ୍କ ଧାନର ଟ୍ରାଞ୍ଜିଟ୍ ପାସ୍ କଟିପାରୁନଥିବା ମଣ୍ଡି ପରିଚାଳନା ଅଧିକାରୀଙ୍କ ପକ୍ଷରୁ ଉତ୍ତର ମିଳିଥିଲା । ମିଲ୍ ମାଲିକମାନେ ମଣ୍ଡିରୁ ଧାନ ଉଠାଇଥିଲେ ହେଁ ଲ୍ୟାମ୍ପ୍ସ ପକ୍ଷରୁ ଟ୍ରାଞ୍ଜିଟ୍ ପାସ୍ କଟାଯାଇ ପାରିଲାନାହିଁ । ଫଳରେ ବର୍ତ୍ତମାନ ସୁଦ୍ଧା ୩୪୪ ଜଣ ଚାଷୀଙ୍କୁ ୧୪ ହଜାର ୨ ଶହ କ୍ୱିଣ୍ଟାଲ୍ ଧାନ ବିକ୍ରି ବାବଦରେ ୪ କୋଟି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମିଳିପାରୁନି । ବାରମ୍ବାର ଲ୍ୟାମ୍ପ୍ସ କାର୍ଯ୍ୟାଳୟକୁ ଯାଇ ନିରାଶ ହେବାପରେ ଶତାଧିକ ଚାଷୀ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।




## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମେଶବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୪।୨୦୨୫, ବୈଶାଖ ଦ୧୦ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୪।୩୪ ଚନ୍ଦ୍ରୋଦୟ- ରାଘ ୧।୫୯।୦୬**

**ନବମୀ-** ସଂଘ ୬।୧୪ ପର୍ଯ୍ୟନ୍ତ । **ଶ୍ରବଣା ନକ୍ଷତ୍ର-** ଦିଘ ୧୨।୪୩ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ରାଘ ୧୨।୨୯ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୧୨।୨୯ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ରାଘ ୧୨।୨୯ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ସଂଘ ୬।୧୪ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୬ ଗତେ ଘ ୧୦।୨୯ ମଧ୍ୟେ । ଦିଘ ୪।୨୮ ଗତେ ଘ ୫।୧୩ ମଧ୍ୟେ ।



**ମେଷ:** ଦିନଟି ଆପଣଙ୍କର ଆନନ୍ଦଦାୟକ ହେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଧନ ଲାଭ ହେବ । ଘରେ ଖୁସିର ବାତାବରଣ ରହିବ । ସାମାଜିକ ସ୍ତରରେ ପ୍ରଶଂସିତ ହୋଇପାରନ୍ତି ।



**ବୃଷ:** ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ଧର୍ମ କାର୍ଯ୍ୟ ନିମନ୍ତେ ଆଗ୍ରହ ପ୍ରକାଶ କରିପାରନ୍ତି । ରେଜାଗାରର ମାତ୍ରା ଭଲ ହେବ । ପାରିବାରିକ ଜୀବନ ସୁଖମୟ ହେବ ।



**ମିଥୁନ:** ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିପାରେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ । ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ । ପାରିବାରିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ ।


**କର୍କଟ:** ବ୍ୟବସାୟରୁ ଆଶାତୀତ ଲାଭ ପାଇବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଭ୍ରମଣ ସୁଖ ରହିଛି । ପାରିବାରିକ ଜୀବନରେ ସୁଖଶାନ୍ତି ବିରାଜମାନ କରିବ ।


**ସିଂହ:** କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି ପାଇବ । ଅନେକ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ପରୋପକାରୀ ହେବେ ।


**କନ୍ୟା:** ଶତ୍ରୁ ନାଶ ହେବେ । ବନ୍ଧୁ ମିଳନ ସହିତ ସାହାଯ୍ୟ ସହଯୋଗ ମଧ ପ୍ରାପ୍ତ ହେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବ । ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ ।


**ତୁଳା:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କୌଣସି ଏକ ଖବର ପାଇ ବିଚଳିତ ହୋଇପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେବ ।


**ବିଛା:** ଅନେକ ଦିନର ଆଶା ଆପଣଙ୍କର ପୂରଣ ହେବ । ଦେବ ଦର୍ଶନ ସହିତ କର୍ମ କାର୍ଯ୍ୟରେ ମଧ ଯୋଗଦେବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ପାରିବାରିକ ଜୀବନ ସୁଖମୟ ହେବ ।


**ଧନୁ:** ବନ୍ଧୁଙ୍କ ସହଯୋଗ ପାଇ ଉପକୃତ ହେବେ । ଆମୋଦ ପ୍ରମୋଦର ସହ ଦିନଟି ବିତିବ । ବ୍ୟୟର ପରିମାଣ ବୃଦ୍ଧି ପାଇବ । ପରିବାରରେ ସୁଖ ଶାନ୍ତିର ବାତାବରଣ ରହିବ । ପରୋକାରୀ ହେବେ ।


**ମକର:** ଶୁଭ ଖବର ପାଇ ଆନନ୍ଦିତ ହେବେ । ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହୋଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମନ ଭଲ ରହିବ ।


**କୁମ୍ଭ:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ବ୍ୟୟର ମାତ୍ରା ଅଧିକ ହେବ । ସାଧନାରେ ସିଦ୍ଧି ଲାଭ କରିବେ । ଘରୋଇ ଜୀବନ ଆନନ୍ଦ ଦାୟକ ହେବ । ବନ୍ଧୁ ଦର୍ଶନର ସୁଯୋଗ ରହିଛି ।


**ମୀନ:** ଦିନଟି ଆପଣଙ୍କ ପାଇଁ ଲାଭଦାୟକ ହୋଇପାରେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଆୟରେ ଉନ୍ନତି ଦେଖାଦେବ । ଘରେ ସୁଖ ଲାଭ ହେବ । ଭ୍ରମଣ ଯୋଗ ମଧ ରହିଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୪।୨୦୨୫, ବୈଶାଖ ଦ୧୧ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୩।୫୨ ଚନ୍ଦ୍ରୋଦୟ- ରାଘ ୨।୩୮।୧୨**

**ଦଶମୀ-** ଦିଘ ୪।୪୪ ପର୍ଯ୍ୟନ୍ତ । **ଧନିଷ୍ଠା ନକ୍ଷତ୍ର-** ଦିଘ ୧୨।୦୬ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ଦିଘ ୪।୪୪ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୭ ଗତେ ଘ ୭।୦୮ ମଧ୍ୟେ । ଦିଘ ୧।୫୧ ଗତେ ଘ ୫।୧୩ ମଧ୍ୟେ । **ପର୍ବୋତ୍ସବ-** ବିଶ୍ୱ ପୁସ୍ତକ ଦିବସ ।

ପ୍ରଗତିଶୀଳ
31 YEARS
ସମ୍ବାଦ କଳିକା

# ଭାରତର ୮୦% ଲୋକ ଜଳବାୟୁ ପରିବର୍ତ୍ତନ ହେତୁ ପ୍ରଭାବିତ

ଭାରତର ପ୍ରାୟ ଅଧିକାଂଶ ବ୍ୟକ୍ତି ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଦ୍ୱାରା ହେଉଛନ୍ତି ପ୍ରଭାବିତ । ଯାହାକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୋମ୍ୟା ସ୍ୱାମୀନାଥନ । ସେ କହିଛନ୍ତି ଯେ, ବର୍ତ୍ତମାନ ଭାରତର ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଏଭଳି ପରିସ୍ଥିତିରେ ଏହି ସମସ୍ୟାର ମୁକାବିଲା ତଥା ଦେଶରେ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ଆନ୍ତର୍ଜାତୀୟ ସହଯୋଗର ଜରୁରୀ ଆବଶ୍ୟକତା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଶିଶୁ ଏବଂ ମହିଳାମାନେ ଅଧିକ ବିପଦରେ ଥିବା ବେଳେ ବର୍ତ୍ତମାନ ଭାରତର ପ୍ରାୟ ସମସ୍ତଙ୍କୁ ଏହାର ପ୍ରଭାବ ପଡୁଛି । ସୂଚନା ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ପଡୁଥିବା ପ୍ରଭାବ ଦ୍ୱାରା ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି ଲୋକେ । ଏହି ସମସ୍ୟାର ମୁକାବିଲା ପାଇଁ ତୁରନ୍ତ ସହଯୋଗର ଆବଶ୍ୟକତା ଅଛି। ଏହି ସମସ୍ୟା ବିଷୟରେ ସ୍ୱାମୀନାଥନ କହିଛନ୍ତି ଯେ, ଏହା ମହିଳା ଏବଂ ଶିଶୁଙ୍କ ଉପରେ ବିଶେଷ ପ୍ରଭାବ ପକାଇଥାଏ, ବିଶେଷ କରି ଗ୍ରାମାଞ୍ଚଳରେ ମହିଳାମାନେ ରୋଷେଇ ପାଇଁ ଇନ୍ଧନ ଉପରେ ନିର୍ଭର କରିବାକୁ ପଡେ ଏବଂ ଏହି ନିର୍ଭରଶୀଳତା ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତର ୮୦% ଜନସଂଖ୍ୟା ଜଳବାୟୁ ପରିବର୍ତ୍ତନର ପ୍ରଭାବର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳର କୃଷକମାନଙ୍କଠାରୁ ସହରାଞ୍ଚଳର ଜନସଂଖ୍ୟା ପର୍ଯ୍ୟନ୍ତ କେହି ସୁରକ୍ଷିତ ନୁହଁନ୍ତି । ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଏକ ବିଶ୍ୱସ୍ତରୀୟ ସମସ୍ୟା । ତେବେ ଜଳବାୟୁ ପରିବର୍ତ୍ତନ କେବଳ ଦେଶ ଉପରେ ନୁହେଁ ବରଂ ସମଗ୍ର ବିଶ୍ୱର ଲୋକମାନଙ୍କ ଉପରେ ବ୍ୟାପକ ପ୍ରଭାବ ପକାଉଥିବା ସେ କହିଛନ୍ତି।

# ଆଧୁନିକତା ଅନ୍ଧାରରେ ଅସହାୟ ଆମ ଭାଗବତ ଟୁଙ୍ଗି



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଭାଗବତ ଟୁଙ୍ଗି ଆମ ଗ୍ରାମ୍ୟ ଜୀବନର ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାମାଜିକ ପ୍ରାଣ କେନ୍ଦ୍ର। ସାରା ଗାଁକୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ ଭାଗବତ ଟୁଙ୍ଗି। ଆମ ସଂସ୍କୃତି ଓ ପରମ୍ପରାର ଏହି ମହାନ ପ୍ରତୀକ ଭାଗବତ ଟୁଙ୍ଗି ହେଉଛି ଓଡିଆ ଜାତି ପାଇଁ ସାଂସ୍କୃତିକ ଅସ୍ମିତାର ଏକ ଗୌରବମୟ ପରିଚୟ। ସଞ୍ଜ ନଇଁଲେ ଗାଁ ମୁଣ୍ଡ ଭାଗବତ ଟୁଙ୍ଗିରୁ ଭାସିଆସୁଥିଲା ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦୁ ଗଳୁଛି ମକରନ୍ଦ / ସେ ମକରନ୍ଦ ପାନ କରି ଭବୁ ତରିଲେ ବ୍ରଜନାରୀ । ଏହା ଏକ ପାରମ୍ପରିକ ତତ୍ତ୍ୱ ଆଧାରିତ ଯାହା ଓଡିଆ ଲୋକମାନଙ୍କ ଚିନ୍ତା ଚେତନା ଆଉ ସାମାଜିକ ଜୀବନରେ ଗଭୀର ପ୍ରଭାବ ପକାଉଥିଲା। ଓଡିଆ ମଣିଷଟିଏ ଦିନସାରା ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ କର୍ମ ସାରି ସଞ୍ଜ ବେଳକୁ ଭାଗବତ ଟୁଙ୍ଗିକୁ ଆସୁଥିଲା ଆଉ ସେହିଠାରେ ଭାଗବତ ପାଠ ଶୁଣି ଘରକୁ ଫେରୁଥିଲା। ଜାତି, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଏଇ ଭାଗବତ ଟୁଙ୍ଗି ଥିଲା ଉପାସନାର ଘର । ସୂର୍ଯ୍ୟ ନଇଁଲେ ଗ୍ରାମ୍ୟବଧୂ ଏଠି ଦୀପ ଜାଳୁଥିଲେ । ପିଲାଏ ଘଣ୍ଟ ମୃଦଙ୍ଗ ଝାଞ୍ଜ, କରତାଳ ବଜେଇ କୀର୍ତ୍ତନ କରୁଥିଲେ । ଏହା ପରେ ପୁରାଣ ପଣ୍ଡା ଆସି ଭାଗବତ ଟୁଙ୍ଗିରେ ପହଞ୍ଚୁଥିଲେ । ପୁରା ଗାଆଁ ଗୋଟାକ ଏକତ୍ରିତ ହୋଇ ଯାଉଥିଲେ । ଆଜି କିନ୍ତୁ ସମୟ ବଦଳି ଯାଇଛି ,ଗାଁ ମୁଣ୍ଡରେ ଆଉ ଦେଖିବାକୁ ମିଳୁନି ସେହି ଭାଗବତ ଟୁଙ୍ଗି କି ସେଠାରୁ ଆଉ ଶୁଭୁନି ଆଉ ସେହି ମୂଲ୍ୟବାନ ସାମାଜିକ ପରମ୍ପରା ଯୁକ୍ତ ଭାଗବତ ଗୀତ । ଗାଁ ଗାଁ ରେ ଆଜି ଗଢିଉଠିଛି କ୍ଲବଘର ସେହି କ୍ଲବ ଘର ମଧ୍ୟରୁ ଛୁଟି ଆସୁଛି ଆଧୁନିକ ଅଶାଳୀନ ସଙ୍ଗୀତର ସଙ୍ଗୀତ ସହିତ ଯୁବପିଢିଙ୍କର ମଦ ମାଂସ ଆଡ୍ଡା । ସମୟ ବଦଳିଛି ତା ସାଙ୍ଗକୁ ବଦଳିଛି ଆମ ସଂସ୍କୃତି ପରମ୍ପରା ଓ ପରିଭାଷା । ଭାଗବତ ପଢିବାକୁ ଆଉ ସମୟ ହେଉନି, ସେହି ସମୟକୁ ମେକ୍ଅପ୍ କରୁଛି ଟିଭିର ସିରିଅଲ ଆଉ ଆଣ୍ଡ୍ରୋଏଡ ମୋବାଇଲର ଫେସବୁକ୍ ଇନଷ୍ଟା ଓ ୟୁଟ୍ୟୁବର ବିଭିନ୍ନ ସାମାଜିକ କମ୍ ଅସାମାଜିକ ଚିତ୍ର ଅଧିକ ର ରଙ୍ଗିନ୍ ଦୁନିଆ। ତେବେ କାହିଁକି ଏବେ ଆଗ ଠାରୁ ଅଧିକ ଭାଗବତ୍ ଟୁଙ୍ଗିରେ ଆବଶ୍ୟକତା ଅଛି ଆସନ୍ତୁ ସେ ବିଷୟରେ ଅଧିକ ସୂଚନା ଜାଣିବା।

ଆମ ଓଡିଶା ପ୍ରଦେଶରେ ଭାଗବତ ଟୁଙ୍ଗି ଯାହାକୁ ଭାଗବତ ଟୁଙ୍ଗୀ ମଧ ଲେଖାଯାଏ ତାହା ଓଡ଼ିଶାରେ ଆଗକାଳରେ ପ୍ରଚଳିତ ଏକ କୋଠଘରକୁ ବୁଝାଇଥାଏ ଯେଉଁଠାରେ ଗାଁର ଲୋକମାନେ ସଞ୍ଜ ବେଳେ ମେଳି ହୋଇ ଭାଗବତ, ଓଡ଼ିଆ ରାମାୟଣ, ଓଡ଼ିଆ ମହାଭାରତ ତଥା ନାନାଦି ପୁରାଣ ଆଲୋଚନା, ଗାଁରେ ହେଉଥିବା ଅସୁବିଧା ଓ ତାହାର ସମାଧାନ, ନ୍ୟାୟ-ନିଶାପ ଆଦି କରୁଥିଲେ । ଏଥିରେ ଧନୀ, ଗରିବ, ପଢୁଆ, ଅପାଠୁଆ ସଭିଏଁ ଭାଗ ନେଉଥିଲେ । ପୁରୀର ସାତଲହରୀ ମଠରେ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଏହି ଭାଗବତ ଟୁଙ୍ଗି ପ୍ରଥମେ ଆତ୍ମପ୍ରକାଶ କରିଥିଲା ଓ କ୍ରମେ ସମଗ୍ର ଓଡ଼ିଶାରେ ଗଢ଼ି ଉଠିଥିଲା । ଅତିବଡ଼ି ଜଗନ୍ନାଥ ଦାସଙ୍କ କୃତ ଶ୍ରୀମଦ୍ଭାଗବତ ଓଡ଼ିଶାରେ ସବୁଠାରୁ ଲୋକପ୍ରିୟ ଗ୍ରନ୍ଥ। ଆଜି ବି ଗାଁ ଗାଁରେ ଲୋକେ ଭାଗବତ ସପ୍ତା, ପାରାୟଣ ଓ ହରି ହାଟ ଆଦି ମାଧ୍ୟମରେ ଏହାର ପଠନ ଓ ଶ୍ରବଣ କରିଥାନ୍ତି । ଏହି ଗ୍ରନ୍ଥକୁ ନିତ୍ୟ ପାଠ କରିବାପାଇଁ ଏକ ଲୋକୋକ୍ତି ପ୍ରଚଳିତ । ପରମ ଶାସ୍ତ୍ର ଭାଗବତ / ଅଭ୍ୟାସ କରୁଥିବ ନିତ୍ୟ । ଭାଗବତର ନିତ୍ୟ ଅଭ୍ୟାସକୁ ସମ୍ଭବ କରିବାପାଇଁ ଆଗକାଳରେ ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗି ନାମରେ ଏକ ସ୍ୱତନ୍ତ୍ର ଘର ନିର୍ମାଣ କରାଯାଉଥିଲା । ଯାହା ଆଜି ବି ଅନେକ ଗାଁରେ ଦେଖିବାକୁ ମିଳିଥାଏ। ଓଡ଼ିଶାରେ ଭାଗବତ ଟୁଙ୍ଗୀ ପରମ୍ପରା ଅବଲୁପ୍ତ ହେଇଆସୁଥିଲା ବେଳେ ଭଦ୍ରକ ଜିଲ୍ଲାର କିସ୍ମତ କୃଷ୍ଣପୁର ଗ୍ରାମରେ ଏ ପରମ୍ପରା ଏବେବି ଜୀବିତ ଅଛି । ଜାତି, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ଏହା ଥିଲା ସମସ୍ତଙ୍କର ଉପାସନା ଘର । ସୂର୍ଯ୍ୟ ନଇଁଲେ ଗ୍ରାମବଧୂ ଏଇଠି ଦୀପ ଜାଳୁଥିଲା । ପିଲାଏ ଘଣ୍ଟ, ମୃଦଙ୍ଗ, ଝାଞ୍ଜ, କରତାଳ ବଜାଇ କୀର୍ତ୍ତନ କରୁଥିଲେ, ଭଜନ ଗାନ କରୁଥିଲେ । ଏହାପରେ ପୁରାଣ ପଣ୍ଡା ଭାଗବତ ଓ ଅନ୍ୟାନ୍ୟ ପୁରାଣ ପାଠ କରୁଥିଲେ, ଯାହାକୁ ସଭିଏଁ ବସି ଶୁଣୁଥିଲେ । ଶେଷରେ ଦିଅଁଙ୍କ ପାଖରେ ଭୋଗ ଲଗାଯାଉଥିଲା ଓ ସମସ୍ତେ ଏଇ ପ୍ରସାଦ ପାଇ ନିଜ ନିଜ ଘରକୁ ଫେରୁଥିଲେ। ପାଠୁଆ-ଅପାଠୁଆ, ଯୁବକ-ବୃଦ୍ଧ ନିର୍ବିଶେଷରେ ଏଇ ଘର ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖୁଥିଲା । ଭାଗବତ ବଡ଼ା, ଭାଗବତ ସପ୍ତା ପରି ଅନେକ ଉତ୍ସବ ଗାଁର ଲୋକେ ସମବେତ ହୋଇ ଏଇ ପରିସରଲେ ପାଳନ କରୁଥିଲେ, ଜଙ୍ଘରେ ଜଙ୍ଘ ପକାଇ ବସି ପ୍ରସାଦ ସେବନ କରୁଥିଲେ । ସମନ୍ୱୟ ଚେତନାର ବାର୍ତ୍ତାବହ ଏଇ ଭାଗବତ ଘର ସମସ୍ତଙ୍କୁ ଏକ କରି ରଖିବାର ସୂକ୍ଷ୍ମ ଅଥଚ ପ୍ରଭାବଶାଳୀ ସୂତ୍ର ଥିଲା । ଭାଗବତ ଟୁଙ୍ଗିରେ ପଣ୍ଡିତେ ଶ୍ଳୋକ ବିଶ୍ଳେଷଣ କରିବା ସହିତ ଭିନ୍ନ ଭିନ୍ନ ସାମାଜିକ ସଂସ୍କାର, ପାରିବାରିକ ଶିକ୍ଷା ପ୍ରଦାନ କରୁଥିଲେ। ପରିବାର ମୁଖିଆର ଧର୍ମ, ଶାଶୁଧର୍ମ ଓ ବୋହୂଧର୍ମ ପିଲାମାନଙ୍କୁ ସଂସ୍କାର, ଦିନଚର୍ଯ୍ୟା, ଶୁଭମଙ୍ଗଳ କାର୍ଯ୍ୟର ଶୁଭବେଳ ଇତ୍ୟାଦି ସାମାଜିକ ଚର୍ଚ୍ଚା ହେଉଥିଲା । ଏହି ଠାରୁ ଲୋକମାନେ ଶିକ୍ଷା ଗ୍ରହଣ କରୁଥିଲେ ଓ ସମାଜରେ ଶୃଙ୍ଖଳା ଥିଲା । ପିତାମାତା ଗୁରୁ ଗୁରୁଜନଙ୍କ ପ୍ରତି ପ୍ରଗାଢ ସମ୍ମାନ ଥିଲା ।

ପୂର୍ବରୁ ଭାଗବତ ପଢ଼ା ପାଇଁ ଗ୍ରାମବାସୀ ମାନଙ୍କର ଏକ କୋଠଘର ଥିଲା ଓ ଏଥିରେ ସମସ୍ତଙ୍କର ସମାନ ଅଧିକାର ଥିଲା । ଏଠାରେ ଓଡ଼ିଆ ଭାଗବତକୁ ବିଧିବତ୍ ପୂଜା କରି ରଖାଯାଉଥିଲା ଓ ପ୍ରତିଦିନ ସଞ୍ଜବେଳେ ଲୋକେ ଏକତ୍ର ହୋଇ ଏହାର ପଠନ ଓ ଶ୍ରବଣ କରୁଥିଲେ। ଭାଗବତ ଟୁଙ୍ଗୀର ଦାୟିତ୍ୱ ନେଉଥିଲେ ବାନପ୍ରସ୍ଥାଶ୍ରୟୀ ପ୍ରୌଢ଼ମାନେ । ଏହାର ରକ୍ଷଣା ବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ, ସାମଗ୍ରୀ ଓ ଶ୍ରମ ପ୍ରତ୍ୟେକ ଗ୍ରାମବାସୀ ସ୍ୱ-ଇଚ୍ଛାରେ ପ୍ରଦାନ କରୁଥିଲେ । ଭାଗବତ ପଢ଼ା ବ୍ୟତୀତ ଏହି ଘରକୁ ଅନ୍ୟ ସମୟରେ ପୋଥି ପଢ଼ିବା, ପୋଥି ଉତାରିବା, ବାଣି କାଟିବା, ମସିଣା ବୁଣିବା ଇତ୍ୟାଦି କାମପାଇଁ କେହି ବି ଗ୍ରାମବାସୀ ବ୍ୟବହାର କରି ପାରୁଥିଲା । ଏହି ଘର ସମସ୍ତଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ ଥିଲା । ଏହା ଥିଲା ସମସ୍ତଙ୍କର, ସମସ୍ତଙ୍କଦ୍ୱାରା ଓ ସମସ୍ତଙ୍କପାଇଁ। ରାତି ବେଳକୁ ଗାଁରେ କେହି ପଥଚାରୀ ପହଞ୍ଚିଲେ ତାଙ୍କ ରହିବାର ବ୍ୟବସ୍ଥା ଏଇଠି କରା ଯାଉଥିଲା ଓ ଗ୍ରାମବାସୀମାନେ ତାଙ୍କ ଭୋଜନର ବ୍ୟବସ୍ଥା କରୁଥିଲେ । ସାଧୁସନ୍ଥ, ନାଗାସାଧୁ, ଜଗନ୍ନାଥଙ୍କ ପୂଜାପଣ୍ଡା, ଜାନୁ ଘଣ୍ଟିଆ, ମଙ୍ଗଳ ଘଣ୍ଟିଆ, ଚକୁଳିଆ ପଣ୍ଡା କେହି ବି ଆସିଲେ ତାଙ୍କ ରହିବା ଖାଇବାର ବ୍ୟବସ୍ଥା ଏଇଠି କରାଯାଉଥିଲା । ଖଜଣା ଆଦାୟ ପାଇଁ କୌଣସି ସରକାରି ଅଧିକାରୀ ଆସିଲେ ତାଙ୍କର ରହଣି ପାଇଁ ମଧ୍ୟ ଏଠାରେ ବ୍ୟବସ୍ଥା ହେଉଥିଲା । ବିବାହ, ବ୍ରତ ଆଦି ସାମାଜିକ ଅନୁଷ୍ଠାନରେ ଯୋଗଦେବାପାଇଁ ଆସିଥିବା କୁଣିଆଁପାଇଁ ଯଦି କୌଣସି ଗ୍ରାମବାସୀର ଘରେ ଜାଗା ନଅଣ୍ଟ ହେଉଥିଲା, ତେବେ ସେମାନେ ଏଠାରେ ରହୁଥିଲେ। ଗାଁକୁ ପାଲା, ଦାସକାଠିଆ ଆଦି ଲୋକନୃତ୍ୟକାରୀ ଓ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକାରୀ ଦଳ ଆସିଲେ ସେମାନେ ମଧ ଏଠାରେ ଅବସ୍ଥାନ କରୁଥିଲେ । ଗାଁର ଯୁବକମାନେ ସକାଳୁ ବ୍ୟାୟାମ କରିବାପାଇଁ ଏଇ ପରିସରକୁ ବ୍ୟବହାର କରୁଥିଲେ। ଅନୁଭବୀ ଶିକ୍ଷକଙ୍କଠାରୁ ସେମାନେ ଶରୀରଚର୍ଯ୍ୟାର କଳା ଓ ବଳିଷ୍ଠ ଶରୀର ଗଠନର ଉପାୟ ଶିଖି ତାକୁ ଅଭ୍ୟାସ କରୁଥିଲେ । ଗାଁରେ କେତେବେଳେ କାହା କାହା ଭିତରେ ମନାନ୍ତର, ମତାନ୍ତର, କଳିତକରାଳ ହେଲେ ଏଇଠି ବସି ଗାଁର ମୁଖିଆ ଓ ଭଦ୍ରଲୋକେ ନ୍ୟାୟ ନିଶାପ କରି କଥା ମେଣ୍ଟେଇ ଦେଉଥିଲେ । ଗ୍ରାମପଞ୍ଚ : ପଞ୍ଚ ପରମେଶ୍ୱରଙ୍କର ଏହି ନିଷ୍ପତ୍ତିକୁ ଗାଁର ଲୋକେ ମାନୁଥିଲେ । ଏଥିପାଇଁ ସେମାନଙ୍କୁ କୋର୍ଟ କଚେରୀର ଦ୍ୱାରସ୍ଥ ହୋଇ ହୀନିମାନ ହେବାକୁ ପଡୁ ନ ଥିଲା । ଭାଗବତ ଟୁଙ୍ଗି ଏକ ଶିକ୍ଷାକେନ୍ଦ୍ର ରୂପେ କାମ କରୁଥିଲା । ପିଲାଏ ଏଠାରେ ସେମାନଙ୍କର ପ୍ରଥମ ବିଦ୍ୟାଶିକ୍ଷା ମାଟି ଅବଧାନଙ୍କଠାରୁ କରୁଥିଲେ । ଏହାଛଡ଼ା ଗାଁର ସମସ୍ତଙ୍କୁ ଏଇଠୁ ନୈତିକ ଶିକ୍ଷା ମିଳୁଥିଲା, ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଜୀବନ ଯାପନର ଗୁରୁମନ୍ତ୍ର ସେମାନେ ଏଇଠୁ ଶିଖୁଥିଲେ । ପୁରାଣ ଶାସ୍ତ୍ର ଚର୍ଚ୍ଚା ସେମାନଙ୍କର ଚେତନାର ବିକାଶ କରିବା ସହିତ ସେମାନଙ୍କୁ ଆନନ୍ଦିତ ଓ ସୁସ୍ଥ ରହିବାର ଅନେକ ସୂତ୍ର ଶିଖାଉଥିଲା। ସଙ୍ଗୀତ ଓ ଗାୟନ-କୀର୍ତ୍ତନ ଶିକ୍ଷାର ସୂତ୍ରପାତ ଏଇ ଘରୁ ହିଁ ହେଉଥିଲା । ଭାଗବତଟୁଙ୍ଗି ଏକ ସୂଚନାକେନ୍ଦ୍ର ରୂପେ ମଧ କାମ କରୁଥିଲା । ଦୈନିକ ପୁରାଣ ପାରାୟଣ ପରେ ପୁରୁଖା ଗ୍ରାମବାସୀମାନେ ବସି ଗାଁର ସୁବିଧା ଅସୁବିଧା ବିଷୟରେ ଚର୍ଚ୍ଚା କରୁଥିଲେ ଓ କୌଣସି ବିଶେଷ ଘଟନା ଅଘଟନ ବିଷୟରେ ସୂଚିତ କରାଯାଇ ଏହାର ପରିଣାମ ସମ୍ବନ୍ଧରେ ଲୋକମାନଙ୍କୁ ସତର୍କ କରି ଦିଆଯାଉଥିଲା। ଭାଗବତ ଠାକୁରଙ୍କ ନାଁରେ ଏକ ସ୍ୱତନ୍ତ୍ର ସମବାୟ ପାଣ୍ଠି ଗଠନ କରାଯାଉଥିଲା । ଗାଁର କୋଠ ଗଛ ମାଛର ନିଲାମରୁ ଲବ୍ଧ ଅର୍ଥ, ଅନାବାଦୀ ଜମି ଚାଷରୁ ମିଳୁଥିବା ଶସ୍ୟ ଓ ତା'ର ବିକ୍ରୟଲବ୍ଧ ଅର୍ଥ, ସମସ୍ତଙ୍କ ଚାନ୍ଦାଭେଦାରୁ ପ୍ରାପ୍ତ ଅର୍ଥ ଏଠାରେ ଜମା ରହୁଥିଲା। କେହି ବି ଗ୍ରାମବାସୀ ଅଭାବ ଅସୁବିଧା ସମୟରେ ଏଠାରୁ ଋଣ ନେଉଥିଲା ଓ ଉଚିତ ସମୟରେ ପଇଠ କରୁଥିଲା । ସେଥିପାଇଁ ସାହୁକାରକୁ ମୋଟା ସୁଧଦେବାର ଆବଶ୍ୟକତା ରହୁ ନଥିଲା। ଓଡ଼ିଶା ଇଂରେଜମାନଙ୍କ କବଳକୁ ଆସିବାଯାଏଁ ଏଇ ଭାଗବତ ଟୁଙ୍ଗି ଗୁଡ଼ିକର ପ୍ରଭାବ ରହିଥିଲା । ତେବେ ଅଧୁନା ଭାଗବତ ଟୁଙ୍ଗିର ପ୍ରଚଳନ ଖୁବ କମ । ଭାଗବତ ଏକ ଧର୍ମ ପୁସ୍ତକ ତାହାନୁହେଁ ତାହା ଭିତରେ ଲୁଚି ରହିଛି ଜୀବନ ବଞ୍ଚିବାର ମନ୍ତ୍ର ଓ ଭାଗବତ ଟୁଙ୍ଗି ଏକ ଧାର୍ମିକ ମନ୍ଦିର ସଦୃଶ୍ୟ ଯାହା ସାମାଜିକ ଜୀବନ ଶୈଳୀରେ ଅନେକ ସଂସ୍କାର ଆଣିବାର ସହାୟକ ହେଉଥିଲା । ଆଗରୁ ଲୋକମାନଙ୍କ ମଧ୍ୟରେ ଘଟୁଥିବା ମନମାଳିନ୍ୟକୁ ଭାଗବତ ଟୁଙ୍ଗି ଗ୍ରାମୀଣ କଚେରୀ ଭାବରେ ଭାଗବତ ଧାର୍ମିକ ନ୍ୟାୟ ପ୍ରକ୍ରିୟାରେ ଅନେକ ଛୋଟ ମୋଟ ସମସ୍ୟାର ସମାଧାନ କରିପାରୁଥିଲା । ଆଜିର ଏହି ଆଧୁନିକ ଯୁଗରେ ଓ ପଥଭ୍ରଷ୍ଟ ସମାଜରେ ଭାଗବତ ର ପ୍ରଚାର ଓ ପ୍ରସାର ସହିତ ପ୍ରତି ଗ୍ରାମ ପ୍ରତି ୱାର୍ଡରେ ଓଡିଶା ସରକାରଙ୍କ ତରଫରୁ ସ୍ୱତନ୍ତ୍ର ବିଲ୍ ପାସ୍ କରି ତା'ର ମହତ୍ତ୍ୱକୁ ଉପଲବ୍ଧି କରିବାର ଆବଶ୍ୟକତା ରହିଛି।

# ଅମଲାତନ୍ତ୍ରରେ ଜୀବନର ଉପଲବ୍ଧି



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଦାର୍ଶନିକ ମାର୍ଟିନ୍ ହେଇଡେଗର୍ କହନ୍ତି, 'ପ୍ରତ୍ୟେକ ମଣିଷ ବହୁ ମଣିଷ ଭାବରେ ଜନ୍ମ ହୁଏ, ଅର୍ଥାତ୍ ଜୀବନକାଳରେ ବହୁ ଭୂମିକାରେ ଅବତୀର୍ଣ୍ଣ ହୁଏ ଓ ଜଣେ ମଣିଷ ଭାବରେ ଅର୍ଥାତ୍ ଭଲ ବା ମନ୍ଦ ଭାବରେ ମରେ ।' ହେଇଡେଗରଙ୍କ ଭାଷାରେ, 'ମୃତ୍ୟୁଚିନ୍ତା ମଣିଷକୁ ଦୈନନ୍ଦିନ ଜୀବନର ତୁଚ୍ଛତାରୁ ମୁକ୍ତି ଦିଏ ଏବଂ ଚୈତନ୍ୟ ଓ ଅନୁଭୂତିର ଉଚ୍ଚତର ସ୍ତରକୁ ଉନ୍ନୀତ କରେ,' ଯାହାକୁ ନିତ୍ସେ କହନ୍ତି, 'ଠିକ୍ ଏକ ଖୁବ୍ ଗଭୀର ଅମାପ ଗର୍ତ୍ତ ସୀମାରେ ନାଚିଲା ଭଳି ।' ରବୀନ୍ଦ୍ରନାଥ ଠାକୁର କହନ୍ତି, 'ମଣିଷର ଜୀବନ ଏକ ସରଳରେଖାର ସୀମାହୀନ ପ୍ରଲମ୍ବନ ନୁହେଁ ।' ଜୀବନର ଉଭୟ ସରଳ ଓ ଜଟିଳ ଦିଗଗୁଡ଼ିକ, କୋମଳ ଓ କଠୋର ଚିନ୍ତନଗୁଡ଼ିକ ଏତଦ୍ଦ୍ୱାରା ସୂଚିତ ହେଉଛି । ରବୀନ୍ଦ୍ରନାଥ ଠାକୁରଙ୍କ ମନ୍ତବ୍ୟ ୧୮୬୩ ମସିହାରେ 'ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍'ରେ ଯୋଗଦେଇଥିବା ପ୍ରଥମ ଭାରତୀୟ ତାଙ୍କ ଭାଇ ସତ୍ୟେନ୍ଦ୍ରନାଥ ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରଯୁଜ୍ୟ ଥିଲା । ପ୍ରଶାସନର ସରଳତା, ଜଟିଳତା, କୋମଳତା, କଠୋରତା ଇତ୍ୟାଦିକୁ ଲକ୍ଷ୍ୟ କରି ରବୀନ୍ଦ୍ରନାଥ ଠାକୁର ସେଦିନ 'ମଣିଷର ଜୀବନ ଏକ ସରଳରେଖାର ସୀମାହୀନ ପ୍ରଲମ୍ବନ ନୁହେଁ' ବୋଲି ମନ୍ତବ୍ୟ ଦେଇଥିଲେ।

ଆମର ପ୍ରଚଳିତ ସିଭିଲ୍ ସର୍ଭିସ୍ ମାନବସମ୍ବଳ ପଦ୍ଧତି ଗଧ ଓ ଘୋଡ଼ାମାନଙ୍କୁ ସମାନ ଭାବରେ ବ୍ୟବହାର କରୁଥିବାରୁ ଗଧମାନେ ଆନନ୍ଦ ଉତ୍ସବ ମନାଉଥିଲାବେଳେ ଘୋଡ଼ାମାନେ ହତାଶ ହୋଇପଡୁଛନ୍ତି । ଚତୁର୍ଦ୍ଦିଗରେ ଠକାମି, ଅପାରଗତା, ଅବହେଳା, ଦୁର୍ଭାଗ୍ୟ, ଦୁଃସ୍ଥିତି ଦୃଶ୍ୟ ହେଉଛି । ପ୍ରଚଳିତ ମାନବସମ୍ବଳ ପଦ୍ଧତି ବୌଦ୍ଧିକ, ସାମାଜିକ, ଆଧ୍ୟାତ୍ମିକ ମାନସମ୍ପନ୍ନ ବ୍ୟକ୍ତିମାନଙ୍କୁ ଉପଯୁକ୍ତ ଉପଯୋଗ କରିବା ଦିଗରେ ବିଫଳ ହୋଇଛି । ଗୋଡ଼ହାତ ଲମ୍ବାଇ ବସୁଥିବା ନିଷ୍କର୍ମାମାନଙ୍କ ଦ୍ୱାରା ସ୍ୱାୟତ୍ତତା ଓ ଉତ୍ତରଦାୟିତ୍ୱ ନଷ୍ଟ ହେଉଛି । ଭଲ ଲୋକମାନଙ୍କର କର୍ମଚାପ ବଢ଼ିଯାଉଛି । କିଛି ବିଭାଗରେ ଅନେକ କାମ ହୋଇପାରୁ ନାହିଁ । ଆଉ କିଛି ବିଭାଗରେ କାମ ନଥାଇ କର୍ମଚାରୀମାନେ ବସିରହୁଛନ୍ତି । ତେଣୁ ଦିଲ୍ଲୀରେ ୫୧ଟି ମନ୍ତ୍ରାଳୟ ୨୫କୁ, ୧୦୦ରୁ ଊର୍ଦ୍ଧ୍ୱ ବିଭାଗ ୫୦କୁ ଖସାଇ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । ଭାରତରେ ଏକ ସିଭିଲ୍ ସର୍ଭିସ୍ ଆବଶ୍ୟକ, ଯାହା ଉଭୟ ସୃଜନଶୀଳ (କ୍ରିଏଟିଭ୍) ଓ ଲକ୍ଷ୍ୟ ପ୍ରାପ୍ତିରେ ସହାୟକ ବା ଅନୁକୂଳ (ଷ୍ଟ୍ରାଟେଜିକ୍) ହୋଇଥିବ । ତେଣୁ 'ସାମର୍ଥ୍ୟ ଗଠନ ଆୟୋଗ' ଏକ ଅଭିନବ ମହତ ପରିକଳ୍ପନା, ଯାହା ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି, ଗଠନ, ପ୍ରଶିକ୍ଷଣ, କାର୍ଯ୍ୟ ପରିଚାଳନା, ବେତନ, ସଂସ୍କୃତି ଜରିଆରେ ସଂସ୍କାରଗୁଡ଼ିକୁ ସଂହତ କରାଇ କର୍ମଚାରୀମାନଙ୍କୁ କର୍ମଯୋଗୀରେ ପରିଣତ କରିବାର ଲକ୍ଷ୍ୟ ରଖେ । ଉତ୍କର୍ଷ ସମ୍ବଳକୁ ଆକର୍ଷଣ କରେ କିମ୍ବା ସମ୍ବଳ ଉତ୍କର୍ଷକୁ ଆକର୍ଷଣ କରେ ଜାଣିବା ଅସମ୍ଭବ, କିନ୍ତୁ ଯଦି ପ୍ରତିଯୋଗିତା, ନବୀନ ପରିକଳ୍ପନା/ପଦ୍ଧତି, ବିଶେଷ ଜ୍ଞାନ ପ୍ରାପ୍ତି, ପରୀକ୍ଷଣ, ପରିବର୍ତ୍ତନ ପ୍ରତି ସମ୍ବେଦନଶୀଳତା ମାଧ୍ୟମରେ ଉଭୟ ଉତ୍କର୍ଷ ଓ ସମ୍ବଳ କାର୍ଯ୍ୟ କରନ୍ତି, ତେବେ ତଦ୍ଦ୍ୱାରା ଯାଦୁକରୀ ଫଳ ପ୍ରାପ୍ତି ହୁଏ । ଆନି ମ୍ୟାରୀ ସ୍ଲଟର୍ ସ୍ୱରଚିତ ପୁସ୍ତକ 'ଦି ଚେସ୍ ବୋର୍ଡ୍ ଆଣ୍ଡ ଦି ୱେବ୍'ରେ ଦର୍ଶାଇଛନ୍ତି ଯେ ସିଭିଲ୍ ସର୍ଭିସ୍‌ରେ ପରିଚାଳନାଗତ ଦକ୍ଷତା ପାଇଁ ବ୍ୟକ୍ତି ସଦ୍ୟତମ ସୂଚନା ପ୍ରାପ୍ତ ହେବା ଓ ତା'ର ମନ ଆଧୁନିକ ଜ୍ଞାନର ନବୀନତମ ସ୍ତର ପର୍ଯ୍ୟନ୍ତ ପହଞ୍ଚିବାର କଥା ।

ମନେ କରନ୍ତୁ ଜଣେ ସାଧାରଣ ଲୋକ ନିଜର କୌଣସି କାର୍ଯ୍ୟ ଉଦ୍ଦେଶ୍ୟରେ ଗୋଟେ ଦପ୍ତରକୁ ଯାଉଛନ୍ତି, ସମୟକ୍ରମେ ଭେଟୁଛନ୍ତି ଚାରିଜଣଙ୍କୁ : ଫାଟକରେ ନିରାପତ୍ତାରକ୍ଷୀ, ତା'ପରେ ଅଭ୍ୟର୍ଥନାକାରୀ, ପ୍ରକୋଷ୍ଠରେ ସଂପୃକ୍ତ ଅମଲା, କ୍ୟାବିନ୍ ଭିତରେ ମୁଖ୍ୟ କାର୍ଯ୍ୟନିର୍ବାହୀ । ଅଭ୍ୟର୍ଥନାକାରୀ ବସୁଥିବା ସ୍ଥାନରେ ଲେଖାହୋଇଛି 'ଡିଉଟି ଇଜ୍ ଗଡ୍' (କର୍ତ୍ତବ୍ୟ ହିଁ ଈଶ୍ୱର), ସଂପୃକ୍ତ ଅମଲାଙ୍କ ପ୍ରକୋଷ୍ଠ କାନ୍ଥରେ ଟଙ୍ଗାଯାଇଛି କାର୍ଡ୍‌ବୋର୍ଡ୍‌ରେ ଲେଖାହୋଇଥିବା ବାକ୍ୟଟିଏ 'ୱାର୍କ୍ ଇଜ୍ ୱରସିପ୍' (କର୍ମ ହିଁ ଉପାସନା), ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ କ୍ୟାବିନ୍ ଭିତରେ ଲେଖାଅଛି 'ଶ୍ରଦ୍ଧା ସବୁରୀ' । କିନ୍ତୁ ସାଧାରଣ ଲୋକ ଲକ୍ଷ୍ୟ କରୁଛନ୍ତି ସେହି ସମସ୍ତ ଚାରିଜଣଙ୍କ ଶୁଷ୍କ, ଗମ୍ଭୀର ମୁହଁରେ ଅଶ୍ରଦ୍ଧା, ଅବିଶ୍ୱାସ, ଅଧୈର୍ଯ୍ୟ, ଅଳସପଣର ଚିହ୍ନ, ଅନୁଭବ କରୁଛନ୍ତି ସବୁଠି କାଳକ୍ଷେପଣ ନୀତି, ଦୀର୍ଘସୂତ୍ରତା, କୌଣସି ସମସ୍ୟାକୁ ସରଳ ସମାଧାନ ନକରି ଜଟିଳରୁ ଜଟିଳତର କରିବାର ଯାନ୍ତ୍ରିକ ପ୍ରକ୍ରିୟା, ସାଧାରଣ ମଣିଷର ଦୁଃଖରେ ସୁଖୀ ହେବାର ଅମଲାତନ୍ତ୍ରୀ ସ୍ୱଭାବ । ଶ୍ରଦ୍ଧା ସଂଚାର କରେ ବିଶ୍ୱାସ, ଊର୍ଜା (ଶକ୍ତି), ଈଶ୍ୱରପ୍ରଣିଧାନ (ଈଶ୍ୱରଙ୍କ ପ୍ରତି ପ୍ରତିବଦ୍ଧତା) । 'ଶ୍ରଦ୍ଧା' ବିଶ୍ୱାସର, 'ସବୁରୀ' ଧୈର୍ଯ୍ୟ, ଅଧ୍ୟବସାୟର ସୂଚକ । ଅମଲାତନ୍ତ୍ରରେ ଶ୍ରଦ୍ଧାର ଅଭାବ ହେତୁ ଆମ ଅମଲାତନ୍ତ୍ରୀଙ୍କ ନିଜ ଓ ଅନ୍ୟ ଉପରେ ବିଶ୍ୱାସର ଅଭାବ, ସାଧାରଣ ମଣିଷର ସମସ୍ୟା ଶୁଣିବା ପାଇଁ ଧୈର୍ଯ୍ୟର ଅଭାବ, ସମସ୍ୟା ସମାଧାନ ପାଇଁ ଅଧ୍ୟବସାୟ, ଶକ୍ତିର ଅଭାବ । କେବଳ କେତୋଟି ନିର୍ଦ୍ଧାରିତ ପାଠ୍ୟପୁସ୍ତକ ଘୋଷି ଲିଖିତ ଓ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପଦସ୍ଥ ଅମଲାତନ୍ତ୍ରୀ ହୋଇ ନିଜ ଦପ୍ତର, ବାସଭବନକୁ ଚାକଚକ୍ୟମୟ କରିବା ଓ ଅଙ୍ଗରକ୍ଷୀ ସହିତ ବାତାନୁକୂଳ ଯାନରେ ଯାତାୟତ କରିବା ଦ୍ୱାରା ଅମଲାତନ୍ତ୍ରର ସଂସ୍କାର ହୁଏ ନାହିଁ, ସଂସ୍କାର ହୁଏ ଅମଲାତନ୍ତ୍ରୀଙ୍କ ସ୍ୱଭାବରେ ସଂସ୍କାର ହେଲେ ଅର୍ଥାତ୍ ଅମଲାତନ୍ତ୍ରୀ ଉନ୍ନତ ଜ୍ଞାନ, ଉତ୍ତମ ଚରିତ୍ର ଅର୍ଜନ କରି ଶ୍ରଦ୍ଧା, ଶାନ୍ତି, ଶକ୍ତିକୁ ସ୍ୱଭାବରେ ପରିଣତ କଲେ।

ସରପଞ୍ଚ, ବିଧାୟକ, ସାଂସଦ ହବାକୁ ଚାହୁଁଥିବା କିଛି ଲୋକ ପଞ୍ଚାୟତ, ବିଧାନସଭା, ଲୋକସଭା ନିର୍ବାଚନଗୁଡ଼ିକୁ ଅପ୍ରମିତ ଅର୍ଥ କାରବାରର ଅମରାବତୀ, ବିପୁଳ ବାହୁବଳର ପ୍ରୟୋଗଶାଳା, ପାରସ୍ପରିକ ଅଶାଳୀନ ବାକ୍ୟବାଣ ନିକ୍ଷେପର ବ୍ୟୋମମଣ୍ଡଳରେ ପରିଣତ କରିଛନ୍ତି। କ୍ଷମତାସୀନ ରାଜନେତାଙ୍କ କବଳରେ ରହିଛନ୍ତି ବ୍ଲକ୍, ତହସିଲ୍, କଲେକ୍ଟୋରେଟ୍, ଭିନ୍ନଭିନ୍ନ ନିର୍ଦ୍ଦେଶାଳୟ, ଆୟୋଗ, ସଚିବାଳୟ ସବୁଠି କିଛି ଅମଲାତନ୍ତ୍ରୀ, ଯେଉଁମାନେ ପୋଷ୍ଟିଂ, ପ୍ରମୋଶନ୍ ପାଇଁ ରାଜନେତାଙ୍କ ସ୍ତାବକତା କରିବାକୁ, ସୌଭାଗ୍ୟ, ସୁକୃତ ମଣୁଛନ୍ତି।

ଏପରି ସ୍ଥିତିରେ ଅମଲାତନ୍ତ୍ରର ଗତି ସହଜରେ ଅନୁମେୟ । ସମୂହ ସ୍ୱାର୍ଥ ରକ୍ଷାକରି ଗଣଜୀବନକୁ ଆନନ୍ଦମୟ କରିବା ହେଉଛି ଗଣତନ୍ତ୍ରର ମୂଳ ଲକ୍ଷ୍ୟ, ଯେଉଁ ଲକ୍ଷ୍ୟର ପ୍ରାପ୍ତି ନିମିତ୍ତ ରାଜନୈତିକ ଇଚ୍ଛାଶକ୍ତି, ଅମଲାତାନ୍ତ୍ରିକ ତତ୍ପରତା ଆବଶ୍ୟକ । ଅଥଚ ଆମ ଦେଶରେ ଏ ଦୁଇଟିର ଅଭାବ ସର୍ବତ୍ର ଅନୁଭୂତ। ସଦ୍‌ଗୁରୁ ଜାଗୀ ବାସୁଦେବ କହନ୍ତି, "ପ୍ରତ୍ୟେକ ପ୍ରାଣୀ ପାଇଁ 'କିପରି ବଞ୍ଚିବାକୁ ହେବ' ସ୍ଥିରୀକୃତ, ମଣିଷ ପାଇଁ 'କିପରି ବଞ୍ଚିବାକୁ ହେବ' ସମ୍ପୂର୍ଣ୍ଣ ଆମ ହାତରେ ଅଛି । ଏହା ଆମର ମହତ ଅଧିକାର । ଜୀବନକୁ ଆମେ କେତେ ସୁନ୍ଦର, ମହତ କିମ୍ବା ଅଦରକାରୀ, ନିଷ୍କ୍ରିୟ କରିବାକୁ ଚାହୁଁ ତାହା ଆମ ଉପରେ ନିର୍ଭର । ଲୋକମାନେ ମୋତେ ପଚାରନ୍ତି, 'ନୂଆ ବର୍ଷରେ ସଂକଳ୍ପ କ'ଣ ?' ମୁଁ ସେମାନଙ୍କୁ ପଚାରେ, 'ଆନନ୍ଦମୟ ଜୀବନ ବଞ୍ଚିବାର ସଂକଳ୍ପ ସଂଯୋଜନା ପାଇଁ ଦେଶର ସମ୍ବିଧାନକୁ ସଂଶୋଧନ କରିବା ଆବଶ୍ୟକ କି ?' ସଚେତନ ହେବା ପାଇଁ ସଂକଳ୍ପର ଆବଶ୍ୟକତା ନାହିଁ । ତୁମେ କେବଳ ନିଜକୁ ପଚାର, 'ବିଗତ ବର୍ଷ ଜଣେ ମଣିଷ ଭାବରେ ମୋର ଅଗ୍ରଗତି ହୋଇଛି ନା ପଶ୍ଚାତ୍‌ଗତି ?' ଯଦି ତୁମେ ନିଜ ଭିତରେ କମ୍ ଘର୍ଷଣ, ସଂଘର୍ଷ, ବିଶୃଙ୍ଖଳା, ଅନିଶ୍ଚିତତା ଅନୁଭବ କରୁଛ, ତେବେ ତାହା ଏକ ସୂଚନା ଯେ ତୁମେ ଠିକ୍ ଦିଗରେ ଗତି କରୁଛ ।" ଅମଲାତନ୍ତ୍ରୀମାନେ ଉନ୍ନତ ଜ୍ଞାନ, ଉତ୍ତମ ଚରିତ୍ର ସମନ୍ୱୟରେ ମନୁଷ୍ୟତ୍ୱ ବଳରେ ନିଜ ନିଜର ଜୀବନକୁ ସୁନ୍ଦର, ମହତ, ଦରକାରୀ, ସକ୍ରିୟ କଲେ ଯାଇ ସାଧାରଣ ମଣିଷମାନଙ୍କର ମାର୍ଗଦର୍ଶକ ହୋଇପାରିବେ ଓ ସେମାନଙ୍କ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବା ସହିତ ନିଷ୍ପକ୍ଷ ଭାବରେ କର୍ତ୍ତବ୍ୟ ନିର୍ବାହ କରି ସାଧାରଣ ଜୀବନଯାତ୍ରାକୁ ଆନନ୍ଦମୟ କରିପାରିବେ । ବାହ୍ୟ ପ୍ରଭାବରୁ ମୁକ୍ତ ହୋଇ ବିବେକାନୁମୋଦିତ ପନ୍ଥା ଅବଲମ୍ବନରେ ଅନ୍ତଃକରଣର ବିଚାରଶକ୍ତି ପ୍ରୟୋଗରେ କର୍ତ୍ତବ୍ୟ କଲେ ଯାଇ ଜଣେ ଅମଲାତନ୍ତ୍ରୀ ଚାକିରିକାଳ ମଧ୍ୟରେ ଯେତେ ଯେତେ ବିଭାଗରେ ଭିନ୍ନଭିନ୍ନ ଭୂମିକାରେ କାର୍ଯ୍ୟ କଲେ ବି ଜଣେ ଯଶସ୍ୱୀ ବ୍ୟକ୍ତିର ଭାବମୂର୍ତ୍ତି ରକ୍ଷା କରିପାରିବେ । ସଂସାରରେ ପ୍ରତ୍ୟେକ ମଣିଷର ପ୍ରାର୍ଥନା ତାହାହିଁ ହବାର କଥା, 'ହେ ଈଶ୍ୱର ! ମୁଁ ମରଣଶୀଳ । ମୃତ୍ୟୁ ପର୍ଯ୍ୟନ୍ତ ମୋତେ ଅସତ୍ୟ, ଅନ୍ୟାୟ, ଅସାଧୁତା, ଅହଂକାର ଓ ଯାବତୀୟ ତୁଚ୍ଛତାରୁ ମୁକ୍ତି ଦିଅ, ଚୈତନ୍ୟ ଓ ଅନୁଭୂତିର ଉଚ୍ଚତର ସ୍ତରକୁ ମୋତେ ଉନ୍ନୀତ କର, ଯେପରି ମୁଁ ଜଣେ ମହତ୍ତ୍ୱପୂର୍ଣ୍ଣ ମଣିଷର ଜୀବନ ବଞ୍ଚିଥିଲି ବୋଲି ମୋର ମୃତ୍ୟୁବେଳେ ଲୋକେ କହିବେ।'

# ବିଲୁପ୍ତ ପ୍ରାୟ ନଟିଆର ଚଟିଆ



ଶ୍ରୀବସ୍ତ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ
ମୋ:୯୪୩୮୦୭୦୮୪୯

କିଚିରି ମିଚିରି ଚଟିଆ, ଧାନ ଜଗିଥିଲା ନଟିଆ । ନଟିଆ ଧରିଲା ବାଡି,ଚଟିଆ ଗଲା ଉଡି । ପିଲାମାନେ ଅଳି ଅଝଟ କଲେ କିମ୍ବା ଖାଦ୍ୟ ନ ଖାଇଲେ ମାଆମାନେ ଏମିତି କବିତା ଆଉ ଲୋରି ଶୁଣାଇ ଅବୁଝା ଅମାନିଆ କୋମଳମତି ଶିଶୁ ମାନଙ୍କୁ ବୁଝାଇ ଦେଉଥିଲେ । କିନ୍ତୁ ଅଧୁନା ଆଉ ଶୁଣିବାକୁ ମିଳୁନାହିଁ ସେ ଲୋକପ୍ରିୟ ପଂକ୍ତିଗୁଡ଼ିକ କିମ୍ବା ଦେଖିବାକୁ ମିଳୁନାହାନ୍ତି ସେ ଘର ଚଟିଆ । ସେଦିନର ନଟିଆ ଆଜି ବଡ଼ ହୋଇଯାଇଛି । ସହରୀ ଜୀବନ ବିତାଉଛି । ସୁଉଚ୍ଚ ଅଟ୍ଟାଳିକାର ଶୀତତାପ ନିୟନ୍ତ୍ରିତ କୋଠରୀ ମଧ୍ୟରେ ସମୟ କାଟୁଛି । ବିଜ୍ଞାନର ବିକାଶ ସହ ନଟିଆ ଚନ୍ଦ୍ର ପୃଷ୍ଠରେ ପହଞ୍ଚିବାକୁ ମନ ବଳାଇଲାଣି । ପ୍ରଯୁକ୍ତି ବିଦ୍ୟାର ପଛରେ ଧାଇଁ ଧାଇଁ ନୟାନ୍ତ ହୋଇପଡ଼ିଲାଣି । ନୂତନତ୍ୱର ସନ୍ଧାନରେ ମତୁଆଲା ସାଜିଛି । କିନ୍ତୁ ଯେତେବେଳେ କର୍ମମୟ ଜୀବନରୁ ଅବସର ନେଇ ନିଜର ଜନ୍ମ ମାଟିକୁ ପ୍ରତ୍ୟାବର୍ତ୍ତନ କରିଛି ସେତେବେଳେ ସେ ଖୋଜିଛି ତାର ଅତି ପ୍ରିୟ ଘର ଚଟିଆକୁ । ଯାହାକୁ ସିଏ ପିଲାବେଳେ ବାଡି ଧରି କେତେ ପିଟିଛି । ତା ନାଁ ଧରି ଖାଦ୍ୟ ଖାଇ ବଡ଼ ହୋଇଛି । କେମିତି ବି ସେ ଭୁଲି ପାରିଥାନ୍ତା ! ତାର ଶୈଶବ ଅବସ୍ଥାର ମିତ୍ର ଥିଲା ଘର ଚଟିଆ । ମନେମନେ ଚିନ୍ତା କରୁଛି ନଟିଆ; କୁଆଡ଼େ ଗଲେ ଘରଚଟିଆ ? ବିଲୁପ୍ତ ହୋଇଗଲେଣି କି ଏ କୁନି ଚଢେଇ? କାହିଁ ଆଉ ଦେଖାଯାଉନାହାନ୍ତି ? ବୟସର ଅପରାହ୍ନରେ କାହାକୁ ବା ପଚାରିବ ସେ ? କିଏ ଅସମାହିତ ପ୍ରଶ୍ନର ଉତ୍ତର ତାକୁ ଦେବ । ଆଜିକାଲିର କୁନିକୁନି ପିଲାଙ୍କୁ ଘର ଚଟିଆ କଥା ପଚାରିଲେ ସେମାନେ କହୁଛନ୍ତି ଘର ଚଟିଆ ! ସେଇଟା କି ପ୍ରକାର ପକ୍ଷୀ ! ଆମେ ତାକୁ ଦେଖିନୁ । ଚିନ୍ତା ଘାରିଛି ନଟିଆକୁ। ନିଜର ଚେତନାର ଶକ୍ତିକୁ ବୃହତ୍ତର ପରିଧି ଆଡ଼କୁ ଅଗ୍ରସର କରାଇଛି ନଟିଆ । ସେ ନିଜ ଶୈଶବର ସାଥି, ଚଟିଆର ଅନ୍ୱେଷଣରେ ବହାରିପଡ଼ିଛି ।କାଳର କରାଳ ଗତିରେ, ଆଧୁନିକତାର ସ୍ପର୍ଶରେ, ବିକାଶର ଆଳରେ ମନୁଷ୍ୟ ପ୍ରକୃତିକୁ ବିନାଶ କରିବା ଦ୍ୱାରା ନିରୀହ କୁନି ଚଢ଼େଇଟିର ବଂଶ ଆଜି ବିଲୁପ୍ତ ପ୍ରାୟ ହୋଇଗଲାଣି ବୋଲି ଅନୁଭବ କରି ପ୍ରକୃତିସ୍ଥ ହୋଇ ପଡ଼ିଛି ନଟିଆ। ସୁନ୍ଦରତାର ଏକ ସ୍ୱତନ୍ତ୍ର ପରିଚୟ ହେଉଛି ଏହି କ୍ଷୁଦ୍ର ଚଢେଇ । ସେମାନେ ବଣୁଆ ଚଢ଼େଇ ହୋଇଥିଲେ ମଧ ଲୋକଙ୍କ ସହ ସତେ ଯେମିତି ତାଙ୍କର ସମ୍ପର୍କ ରହିଛି ସେଥିପାଇଁ ତ ସେମାନେ ବଣ ଜଙ୍ଗଲରେ ନ ରହି ନଡା ଛପର ଘରମାନଙ୍କରେ ବସା ବାନ୍ଧି ରହିଥାନ୍ତି। ସେମାନଙ୍କର କିଚିରିମିଚିରି ଶବ୍ଦରେ ଆଖପାଖ ପରିବେଶ ଫାଟିଉଠେ ଓ ଲୋକଙ୍କ ମନରେ ବେଶ ଖୁସି ଉନ୍ମାଦନା ସୃଷ୍ଟି କରିଥାଏ । ସେମାନଙ୍କର ରାବ ଶୁଣି ନିଦ ଭାଙ୍ଗିଯାଏ । ସେଥିପାଇଁ ସେମାନଙ୍କୁ ପ୍ରାକୃତିକ ଆଲାରାମ ମଧ୍ୟ କୁହାଯାଏ। ଗାଁ ହେଉକି ସହର, ମଣିଷ ଜୀବନର ଏକ ଅଂଶ ଥିଲା ଘରଚଟିଆ । ସକାଳୁ ଘରଚଟିଆଙ୍କ କିଚିରିମିଚିରିରୁ ଆରମ୍ଭ ହେଉଥିଲା ଦିନ । ଘରେ ଉଭୟ ଚଟିଆ ଓ ମଣିଷଙ୍କ ଉପସ୍ଥିତି ପରସ୍ପର ପାଇଁ ଦେହସୁହା ଥିଲା । ସକାଳ ହେଲେ ଘରଚଟିଆର କିଚିରିମିଚିରି ଶବ୍ଦ ନଥିଲେ ଗାଁ ଗାଁ ପରି ଲାଗୁନଥିଲା। ଘର ଅଗଣା, ବାଡ଼ି, ଦାଣ୍ଡରେ ଖୁଦଟିକେ ଢାଳିଦେଲେ କିମ୍ବା ଚାଷୀ ଖଳାରେ ଶସ୍ୟ ଅମଳ ସମୟରେ, ସେମାନଙ୍କର କୁନିକୁନି ଥଣ୍ଟରେ, ଖୁମ୍ପିଖୁମ୍ପି, ଡେଇଁଡେଇଁ ମନ ଖୁସିରେ ଶସ୍ୟ ଖାଉଥିଲେ, ଯାହାକୁ ଦେଖିବାକୁ ଖୁବ୍ ଆନନ୍ଦ ଲାଗେ । ଶସ୍ୟ କ୍ଷେତ୍ରରେ ଥିବା ପୋକ ଜୋକ ଖାଇ ଆମ ସମାଜ ତଥା ଚାଷୀର ପରମ ବନ୍ଧୁ ଭାବେ ବେଶ ପରିଚିତ ଥିଲେ ଏହି ପକ୍ଷୀ । ସେମାନେ ମଣିଷ ଭଳି ଦଳବଦ୍ଧ ହୋଇ ରହିବାକୁ ଭଲ ପାଆନ୍ତି । କିନ୍ତୁ ସମୟ ବଦଳିବା ସହ ପରିବର୍ତ୍ତନ ହୋଇଯାଇଛି ସବୁ କିଛି। ଏ କଣ ଦେଖୁଛି ନଟିଆ ! ଆଧୁନିକତାର ସ୍ପର୍ଶରେ ଗାଁ ପରିବେଶ ଆଜି ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି । ଯେଉଁ ନଡ଼ା ଛପର ଚାଳ ଘରେ ଚଟିଆ ବସବାସ କରୁଥିଲା, ବଂଶ ବିସ୍ତାର କରୁଥିଲା, କିଚିରିମିଚିରି ଶବଦ କରୁଥିଲା ଆଜି ସେ ଘର କୋଠାଘର ଭାବେ ରୂପାନ୍ତରିତ ହୋଇଛି । ସେଠି ଚଟିଆ ପରିବର୍ତ୍ତେ ନଟିଆ ଦେଖୁଛି କୁକୁର। କୋଠାଘରୁ ଚଢ଼େଇର କିଚିରି ମିଚିରି ଶବ୍ଦ ପରିବର୍ତ୍ତେ ସୁଭୁଛି କୁକୁରର ଭୋ ଭୋ ଶବ୍ଦ । ସତରେ କ'ଣ ମୋ ଗାଁ ବଦଳି ଯାଇଛି ! ! କେଉଁଠି ହେଲେ ବି ଚାଳ ଘର ନାହିଁ, ବିଚରା ନିରୀହ ପକ୍ଷୀମାନେ କେଉଁଠି ରହିବେ? ସହରୀକରଣ ଦ୍ୱାରା ପ୍ରଭାବିତ ହୋଇଛି ଗାଁ । ମଣିଷର ଆଧୁନିକ ଜୀବନ ଶୈଳୀ ଭିତରେ ହଜିଗଲେଣି ଚଟିଆ ବା ଘରଚଟିଆ। କିଛି ବର୍ଷ ପୂର୍ବେ ଘର ଅଗଣାରେ ଧାନ, ମାଣ୍ଡିଆ ଶୁଖାଇଲେ ଜଣେ ଲୋକ ବାଡ଼ିଟିଏ ଧରି ଜଗିବାକୁ ପଡୁଥିଲା, କାଳେ ଘରଚଟିଆ ଆସି ଖାଇଯିବେ । ଅଧୁନା ମଣିଷମାନେ ଚାଷ ବାସ ଛାଡ଼ି ସହରାଭିମୁଖୀ ହେଉଛନ୍ତି । ଆଗଭଳି ଆଉ ଶସ୍ୟ ପ୍ରାୟ ଉତ୍ପାଦନ ହେଉନାହିଁ । ତେଣୁ ଘର ଚଟିଆମାନେ ଖାଦ୍ୟ ଅନ୍ୱେଷଣରେ ବାହାରକୁ ଯାଇଛନ୍ତି କିମ୍ବା ଖାଦ୍ୟ ଅଭାବ ଜନିତ ସମସ୍ୟା ସାମ୍ନା କରୁଛନ୍ତି । ଚାଷ ଜମିରେ ଦେଖାଯାଉଥିବା ଛୋଟ ଛୋଟ କୀଟ ନବଜାତକ ଘରଚଟିଆଙ୍କ ଖାଦ୍ୟ ହୋଇଥାଏ । ହେଲେ ଚାଷରେ ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ କରି କମ୍ ଅର୍ଥ ଓ ଶ୍ରମ ବିନିଯୋଗ କରି ପ୍ରଚୁର ଖାଦ୍ୟ ଶସ୍ୟ ଉତ୍ପାଦନ ଆଶାରେ ଆଧୁନିକ ଚାଷୀ ମାନେ ଚାଷ ଜମିରେ କୀଟନାଶକର ଅତ୍ୟଧିକ ପ୍ରୟୋଗ କରୁଛନ୍ତି ଫଳସ୍ୱରୁପ ଘର ଚଟିଆମାନଙ୍କର ଖାଦ୍ୟ ବିଷାକ୍ତ ହୋଇଯାଉଛି । ମାଟି ଉପରେ ପେଭର ବ୍ଲକ ବିଛାଇବାରୁ ମାଟିରୁ ଉତ୍ପନ୍ନ ଛୋଟଛୋଟ ପୋକ ଓ ଜିଆମାନେ ଲୋପ ପାଇଗଲେଣି। ଫଳରେ ନିଜକୁ ଖାପଖୁଆଇ ନପାରି ଦିନକୁ ଦିନ ସେମାନଙ୍କର ସଂଖ୍ୟା କମିବାରେ ଲାଗିଛି । ପକ୍ଷୀମାନେ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଅନୁଭବ କରି ନିଜ ମାର୍ଗ ନିର୍ଦ୍ଧାରିତ କରିଥାନ୍ତି। ବହୁଳ ମାତ୍ରାରେ ମୋବାଇଲ ବ୍ୟବହାର ଯୋଗୁଁ ଟାୱାରରୁ ବାହାରୁଥିବା ତରଙ୍ଗ ଦ୍ୱାରା ସେମାନଙ୍କର ବିଚରଣ କରିବାର କ୍ଷମତା ବାଧାପ୍ରାପ୍ତ ହୁଏ । ବ୍ୟାପକ ସହରୀକରଣ,ଜଙ୍ଗଲ ଧ୍ୱଂସ,ଜଳବାୟୁ ପରିବର୍ତ୍ତନ ଆଦି ଅନେକ ମନୁଷ୍ୟ କୃତ୍ୟ କାରଣ ଯୋଗୁଁ ସେମାନେ ଆଜି ବିଲୁପ୍ତ ପ୍ରାୟ। । ବିଶ୍ୱନିୟନ୍ତାଙ୍କ ସୃଷ୍ଟିରେ ସମସ୍ତ ପ୍ରାଣୀ ପ୍ରକୃତି ଉପରେ ନିର୍ଭରଶୀଳ କିନ୍ତୁ ପ୍ରକୃତି ଉପରେ ମାତ୍ରାଧିକ ହସ୍ତକ୍ଷେପ ଯୋଗୁଁ ଅନେକ ଜୀବଜନ୍ତୁ ଆଜି ପୃଥିବୀ ପୃଷ୍ଠରୁ ବିଲୁପ୍ତ ହୋଇ ଗଲେଣି । ଘରଚଟିଆ ଯେ ସଂପୂର୍ଣ୍ଣ ବିଲୁପ୍ତ ହୋଇ ଯାଇଛନ୍ତି ତାହା ନୁହେଁ । ଆମେ ସାମାନ୍ୟ ଯତ୍ନଶୀଳ ହେଲେ ସେମାନେ ପୁଣି ଆମ ଘରକୁ ଫେରି ଆସିବେ । ସମୟର ପରିବର୍ତ୍ତନ ସାଙ୍ଗକୁ ସବୁ କିଛି ବଦଳି ଗଲାଣି । ଲୋକଙ୍କ ଚଳଣି ସହ ବାସଗୃହ ମଧ୍ୟ ବଦଳିଗଲାଣି। ଇଣ୍ଟର୍ନେଟ,ମୋବାଇଲ ଯୁଗ ସାଙ୍ଗକୁ କଚ୍ଚାଘରକୁ ସରକାର ପକ୍କା ଘର କରି ଲୋକଙ୍କୁ ଯୋଗାଇ ଦେଉଛନ୍ତି । କିନ୍ତୁ ସରକାରଙ୍କ ଏହି ଘୋଷଣା ଲୋକଙ୍କ ପାଇଁ ଖୁସି ଆଣି ଦେଉଥିବା ବେଳେ ଘର ଚଟିଆଙ୍କ ପାଇଁ ତାହା କାଳ ସାଜିଛି । ଚାଳ ଘରେ ଏମାନେ ରହି ଅଣ୍ଡା ଦେଉଥିଲେ । ହେଲେ ଚାଳ ଘର ନଥିବାରୁ ଅଣ୍ଡା ଦେବାରେ ସମସ୍ୟା ରହିଲା । ଅନ୍ୟ ଯେଉଁଠି ଅଣ୍ଡା ଦେଲେ ସେଠାରେ ଅଣ୍ଡା ନଷ୍ଟ ହେଲା । କୋଠାଘର ହେଉ କିନ୍ତୁ ସେମାନଙ୍କ ବଂଶ ବିଲୁପ୍ତି ସଙ୍ଗୀନ ସଙ୍କଟରୁ ଉଦ୍ଧାର ନିମନ୍ତେ କୃତ୍ରିମ ବାସସ୍ଥାନ ନିର୍ମାଣ କରିବା ଓ ସେମାନଙ୍କର ବିଚରଣ ପାଇଁ ପରିବେଶକୁ ସନ୍ତୁଳିତ କରିବା ନିହାତି ଦରକାର । ଅବଶ୍ୟ ଘର ଚଟିଆଙ୍କୁ ସୁରକ୍ଷା ତଥା ତାଙ୍କ ବଂଶ ବୃଦ୍ଧି ପାଇଁ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗେଇ ଆସୁଛନ୍ତି କିନ୍ତୁ ଏହି ପକ୍ଷୀଙ୍କ ପାଇଁ ସରକାର ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ତେବେ ଏହି କୁନି ଚଢେଇର ବଂଶବିସ୍ତାର ପ୍ରତି ଯଦି ଆମେ ସଚେତନ ନ ହେବା ତାହେଲେ ପରବର୍ତ୍ତୀ ପିଢି ବାସ୍ତବରେ ନୁହେଁ, ବରଂ ବହିରେ ଦେଖିବେ ଘରଚଟିଆ ଏବଂ ଆପଣଙ୍କୁ ପ୍ରଶ୍ନ କରିବେ ,ଏ ପକ୍ଷୀର ନାଁ କ'ଣ? ଅନ୍ତତଃ ପକ୍ଷେ ସେ ଦିନ ଆସିବା ପୂର୍ବରୁ ଆମକୁ ଆମେ ସଚେତନ ହୋଇଯିବା ନିହାତି ଦରକାର । ରକ୍ଷକ ଥିବା ମଣିଷ ଭକ୍ଷକ ନ ସାଜି ପରିବେଶ ପ୍ରେମୀ ହୋଇ ଏ କ୍ଷୁଦ୍ର ପକ୍ଷୀ ପାଇଁ ସମ୍ବେଦନଶୀଳ ହେଲେ ଏହାର ବିଲୁପ୍ତି ହେବ ନାହିଁ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**



## ନୂତନ ରାସନ କାର୍ଡ଼ ପ୍ରସ୍ତୁତି ନିମନ୍ତେ ଇ-କେ.ୱାଇ.ସି ଯାଞ୍ଚ ନିହାତି ଜରୁରୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ରାସନ କାର୍ଡ଼ ପାଇଁ ଆବେଦନ କରିଥିବା ସମସ୍ତ ଆବେଦନକାରୀଙ୍କ ଯାଞ୍ଚ ତଥା କ୍ଷେତ୍ର ତର୍ଜମା ପରେ ଯୋଗ୍ୟ ହିତାଧିକାରୀଙ୍କ ପାଇଁ ବର୍ତ୍ତମାନ ନୂତନ ରାସନ କାର୍ଡ଼ ପ୍ରସ୍ତୁତ କରାଯାଉଛି । ଏହି ପରିପ୍ରେକ୍ଷୀରେ ନୂତନ ରାସନ କାର୍ଡ଼ ପ୍ରସ୍ତୁତ ନିମନ୍ତେ ପରିବାରର ସମସ୍ତ ସଦସ୍ୟଙ୍କ ଇ-କେ.ୱାଇ.ସି ଯାଞ୍ଚ ନିହାତି ଜରୁରୀ ଅଟେ । ଏଣୁ ଜିଲ୍ଲାର ସମସ୍ତ ଆବେଦନକାରୀ ନିଜ ବ୍ଲକ କିମ୍ବା ପୌରାଞ୍ଚଳରେ ଥିବା ଯୋଗାଣ ନିରୀକ୍ଷକଙ୍କ ସହ ଯୋଗାଯୋଗ କରି ଯଥାଶୀଘ୍ର ଇ-କେ.ୱାଇ.ସି ଯାଞ୍ଚ କରାଇନିଅନ୍ତୁ ।

## ମହିଳାଙ୍କ ସମ୍ପୃକ୍ତି ଯୋଗୁ ରାଜ୍ୟରେ ଚୋରା ନିଶା କାରବାର ବଢ଼ୁଛି


**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବେଆଇନ୍ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି । ନିଶା ବେପାରୀମାନେ ବେଆଇନ୍ ଭାବେ ନିଶା କାରବାର କରି ରାଜ୍ୟ ସାରା କାୟା ବିସ୍ତାର କରିଚାଲିଛନ୍ତି । ତେବେ ହଜାର ହଜାର ମହିଳାଙ୍କ ଏହି ନିଶା କାରବାରରେ ସମ୍ପୃକ୍ତି ଚିନ୍ତା ବଢ଼ାଇଛି । ସରକାରୀ ତଥ୍ୟ ଅନୁଯାୟୀ ବେଆଇନ୍ ନିଶା କାରବାରରେ ରାଜ୍ୟରେ ଗତ ୬ ବର୍ଷରେ ମୋଟ୍ ୨,୧୬,୯୯୮ ଜଣ ଗିରଫ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଗିରଫ ମହିଳାଙ୍କ ସଂଖ୍ୟା ୪୯,୫୯୮ ଚୋରା ନିଶା କାରବାର କରୁଥିବା ମହିଳାମାନେ ସହଜରେ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀଙ୍କ ଆଖିରେ ଧୂଳି ଦେଇ ଖସି ଯାଉଛନ୍ତି । ତଥ୍ୟ ମୁତାବକ ୨୦୧୯-୨୦ ବର୍ଷରେ ବେଆଇନ୍ ନିଶା କାରବାର ଅଭିଯୋଗରେ ଗିରଫ ୨୧,୦୦୫ ଜଣ ମଧ୍ୟରୁ ୪,୪୦୪ ଜଣ ମହିଳା ଥିଲେ । ସେହିପରି ୨୦୨୦-୨୧ରେ ଗିରଫ ୧୮,୭୧୬ ଜଣଙ୍କ ମଧ୍ୟରୁ ୪,୩୬୭ ଜଣ ମହିଳା ଓ ୨୦୨୧-୨୨ରେ ଗିରଫ ୩୨,୧୦୭ ଜଣଙ୍କ ମଧ୍ୟରୁ ୭୧୦୭ ଜଣ ମହିଳା । ସେହିପରି ୨୦୨୨-୨୩ରେ ଗିରଫ ୪୭,୬୫୨ ଜଣଙ୍କ ମଧ୍ୟରୁ ୧୧,୦୭୪ ଜଣ ମହିଳା, ୨୦୨୩-୨୪ରେ ଗିରଫ ୫୦,୩୩୩ ଜଣଙ୍କ ମଧ୍ୟରୁ ୧୧,୫୦୧ ଜଣେ ମହିଳା ଓ ୨୦୨୪-୨୫ ଫେବୃୟାରୀ ମାସ ପର୍ଯ୍ୟନ୍ତ ଗିରଫ ୪୭,୧୮୫ ଜଣଙ୍କ ମଧ୍ୟରୁ ୧୧,୧୪୫ ଜଣ ମହିଳା ଅଛନ୍ତି । ଗତ ୬ ବର୍ଷରେ ମୋଟ୍ ୨ ଲକ୍ଷ ୧୬ ହଜାର ୯୯୮ ଜଣ ବେଆଇନ୍ ନିଶା କାରବାରରେ ଗିରଫ ହୋଇଥିବା ବେଳେ ଏଥିମଧ୍ୟରୁ ମହିଳାଙ୍କ ସଂଖ୍ୟା ୪୯ ହଜାର ଟପିଗଲାଣି । ସୁନ୍ଦରଗଡ଼ ଜିଲ୍ଲାରେ ବେଆଇନ୍ ନିଶା କାରବାରରେ ସର୍ବାଧିକ ୧୦,୯୯୮ ଜଣ ଗିରଫ ହୋଇଥିବା ବେଳେ କଟକ ଜିଲ୍ଲାରେ ୧୦,୭୫୧ ଜଣ ଓ ବାଲେଶ୍ୱର ଜିଲ୍ଲାରେ ୧୦,୬୦୬ ଜଣ ଗିରଫ ହୋଇଛନ୍ତି । ବେଆଇନ୍ ନିଶା କାରବାରରେ ମହିଳାମାନଙ୍କ ସମ୍ପୃକ୍ତି ବୃଦ୍ଧିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ମଦ ବେପାର ବନ୍ଦ ପାଇଁ ଗାଁ ଗାଁରେ ବିଭିନ୍ନ ମହିଳା ସଙ୍ଗଠନ ଆନ୍ଦୋଳନ କରୁଥିବାବେଳେ ଏହି କାରବାରରେ ସଂପୃକ୍ତି ପାଇଁ ମହିଳାମାନେ ଗିରଫ ହେବା ଓଲଟା ଚିତ୍ର ପ୍ରଦାନ କରୁଛି ।

## ଶାଳ ଗଛ କଟା ଘଟଣା | ବନ ବିଭାଗ ସେଣ୍ଟ୍ରିଙ୍ଗ ଭାଙ୍ଗି ଜବତ କଲା କାଠ:ତଦନ୍ତ ଜାରି

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ପୋଲ ନିର୍ମାଣରେ ମୂଲ୍ୟବାନ ଶାଳ କାଠକୁ ସେଣ୍ଟ୍ରିଙ୍ଗରେ ବ୍ୟବହାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ପରେ ବନ ବିଭାଗର ତତ୍ପରତା ଦେଖିବାକୁ ମିଳିଛି । ସକାଳ ସମୟରେ ବନ ବିଭାଗ ସ୍ଥିତି ପରଖି ଥିବାବେଳେ ଅପରାହ୍ନରେ ବିଭାଗ ଆକ୍ସନ ମୁଡ଼କୁ ଆସିଛି । ଦୁଇଟି ଟ୍ରାକ୍ଟର ସମେତ ବନପାଳ ବନିତା ପ୍ରଧାନ, ବନରକ୍ଷୀ ସଞ୍ଜୀବ ବେହେରା ସଦଳବଳ ଓ ଶ୍ରମିକଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ସେଣ୍ଟ୍ରିଙ୍ଗକୁ ବାହାର କରବା ସହ



ଜବତ କରିଛି । ବିଭାଗ ଏବେ ଉକ୍ତ ଠିକା ସଂସ୍ଥା ଓ ସେଥିରେ ସମ୍ପୃକ୍ତି ବ୍ୟକ୍ତିଙ୍କ ଉପରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ବନପାଳ ବନିତା ପ୍ରଧାନ କହିଛନ୍ତି । ମୂଲ୍ୟବାନ କାଠ କଟାଯାଇଥିବା ଆଶଙ୍କା କରାଯାଇଛି । ପୂର୍ବରୁ ଉକ୍ତ କାଠ ଅନ୍ୟ ଜଙ୍ଗଲରୁ ଅଣାଯାଇଥିବା ଓ ସେଥିପାଇଁ ରୟାଲଟି ପ୍ରଦାନ କରାଯାଇଥିବା ଠିକା ସଂସ୍ଥା କହୁଛି । ତେବେ ଏନେଇ ବନ ବିଭାଗ ନିକଟରେ ଏବେ ସୁଦ୍ଧା କୌଣସି ପ୍ରମାଣ ମିଳିନାହିଁ । କେବଳ ବେଆଇନ୍ ଜଙ୍ଗଲରୁ କାଠ ଟ୍ରାକ୍ଟର ଯୋଗେ ଅଣାଯାଉଥିବା ବେଳେ ବୁଢ଼ାଗୁଡା ବନପାଳ ଟ୍ରାକ୍ଟର ଠାରୁ ରୟାଲଟି କଟାଯାଇଥିଲା । ଏଥିସହ ସିମନବାଡି ସେକ୍ସନ୍‌ରେ କାମ କରାଯାଉଥିବା ଉକ୍ତ ପୋଲ ସେଣ୍ଟ୍ରିଙ୍ଗ ପାଇଁ କାଠ ବ୍ୟବହାର କରାଯାଉଥିଲେ ମଧ୍ୟ କୌଣସି ଅନୁମତି ନିଆଯାଇନଥିଲା ବିଭାଗ କହିଛି । ସେହିପରି ବାଲିଗୁଡା ଡିଏଫଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ କାଠ ଜବତ କରାଯାଉଥିବା ବନପାଳ କହିଛନ୍ତି ।

## ୬୦ କିଲୋ ଗଞ୍ଜେଇ ଜବତ:ଜଣେ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଧଳପୁର ମହାନଦୀ ବ୍ରିଜ୍ ନିକଟରୁ ୬୦ କେଜି ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସଦରରେ ଅବକାରୀ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ବୌଦ୍ଧ ଅବକାରୀ ସଦରରେ ଇନ୍‌ସପେକ୍ଟର ଗଦାଧର ମହାରଣାଙ୍କ ନେତୃତ୍ୱରେ ଏକ ଟିମ୍ ଧଳପୁର୍



ମହାନଦୀ ବ୍ରିଜ୍ ରାସ୍ତାରେ ଚଢ଼ଉ କରିଥିଲା । ଏକ ଟାଟା ଟାଇଗର କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା ଓ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ଓଜନ କରାଯିବାରୁ ତାହା ୬୦ କେଜି ହୋଇଥିଲା । କାର୍‌ରେ ଥିବା ବୌଦ୍ଧ ଥାନା ବନ୍ଧା ପଥର ଗ୍ରାମର ନିରଞ୍ଜନ ସାହୁଙ୍କୁ ଗିରଫ କରିଥିଲା । ଏ ସମ୍ପର୍କରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ବିବାହ ଭୋଜିରେ ମାଂସ ନଦେବାରୁ ଗାଡ଼ି ପୋଡ଼ିଦେଲେ ଦୁର୍ବୃତ୍ତ:ଦୁଇ ଗିରଫ

**ବେଲପଡ଼ା, ନ୍ୟୁଜ୍ ବ୍ୟୁରୋ**

ବିବାହ ଭୋଜିରେ ମାଂସ ନଦେଲେ ବୋଲି ଚରିଚକିଆ ଗାଡ଼ିରେ ନିଆଁ ଲଗାଇ ପୋଡିଦେଲେ ଦୁର୍ବୃତ୍ତ ଏମିତି ଏକ ଅଭାବନୀୟ ଘଟଣା ବେଲପଡା ଥାନା ଖଲିପଥର ଗାଁରେ ଘଟିଛି । ପୋଲିସ ଗାଁର ଦୁଇଜଣଙ୍କୁ ପଚରାଉଚରା କରୁଛି । ଜଣଙ୍କ ନାମ ଆଦର୍ଶ ପଣ୍ଡା । ଅଭିଯୋଗ ମତେ ଗାଁର ଦୟାନିଧି ମେହେର ନିଜ ସମ୍ପର୍କୀୟ ବିବାହ ଉତ୍ସବରେ ମାଂସ ବାଣ୍ଟୁଥିଲେ ଏହି ସମୟରେ ଗାଁର ଦୁଇଜଣ ଯୁବକ ଭୋଜି ଖାଇବାକୁ ଯାଇଥିଲେ । ସେମାନେ ବାରମ୍ବାର ମାଂସ ମାଗିବାରୁ ଦୟାନିଧି ମନା କରିଦେଇଥିଲେ । ଫଳରେ ଯୁବକମାନେ ରାଗିଯାଇ ଦୟାନିଧିଙ୍କ ଘରେଥିବା କାର୍‌ରେ ନିଆଁ ଲଗାଇଦେଇଥିଲେ । ଫଳରେ ଗାଡ଼ି ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିଲା । ଏନେଇ ଦୟାନିଧି ବେଲପଡା ଥାନାରେ ଲିଖିତ ଅଭିଯୋଗ ପରେ ଗାଁର ଦୁଇ ଯୁବକକୁ ଗିରଫ କରିଛି ପୋଲିସ । ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯିବା ନେଇ ପୋଲିସ ସୂଚନା ଦେଇଛି । ତେବେ ନିଶାଗ୍ରସ୍ତ ହୋଇ ଯୁବକମାନେ ଏଭଳି କାଣ୍ଡ ଘଟାଇଥିବା ଜଣାପଡିଛି ।



## ମଦ ଜବତ:ମହିଳାଙ୍କ ସମେତ ୪ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ବିଭିନ୍ନ ସ୍ଥାନରେ ଚୋରା ମଦ ବିକ୍ରି ହେଉଥିବାର ଅଭିଯୋଗ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚଢଉକରି ଚୋରା ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରାଜନଗର ଥାନା କୁରୁଣ୍ଟି ଗ୍ରାମର ପ୍ରଦୀପ କୁମାର (ନରେନ୍ଦ୍ର), ଶୁଶାନ୍ତ ମଲ୍ଲିକ, ଶିଳ ପୋଖରୀର ଲକ୍ଷ୍ମୀବାଳା ମଣ୍ଡଳ ଓ ବଡନୌକଣା ଗ୍ରାମର ସରୋଜ ଚନ୍ଦ୍ର ମହାନ୍ତିଙ୍କୁ ଗିରଫ କରି ଏମାନଙ୍କ ଠାରୁ ବ୍ୟାପକ ଚୋରା ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉ ସମୟରେ ଅବକାରୀ ଅଧିକ୍ଷକ ବିପ୍ଳବ ଚରଣ ମଣ୍ଡଳ, ନିରୀକ୍ଷକ ପଦ୍ମଲୋଚନ ନାୟକ, ଉପନିରୀକ୍ଷକ ଛାୟାକାନ୍ତ ନାୟକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

### ||||||||||||| ସ୍ୱତନ୍ତ୍ର ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସମାରୋପ ସମାରୋହ |||||||||||||

## ‘ରାଷ୍ଟ୍ରକୁ ବିକଶିତ କରିବା ପାଇଁ ସ୍ୱପ୍ନ ଦେଖିବା ଦରକାର’

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ସେକ୍ଟର: ୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତରଫରୁ ସ୍ୱତନ୍ତ୍ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ସଂଗୀତ ଓ ଅଭିନୟ କଳା କର୍ମଶାଳାର ସମାରୋପ ସମାରୋହ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ସକରାତ୍ମକ ଭାବନା ଓ ରାଷ୍ଟ୍ରର ବିକାଶ ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀଙ୍କ ସଭାପତିତ୍ୱ, ବିଦ୍ୟା ମନ୍ଦିରର ସମ୍ପାଦକ କରୁଣାକର ପାଟଶାଣୀଙ୍କ ଆବାହକତ୍ୱ ତଥା ଶ୍ୟାମସୁନ୍ଦର ସେଠୀ ଓ ସନ୍ଧ୍ୟାରାଣୀ ସାମନ୍ତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟଅତିଥି, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂଘ ଚାଳକ ଡ. ସନାତନ ପ୍ରଧାନ ମୁଖ୍ୟବକ୍ତା, ଶିକ୍ଷା ବିକାଶ ସମିତି, ରାଉରକେଲା ସଂକୁଳ ପ୍ରମୁଖ ଗୋଦାବରୀଶ ଶତପଥୀ, ବିଦ୍ୟା ମନ୍ଦିରର କୋଷାଧ୍ୟକ୍ଷ ଉପେନ୍ଦ୍ରନାଥ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ତନ୍ତୀ ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ତାଙ୍କ ବକ୍ତବ୍ୟରେ କହିଲେ ଯେ ସକରାତ୍ମକ ଭାବନା ନୂଆ ସମାଜ ଗଠନରେ ସହାୟକ ହୋଇଥାଏ । ସେହିପରି ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ବ୍ୟବହାରକୁ ବନ୍ଦ କରିବା ପାଇଁ ଆହ୍ୱାନ୍ ଦେଇଥିଲେ । ମୁଖ୍ୟବକ୍ତା ଡ. ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଲେ ଯେ ରାଷ୍ଟ୍ରର ବିକାଶ କରିବା ପାଇଁ ସ୍ୱପ୍ନ ଦେଖିବା ଦରକାର । ଆମେ ନାଟକ ଲେଖିବା, ଅଭିନୟ କରିବାବେଳେ ସେଥିପ୍ରତି ଦୃଷ୍ଟି ଦେବା ଦରକାର । ସମାଜର ବିଭିନ୍ନତା ମଧ୍ୟରେ ଏକତାକୁ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନୀତ ଅତିଥି ଶ୍ରୀ ଶତପଥୀ ଏଭଳି କାର୍ଯ୍ୟକ୍ରମ ନୂତନ ଶିକ୍ଷା ନୀତିର ଏକ ଅଭିନ୍ନ ଅଙ୍ଗ ବୋଲି ମତ ରଖିଥିଲେ । ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଶତପଥି ଏହି କର୍ମଶାଳାର ଆଭିମୁଖ୍ୟ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲାବେଳେ ଆବାହକ ଶ୍ରୀ ପାଟଶାଣୀ ସମାଜ ପ୍ରତି ଆମର ଦାୟିତ୍ୱବୋଧ ସମ୍ପର୍କରେ ଓ ଭାଇଭଉଣୀଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାରେ ଏହା ସହାୟକ ହେବ ବୋଲି ମତ ରଖିଥିଲେ । ଏହି ଅବସରରେ ବିଗତ ସପ୍ତାହ ବ୍ୟାପୀ ଚାଲିଥିବା ସଂଗୀତ କଳାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନେ ସଂଗୀତ ପରିବେଷଣ କରିଥିଲେ । ଏଥିରେ ବାଦ୍ୟ ଯନ୍ତ୍ରରେ ଗୁରୁ ତରଣୀସେନ ଦାସ ଓ ଗୁରୁ ରଜତ ପଣ୍ଡା ସହଯୋଗ ଓ ଦିଗ୍‌ଦର୍ଶନ ଦେଇଥିଲେ । ସେହିପରି ଅଭିନୟ କଳା କର୍ମଶାଳାର ଛାତ୍ର-ଛାତ୍ରୀମାନେ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ରଚିତ ଜଳ ପ୍ରଦୂଷଣ ସଚେତନତାମୂଳକ ନାଟକ ତଥା ପଞ୍ଚାନନ ପାତ୍ରଙ୍କ ନିର୍ଦ୍ଦେଶନାରେ ଅଭିନୟ କରି ସଚେତନତା ବାର୍ତ୍ତା ବାଣ୍ଟିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର ଦୀନବନ୍ଧୁ ରଥ, ଦିଲ୍ଲେଶ୍ୱରୀ ମହନ୍ତ ତଥା ବିଦ୍ୟା ମନ୍ଦିର ସହ-ପ୍ରଧାନଚାର୍ଯ୍ୟ ଜନ୍ମେଜୟ ସୁଆର, ପ୍ରମୋଦ ମହାନ୍ତି, ବିଭୁତି ଭୂଷଣ ସାମଲ, ଅଞ୍ଜନା ବାରିକ, ଅପର୍ଣ୍ଣା ପଣ୍ଡା, ସରୋଜିନୀ ଜେନା, ନନ୍ଦିତା ମଲ୍ଲିକ, ସୁଜାତା ମହାନ୍ତି, ସଂଗୀତା ଖିଲାର, ରେଖା ମହାନ୍ତି, ମୋନାଲିକା ଦାସ, ଲଳିତା ବେହେରା, ବିଜୟଲକ୍ଷ୍ମୀ ବାରିକ, ରାଧାମୋହନ ଦାଶ, ଲକ୍ଷ୍ମୀ ବେହେରା, ମମତା ସାମଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ପ୍ରମୋଦ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ଯେ ଗତ ୭ ତାରିଖ ଦିନ ସଂଗୀତ କଳା କର୍ମଶାଳା ଆରମ୍ଭ ହୋଇଥିଲା ବେଳେ ୯ ତାରିଖରୁ ଅଭିନୟ କଳା କର୍ମଶାଳା ଆରମ୍ଭ ହୋଇଥିଲା । ଆସନ୍ତା ଏପ୍ରିଲ୍ ୨୫ରୁ ମେ ୩ ଯାଏଁ ଆଚାର୍ଯ୍ୟମାନଙ୍କ ନିମିତ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯେଉଁ କାର୍ଯ୍ୟକ୍ରମରେ ରାଉରକେଲାର ବିଭିନ୍ନ ବିଭାଗରେ ପ୍ରତିଷ୍ଠା ଅର୍ଜନ କରିଥିବା ୨୪ ଜଣ ବିଷୟ ବିଶେଷଜ୍ଞମାନେ ଉଚ୍ଚାଙ୍ଗ ବିଷୟ ରଖିବେ ।

## ଜୟଦେବଙ୍କୁ ଉତ୍କଳୀୟ ଭାବେ ପ୍ରତିଷ୍ଠା କରିବାରେ କେଦାରନାଥଙ୍କ ଅବଦାନ ଅବିସ୍ମରଣୀୟ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଐତିହାସିକ କେଦାରନାଥଙ୍କ ଶ୍ରାଦ୍ଧସଭା ଇତିହାସକୁ ଜୀବନ୍ତ କରିବା ସହ ଜୟଦେବଙ୍କୁ ଉତ୍କଳୀୟ ଭାବେ ପ୍ରତିଷ୍ଠା କରିବାରେ କେଦାରନାଥ ମହାପାତ୍ରଙ୍କ ଅବଦାନ ଅବିସ୍ମରଣୀୟ ବୋଲି କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମତ ପ୍ରକାଶ ପାଇଛି । ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ତରୁଣ କାନ୍ତି ମିଶ୍ର ମୁଖ୍ୟ ଅତିଥି କୈଳାଶ ଚନ୍ଦ୍ର ଦାଶ ମୁଖ୍ୟ ବକ୍ତା ଓ ପ୍ରଫେସର ବସନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ତାଙ୍କୁ ପୋଥି ପଥରର ନିଷ୍ଠାପର ବ୍ୟକ୍ତିତ୍ୱ ଭାବେ ଆଲୋଚନା କରିଥିଲେ । ଏହି ଅବସରରେ ଅର୍ଚ୍ଚନା ନାୟକ ପ୍ରଫୁଲ୍ଲ ମିଶ୍ର ଓ ପ୍ରବୀର ପଟ୍ଟନାୟକଙ୍କୁ ଏକାମ୍ର ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ବିରଞ୍ଚି ନାରାୟଣ ମିଶ୍ର ବେଦ ପାଠ ଗାୟତ୍ରୀ ଦାସ ସଙ୍ଗୀତ ପରିବେଷଣ କରିଥିଲେ । ଶେଷରେ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ । ମାନପତ୍ର ପଢିଥିଲେ ଜେନାମଣି ସଂଜୀବ କୁମାର ତନୟା ଦାସ ଗୋସ୍ୱାମୀ ଓ ସୁଶାନ୍ତ କୁମାର ସ୍ୱାଇଁ । କେଦାରନାଥଙ୍କ ପୁତ୍ର ଐତିହାସିକ ନିର୍ମଳ କୁମାର ମହାପାତ୍ର, ହରି ପଦ ଶତପଥୀ, ମନିରୁଦ୍ଧ ଦାଶ, ମମତା ମିଶ୍ର, ଭାଗିରଥି ମହାସୁହାର ପ୍ରମୁଖ ମାନ୍ୟଗଣ ବ୍ୟକ୍ତି ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ଥିଲେ । ଦୁଇଶହ ଇଂରାଜୀ ଓ ତିନିଶହରୁ ଅଧିକା ପ୍ରବନ୍ଧ ଲେଖିଥିବା କେଦାରନାଥ କୃତିତ୍ୱ ଉପରେ ଗୋଟିଏ ଏକ ଦିବସୀୟ ଆଲୋଚନା ଚକ୍ର କରିବା ପାଇଁ ଏହି ସଭାରେ ପ୍ରକାଶ ପାଇଥିଲା ।

## ଶନି ଦେବଙ୍କ ବଡ଼ ଓଷା:ଲକ୍ଷାଧିକ ଭକ୍ତଙ୍କ ସମାଗମ




**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜର ଏକ ମାତ୍ର ଶନିଦେବ ପୀଠ ରହିଛି, ଗ୍ରହରାଜ ଶନିଦେବ ୧୯୮୨ ମସିହା ଠାରୁ ବାରିପଦାର ୱାଲିଗଞ୍ଜ, ୱାର୍ଡ ନଂ.-୩ ଠାରେ ପୂଜା ପାଇଆସୁଛନ୍ତି । ଏହି ପୀଠକୁ ପ୍ରତ୍ୟେକ ଶନିବାର ମୟୂରଭଞ୍ଜ ଏବଂ ତାର ଆଖପାଖ ଜିଲ୍ଲା ଓ ରାଜ୍ୟରୁ ହଜାର ହଜାର ଭକ୍ତ ଶନିଦେବଙ୍କ ଦର୍ଶନ କରିବାକୁ ଆସିଥାନ୍ତି, ବର୍ଷକୁ ଗୋଟିଏ ମାସ ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ବୈଶାଖ ମାସ ଶେଷ ଶନିବାର, ଏହି ଦିନ ଶନି ଦେବଙ୍କ ବାର୍ଷିକ ଉତ୍ସବର ଚତୁର୍ଥ ପାଳି ଅନୁଷ୍ଠିତ ହୋଇଯାଇଛି । ଏହି ମହାଗ୍ରହ ପୀଠରେ ଶନିଦେବଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଭକ୍ତ ଆସି ଏହି ପୀଠରେ ପହଞ୍ଚି ଥିଲେ । ସକାଳୁ ଶନି ଦେବଙ୍କୁ ପବିତ୍ର ସ୍ନାନ କରାଗଲା, ତାପରେ ଶନି ଦେବଙ୍କ ନୂତନ ବସ୍ତ୍ର ପରିଧାନ କରିବା ପରେ ବାବାଙ୍କ ପାଖରେ ବାଲ୍ୟ ପ୍ରସାଦ ଲାଗିଲା ପରେ ଭକ୍ତଙ୍କୁ ତାହା ବଣ୍ଟନ କରାଯାଇଥିଲା । ତାପରେ ଘଣ୍ଟାର ତାଳେ ତାଳେ ବାବାଙ୍କ ପବିତ୍ର ଘଟ ପୋଲିସ ପୋଖରୀ ପାଖରୁ ଶନି ଦେବ ପୀଠକୁ ଆସିଥିଲା । ଯାହାକି ଭକ୍ତଙ୍କ ମନରେ ଭକ୍ତିର ଭାବ ଦୁଇ ଗୁଣିତ କରିଥିଲା । ପୀଠରେ ବାବାଙ୍କ ହୋମ ହେଲା ପରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଗଲା । ଏହି ଉତ୍ସବକୁ ସୂଚାରୁ ରୂପରେ ପରିଚାଳନା କରିବା ପାଇଁ ଶନି ପୀଠର ପରିଚାଳନା କମିଟି ବୃନ୍ଦ ସହ ଭକ୍ତମାନେ ସହଯୋଗ କରିଥିଲେ ।

## ବାଲି ବୋଝେଇ ହାଇୱା ଓଲଟିଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଗୋପବାଟ ଦେଇ ଶାମଗୁଡିଆ ଯାଉଥିବା ଏକ ବାଲି ବୋଝେଇ ହାଇୱା ରାସ୍ତା ଧସିଯିବାରୁ ହାଇୱା ଓଲଟି ଡ୍ରାଇଭର ଗୁରୁତ୍ୱର ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ଏକ ବାଲି ବୋଝେଇ ହାଇୱା ଶାମଗୁଡିଆ ମେଡିକାଲ୍ ବାଟ ଦେଇ ଯାଉଥିବାବେଳେ ସାଇଡ୍ ରାସ୍ତା ଧଷିଯିବାରୁ ହାଇୱା ଓଲଟି ପଡିଥିଲା । ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି ।



## ମୃତ ଶିଶୁର ପରିବାରକୁ ପ୍ରଶାସନର ସହାୟତା



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ଗ୍ରାମ ପଞ୍ଚାୟତ ନାରାୟଣପୁର ଗ୍ରାମରେ ପହଞ୍ଚି ପାଣିରେ ବୁଡି ସାନ ବାଗବର ଗ୍ରାମରେ ମୃତ୍ୟୁବରଣ କରିଥିବା ଶିଶୁର ପରିବାରକୁ ସମବେଦନା ଜଣାଇଛନ୍ତି । ଗୁରୁବାର ନାରାୟଣପୁର ଗ୍ରାମର ନକୁଳ ମହାକୁଡଙ୍କ ଦୁଇ ବର୍ଷର ଝିଅ କାଜଲ୍ ବାପା ମାଆଙ୍କ ସହ ମାମୁଁ ଘର ସାନ ବାଗବର ଗ୍ରାମକୁ ବୁଲି ଯାଇଥିବାବେଳେ ଏକ ପାଣି ଭର୍ତ୍ତି ଡେକ୍‌ଚିରେ ପଡି ମୃତ୍ୟୁବରଣ କରିଥିଲା । ଉକ୍ତ ଘଟଣାରେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପ ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ ନାରାୟଣପୁର ଗ୍ରାମରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ଉପ ଜିଲ୍ଲାପାଳଙ୍କ ସହ ବୌଦ୍ଧ ତହସିଲଦାର ଅନୀତା କୁମାରୀ ସାହୁ ଓ ସଦର ରାଜସ୍ୱ ନିରୀକ୍ଷକ ଅନୀଲ୍ ପ୍ରଧାନ ଏବଂ କର୍ମଚାରୀମାନେ ଉଭୟ ସାନ ବାଗବର ଓ ନାରାୟଣପୁର ଗ୍ରାମରେ ଉପସ୍ଥିତ ଥିଲେ । ପରେ ହରଭଙ୍ଗା ବିଡିଓ ଶରତ କୁମାର ସେଠୀ ମଧ୍ୟ ତାଙ୍କ ନାରାୟଣପୁରରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାର ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ । ସରକାରୀ ନିୟମ ଅନୁଯାୟୀ ଅଧିକ କ୍ଷତି ପୂରଣରାଶି ପ୍ରଶାସନ ପକ୍ଷରୁ ଯୋଗାଇ ଦେବାକୁ ପ୍ରତିଶୃତି ଦେଇଥିଲେ ।

## ଟିଫିନ୍ ସେଣ୍ଟରରୁ ଲୁଟ୍ ସାମଗ୍ରୀ ଉଦ୍ଧାର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହର ହାତୀଶାଳ ଛକ ନିକଟରେ ଥିବା ଆନ୍ନା ଟିଫିନ୍ ସେଣ୍ଟରରୁ ତାଲା ଭାଙ୍ଗି ଚୋରୀ ମାମଲାରେ ଚୋରୀ ସାମଗ୍ରୀ ଉଦ୍ଧାର କରିଛି ବୌଦ୍ଧ ପୋଲିସ୍ । ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ହାତୀଶାଳ ଛକ ନିକଟରେ ଥିବା ଆନ୍ନା ଟିଫିନ୍ ସେଣ୍ଟରର ତାଲା ଭାଙ୍ଗି ୬ଟି ଗ୍ୟାସ୍ ସିଲିଣ୍ଡର ଓ ବାସନ କୁସନ ସହ କିଛି ଟଙ୍କା ଚୋରୀ ହୋଇଥିବା ସକାଳେ ଜଣାପଡିଥିଲା । ସନ୍ଦେହରେ ଟିଫିନ୍ ସେଣ୍ଟର ମାଲିକ ଦୋକାନରେ ପୂର୍ବରୁ କାମ କରୁଥିବା ଓ ସମ୍ବଲପୁର ଅଞ୍ଚଳରୁ ଆସି ରାଜନପାଲି ନିକଟରେ ଭଡାରେ ରହୁଥିବା ଜଣେ ମିସ୍ତ୍ରୀଙ୍କ ଘରେ ପୋଲିସ୍ ସହାୟତାରେ ଯାଞ୍ଚ କରାଇଥିଲେ । ମିସ୍ତ୍ରୀଙ୍କ ଘରୁ ପୋଲିସ ସମସ୍ତ ଚୋରୀ ସାମଗ୍ରୀ ଉଦ୍ଧାର କରିଛି । ଉକ୍ତ ଚୋରୀ ମାମଲାରେ ଦୋକାନର ପୂର୍ବତନ ମିସ୍ତ୍ରୀଙ୍କ ସହ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି ସେ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି ।

## ଜାତୀୟ ରାଜପଥ ଦକ୍ଷିଣ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

କର୍ମଚାରୀ ଅଭାବ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ପାଇଁ ଚିନ୍ତାର କାରଣ । ସରକାରଙ୍କୁ ଅବଗତ କରାଯାଇଥିଲେ ହେଁ ଏହାର ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣ କରାଯାଇପାରିନାହିଁ । ଫଳରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ଓ ଅଧିକାରୀଙ୍କ ମାନସିକ ଚାପ ବୃଦ୍ଧି ପାଉଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବ୍ରହ୍ମପୁର ସ୍ଥିତ ଜାତୀୟ ରାଜପଥ ଦକ୍ଷିଣ ମଣ୍ଡଳ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ । ଏଠାରେ ମୁରବୀ ଅଛନ୍ତି ହେଲେ ନାହାନ୍ତି ଅଧିନସ୍ଥ କର୍ମଚାରୀ । ସରକାରୀ କାର୍ଯ୍ୟରେ ତଥା କୋର୍ଟ କାର୍ଯ୍ୟରେ ମୁରବୀ ତଥା ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭୁବନେଶ୍ୱର ଅଥବା କଟକ ଗସ୍ତ କଲେ ଏହି କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଖାଁ ଖାଁ । ପୂର୍ବରୁ ଏହି କାର୍ଯ୍ୟାଳୟ ଭୁବନେଶ୍ୱରରେ ଥିବାବେଳେ ୨୦୧୬ ମସିହା ଜୁଲାଇ ମାସରୁ ଏହା ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଛି । ରାଜ୍ୟ ସରକାର ଓ କେନ୍ଦ୍ର ଜାତୀୟ ରାଜପଥ ମନ୍ତ୍ରଣାଳୟ ଅଧୀନରେ ଥିବା ଏହି କାର୍ଯ୍ୟାଳୟ ଦକ୍ଷିଣାଞ୍ଚଳର ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନାଗିରି ଭଳି ୭ଟି ଜିଲ୍ଲା ପାଇଁ ଉଦ୍ଦିଷ୍ଟ । ମୁଖ୍ୟ ନିର୍ମାଣ ଯନ୍ତ୍ରୀ ବା ଚିଫ୍ କନ୍‌ଷ୍ଟ୍ରକ୍ସନ୍ ଇଞ୍ଜିନିୟରଙ୍କ ଅଧୀନରେ ବର୍ତ୍ତମାନ ଏହି ସମସ୍ତ ଜିଲ୍ଲା ଦେଇ ଗତି କରୁଥିବା ଜାତୀୟ ରାଜପଥ ୫୯, ୩୨୬, ୩୨୬(ଏ), ୨୬, ୬୩, ୧୫୭ ଓ ୫୧୬ରେ ଜୟପୁର ଓ ପାରଳାଖେମୁଣ୍ଡି ସମେତ ଭଞ୍ଜନଗର-ଆସିକା, ବ୍ରହ୍ମପୁର ବାଇପାସ୍, ଡ଼ଉଗାଁ-ପୁଡ଼ାମାରୀ ଓ ମୁଣ୍ଡମରେଇ-ରତ୍ନପୁର ଆଦି ପ୍ରାୟ ୩ ଶହରୁ ୪ ଶହ କିଲୋମିଟର ରାସ୍ତାରେ ମୋଟ ୩ ଶହରୁ ୪ ଶହ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି । ନିକଟରେ ପାରଳାଖେମୁଣ୍ଡି ଓ ଜୟପୁରରେ ଦୁଇଟି ନୂତନ ବିଭାଗକୁ ସାମିଲ୍ କରାଯାଇଛି । ତେବେ ଜାତୀୟ ରାଜପଥ ଭଳି ସେ ପୁଣି ଦକ୍ଷିଣାଞ୍ଚଳର ୭ଟି ଜିଲ୍ଲାକୁ ସଂଯୋଗ କରୁଥିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଏହି କାର୍ଯ୍ୟାଳୟରେ କର୍ମଚାରୀଙ୍କ ଘୋର୍ ଅଭାବ ପରିଲକ୍ଷିତ ହୋଇଛି । ଭୁବନେଶ୍ୱରରୁ ବ୍ରହ୍ମପୁରକୁ କାର୍ଯ୍ୟାଳୟ ସ୍ଥାନାନ୍ତର ହେବାର ଦୀର୍ଘ ୯ ବର୍ଷ ପରେ ମଧ୍ୟ ଏଠାରେ କୌଣସି ନୂତନ ପଦବୀ ଅଥବା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଏହି କାର୍ଯ୍ୟାଳୟରେ ମୋଟ୍ ୩୧ ଜଣ କର୍ମଚାରୀଙ୍କ ମଧ୍ୟରୁ ବର୍ତ୍ତମାନ ଅଛନ୍ତି କେବଳ ୧୦ ଜଣ । ସେଥିମଧ୍ୟରୁ ୫ ଜଣ ପିଅନ, ଜଣେ ଦପ୍ତରୀ ଓ ୪ ଜଣ ଅନ୍ୟ କର୍ମଚାରୀ ଥିବାବେଳେ ସେଥିରୁ ମଧ୍ୟ ଜଣେ ପାରଳାଖେମୁଣ୍ଡିକୁ ଡ଼ିପ୍ଲୁଏମେଣ୍ଟ ହୋଇଛନ୍ତି । ବର୍ତ୍ତମାନ ଥିବା ୧୦ ଜଣଙ୍କ ମଧ୍ୟରୁ ଜଣେ କର୍ମଚାରୀ ଆସନ୍ତା ଜୁନ୍ ମାସରେ ଅବସର ଗ୍ରହଣ କରିବା ପରେ ଏଠାରେ କର୍ମଚାରୀଙ୍କ ସଂଖ୍ୟା ୯କୁ ହ୍ରାସ ପାଇବାର ଆଶଙ୍କା ସୃଷ୍ଟି ହୋଇଛି । ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁରବୀ ନିଜେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ହୋଇଥିବା ବେଳେ ତାଙ୍କୁ ଛାଡ଼ିଦେଲେ ଏଠାରେ ତାଙ୍କୁ ସହଯୋଗ କରିବାପାଇଁ ଉଦ୍ଦିଷ୍ଟ ବିଭିନ୍ନ ପଦବୀ ମଧ୍ୟରୁ ବହୁ ପଦବୀ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଛି । କାର୍ଯ୍ୟାଳୟରେ ମୋଟ୍ ୧୧ ଜଣ କିରାଣିଙ୍କ ସ୍ଥାନରେ ଅଛନ୍ତି ମାତ୍ର ୨ ଜଣ, ୪ ଜଣ ବରିଷ୍ଠ କିରାଣୀଙ୍କ ସ୍ଥାନରେ ୨ ଜଣ ଥିବାବେଳେ ସେଥିମଧ୍ୟରୁ ଜଣେ ପାରଳାଖେମୁଣ୍ଡିରେ କାର୍ଯ୍ୟରତ । ସେକ୍ସନ ଅଫିସର, ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର ଓ ବରିଷ୍ଠ ଷ୍ଟେନୋ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି । ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏପରିକି ବର୍ତ୍ତମାନ ଥିବା ନିର୍ବାହୀଯନ୍ତ୍ରୀ ତଥା ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କର ମଧ୍ୟ ଇତି ମଧ୍ୟରେ ପଦୋନ୍ନତି ସହିତ ବଦଳି ହୋଇଥିବା ଜଣାପଡ଼ିଛି । ଫଳରେ ଏତେବଡ଼ ଇଲାକାର ଦାୟିତ୍ୱରେ ଥିବା ତଥା ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ ବିଭାଗର ଏହି କାର୍ଯ୍ୟାଳୟର କର୍ମଚାରୀଙ୍କ ଅଭାବ କେବଳ ପ୍ରକଳ୍ପ କାର୍ଯ୍ୟରେ ଯେ ବାଧା ସୃଷ୍ଟି କରୁଛି ଏହାନୁହେଁ, ବରଂ ଏଠାରେ କାର୍ଯ୍ୟରତ ସ୍ୱଳ୍ପସଂଖ୍ୟକ କର୍ମଚାରୀଙ୍କ ମାନସିକ ଚାପ ମଧ୍ୟ ବୃଦ୍ଧି କରୁଛି । କାର୍ଯ୍ୟାଳୟର ଏଭଳି ସ୍ଥିତିକୁ ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ପ୍ରକାଶ କୁମାର ବେହେରାଙ୍କ ସହିତ ଯୋଗାଯୋଗ କରାଯାଇଥିବା ବେଳେ ସେ ନିଜର ପ୍ରତିକ୍ରିୟା ମଧ୍ୟ ରଖିଛନ୍ତି । କାର୍ଯ୍ୟାଳୟରେ କେବଳ ନୁହେଁ, ବିଭିନ୍ନ ବିଭାଗରେ ଏପରିକି ବିଭିନ୍ନ ବିଭାଜନରେ ମଧ୍ୟ କର୍ମଚାରୀଙ୍କ ଅଭାବ ରହିଛି । ଏନେଇ ରାଜ୍ୟ ସରକାର ଅବଗତ ଅଛନ୍ତି । ତେବେ ଅବସ୍ଥାକୁ ଧରି ବ୍ୟବସ୍ଥା କରିବାକୁ ପଡୁଛି । ଖୁବ୍‌ଶୀଘ୍ର କର୍ମଚାରୀ ଅଭାବ ଭଳି ସମସ୍ୟାର ସମାଧାନ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# ଖେଳାଳି ବାର୍ଷିକ ଚୁକ୍ତି ଘୋଷଣା କଲା ବିସିସିଆଇ : ଫେରିଲେ ଷ୍ଟାର ବ୍ୟାଟର



**ମୁମ୍ବାଇ**

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ସୋମବାର, ୨୦୨୪-୨୫ ସିଜିନ୍ ପାଇଁ ସିନିୟର ପୁରୁଷ ଦଳ ପାଇଁ ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ଘୋଷଣା କରିଛି । ଗତ ବର୍ଷ ବାଦ୍ ପଡ଼ିଥିବା ଶ୍ରେୟସ୍ ଆୟାର ଏବଂ ଇଶାନ କିଶନ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ରୋହିତ ଶର୍ମା ଏବଂ ବିରାଟ କୋହଲି ୨୦୨୪ରେ ଟି-୨୦ ଆନ୍ତର୍ଜାତୀୟ ଫର୍ମାଟରୁ ଅବସର ନେଇଥିଲେ ମଧ୍ୟ ସର୍ବୋଚ୍ଚ ଶ୍ରେଣୀ ଗ୍ରେଡ୍ ଇ-ପ୍ଲସରେ ସ୍ଥାନ ବଜାୟ ରଖିଛନ୍ତି ।

୨୦୨୪-୨୫ ସିଜିନ୍ ପାଇଁ ମୋଟ ୩୪ ଜଣ ଖେଳାଳିଙ୍କୁ ବାର୍ଷିକ ରିଟେନରସିପ୍ ପ୍ରଦାନ କରାଯାଇଛି, ଯେଉଁଥିରେ ୨୦୨୪ ଅକ୍ଟୋବର ୧ ରୁ ୨୦୨୫ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଖେଳ ଅବଧିକୁ ବିଚାରକୁ ନିଆଯାଇଛି ।

ଗ୍ରେଡ୍ ଏ+ : ରୋହିତ ଶର୍ମା, ବିରାଟ କୋହଲି, ଜସପ୍ରୀତ ବୁମରା, ରବୀନ୍ଦ୍ର ଜାଡେଜା । ଗ୍ରେଡ୍ ଏ : ମହମ୍ମଦ ସିରାଜ, କେ.ଏଲ୍. ରାହୁଲ, ଶୁଭମନ ଗିଲ, ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ଶାମି, ଋଷଭ ପନ୍ତ । ଗ୍ରେଡ୍ ବି : ସୂର୍ଯ୍ୟକୁମାର ଯାଦବ, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୟସୱାଲ, ଶ୍ରେୟସ୍ ଆୟାର ।

ଗ୍ରେଡ୍ ସି : ରିଙ୍କୁ ସିଂ, ତିଲକ ବର୍ମା, ଋତୁରାଜ ଗାୟକ୍ୱାଡ, ଶିବମ ଦୁବେ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ରଜତ ପଟିଦାର, ଧ୍ରୁବ ଜୁରେଲ, ସରଫରାଜ ଖାନ, ନୀତୀଶ କୁମାର ରେଡ୍ଡୀ, ଇଶାନ କିଶନ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ, ହର୍ଷିତ ରାଣା ।

# ଗୁଜୁରାଟ ଠାରୁ ୩୯ ରନ୍‌ରେ ପରାସ୍ତ ହେଲା କୋଲକାତା

**କୋଲକାତା**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ର ୩୯ତମ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଉଭୟ ବ୍ୟାଟିଂ ଓ ବୋଲିଂରେ ଦମ୍‌ଦାର ପ୍ରଦର୍ଶନ କରିଛି । କୋଲକାତା ନାଇଟ୍ ରାଇଡର୍ସକୁ ଗୁଜରାଟ ଟାଇଟନ୍ସ ପରାସ୍ତ କରିଛି । କୋଲକାତାର ଇଡେନ୍ ଗାର୍ଡେନ୍ସରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ କୋଲକାତା ୧୯୯ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା । ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱରେ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ ହରାଇ ୧୫୯ ରନ୍ ସଂଗ୍ରହ କରିପାରିଥିଲା । ଫଳରେ ଗୁଜରାଟ ଠାରୁ କୋଲକାତା ୩୯ ରନ୍‌ରେ ପରାସ୍ତ ହୋଇଥିଲା ।

କୋଲକାତା ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା । ଫଳରେ ଗୁଜରାଟ ଦଳ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା । ଶୁବମନ ଗିଲଙ୍କ




ନେତୃତ୍ୱରେ ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ଟି ୱିକେଟ ହରାଇ ୧୯୮ ରନ୍ ସଂଗ୍ରହ କରିଥିଲା । ଗୁଜରାଟର ଇନିଂସ ଆରମ୍ଭ କରିଥିଲେ ସାଇ ସୁଦର୍ଶନ ଓ ଶୁବମନ୍ ଗିଲ । ଉଭୟ ଯୁବ ଖେଳାଳି ପ୍ରଥମ ୱିକେଟରେ ୧୧୪ ରନ୍ ଭାଗିଦାରୀ କରିଥିଲେ । କୋଲକାତାର ପ୍ରଥମ ଶିକାର ହୋଇଥିବା ସୁଦର୍ଶନ ବ୍ୟକ୍ତିଗତ ଭାବେ ୫୨ ରନ୍ ସଂଗ୍ରହ କରିଥିଲେ । ସେ ୩୬ଟି ବଲ୍ ସାମ୍ନା କରି ୬ଟି ଚୌକା ଓ ଗୋଟିଏ ଛକା ମାରିଥିଲେ ।

ଗୁଜରାଟର ଅଧିନାୟକ ଶୁବମନ ଗିଲ ବିସ୍ଫୋରକ ବ୍ୟାଟିଂ କରିଥିଲେ । ବୈଭବ ଅରୋରାଙ୍କ ବଲରେ ଆଉଟ୍ ହୋଇ ପାଭିଲିଅନ ଫେରିଯିବା ପୂର୍ବରୁ ସେ ୫୫ଟି ବଲ୍ ଖେଳି ବ୍ୟକ୍ତିଗତ ଭାବେ ୯୦ ରନ୍ ସଂଗ୍ରହ କରିଥିଲେ । ଏଥିରେ ତାଙ୍କର ୧୦ଟି ଚୌକା ଓ ୩ଟି ଛକା ସାମିଲ ଥିଲା । ରାହୁଲ ତେୱାତିଆ ଖାତା ନଖୋଲି ଆଉଟ୍ ହୋଇଥିଲେ । ଜୋସ୍ ବଟଲର ୨୩ଟି ବଲ୍ ଖେଳି ଅପରାଜିତ ୪୧ ରନ୍ ସଂଗ୍ରହ କରିଥିଲେ । ଏଥିରେ ସେ ୮ଟି ଚୌକା ସାମିଲ କରିଥିଲେ । ଶାହରୁଖ ଖାନଙ୍କ ବ୍ୟାଟରୁ ଗୋଟିଏ ଛକା ସହାୟତାରେ ୯ ରନ୍ ଅମଳ ହୋଇଥିଲା । କୋଲକାତା ପାଇଁ ବୈଭବ, ହର୍ଷିତ ରାଣା ଓ ଆନ୍ଦ୍ରେ ରସଲ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

# ଦଳର କ୍ୱାଲିଫାଏକୁ ନେଇ ମୁହଁ ଖୋଲିଲେ ଧୋନୀ

**ମୁମ୍ବାଇ**

ଆଇପିଏଲ ୨୦୨୫ରେ ଚେନ୍ନାଇ ସୁପର କିଂସ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଏକ ଶୋଚନୀୟ ପରାଜୟ ବରଣ କରିଛି । ଏହି ସିଜିନରେ ଚେନ୍ନାଇର ଅବସ୍ଥା ବହୁତ ଖରାପ । ଦଳଟି ପଏଣ୍ଟ ଟେବୁଲର ସବୁଠାରୁ ତଳେ ଅଛି । ଏପର୍ଯ୍ୟନ୍ତ ୮ଟି ମ୍ୟାଚ୍ ମଧ୍ୟରୁ ଚେନ୍ନାଇ ସୁପର କିଙ୍ଗ୍ସ କେବଳ ଦୁଇଟି ମ୍ୟାଚ୍ ଜିତିପାରିଛି । ମୁମ୍ବାଇ ବିପକ୍ଷ ପରାଜୟ ପରେ, ଚେନ୍ନାଇ ଅଧିନାୟକ ଏମଏସ୍ ଧୋନୀ ଏକ ବଡ଼ ବୟାନ ଦେଇଛନ୍ତି ।

ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାଜୟ ପରେ, ଧୋନୀ ସ୍ୱୀକାର କରିଛନ୍ତି ତାଙ୍କ ଖେଳାଳିମାନେ ସେମାନଙ୍କର ରଣନୀତି କାର୍ଯ୍ୟକାରୀ କରିପାରି ନ ଥିଲେ । ସେ ଏହା ମଧ୍ୟ କହିଛନ୍ତି, ଆମକୁ ବାକି ଥିବା ସମସ୍ତ ମ୍ୟାଚ ଜିତିବାକୁ ପଡ଼ିବ । ଆମେ ଗୋଟିଏ ସମୟରେ କେବଳ ଗୋଟିଏ ମ୍ୟାଚ୍ ଉପରେ ଧ୍ୟାନ ଦେଉଛୁ । ଯଦି ଆମେ ଭବିଷ୍ୟତରେ କିଛି ମ୍ୟାଚ୍ ହାରିଯାଉ, ତେବେ ଆଗାମୀ ବର୍ଷ ପାଇଁ ସଠିକ ସଂଯୋଜନ ପ୍ରସ୍ତୁତ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ଆଗାମୀ ବର୍ଷ ପାଇଁ ଏକ କୋର୍ ଗ୍ରୁପ୍ ପ୍ରସ୍ତୁତ କରୁଛୁ ।

ସେ ଆହୁରି କହିଛନ୍ତି, ଆମେ ଅଧିକ ଖେଳାଳି ପରିବର୍ତ୍ତନ କରିବା ପକ୍ଷରେ ନାହୁଁ । ଆମ ପାଇଁ ବର୍ତ୍ତମାନ ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ତାହା ନ ହୁଏ, ତେବେ ଆମର ଧ୍ୟାନ ଆସନ୍ତା ବର୍ଷ ପାଇଁ ୧୧ ଜଣ ଖେଳାଳିଙ୍କୁ ପ୍ରସ୍ତୁତ କରିବା ଏବଂ ତା'ପରେ ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ଉପରେ ରହିବ ।

# ଜାତୀୟ ରଗବୀ ପ୍ରତିଯୋଗିତାରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରୁ ଭାଗନେବେ ୩ ଖେଳାଳି




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଆସାମର ଗୌହାଟୀ ଠାରେ ଚଳିତ ମାସ ୨୩ ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ରଗ୍‌ବୀ ପ୍ରତିଯୋଗିତା-୨୦୨୫ ମହିଳା ବିଭାଗରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ୩ ଜଣ ମହିଳା ଓଡ଼ିଶା ଦଳରେ ସ୍ଥାନ ପାଇଛନ୍ତି । ସେମାନେ ହେଲେ- ସନ୍ଧ୍ୟାରାଣୀ ଟୁଡୁ, ସୁନୀତା ହାଁସଦା ଓ ଲିଲମୁନି ହାଁସଦା । ତାଙ୍କର ଏହି ସଫଳତାର ଖବର ପାଇ ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, କୋଚ୍ ରୁପାଲୀ ସୋରେନ, ବାରିପଦା ଶାଖା ପରିଚାଳକ ରଣଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ରାଜକିଶୋର ପାତ୍ର, ତରଣୀସେନ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସମେତ ବହୁ କ୍ରୀଡ଼ାବିତ୍ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ।

# ହର୍ଷ ଭୋଗଲେ, ସାଇମନ ଡୌଲଙ୍କୁ ରେଡ୍-ଫ୍ଲାଗ୍, ବିସିସିଆଇକୁ ଚିଠି ଲେଖିଲା ବୋର୍ଡ

**ନୂଆଦିଲ୍ଲୀ**

ଅନେକ ଇଣ୍ଡିଆନ ପ୍ରିମିଅର ଲିଗ୍ (ଆଇପିଏଲ) ଦଳର ଅଧିନାୟକ ଏବଂ କୋଚ୍‌ମାନଙ୍କଠାରୁ ଘରୋଇ ପିଚ୍ କ୍ୟୁରେଟରଙ୍କ ବିରୁଦ୍ଧରେ ଅଭିଯୋଗ ଆସିବା ପରେ, କ୍ରିକେଟ ଆସୋସିଏସନ ଅଫ୍ ବେଙ୍ଗଲ (ସିଏବି) ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ଏଡେନ ଗାର୍ଡେନ୍ସରେ ଖେଳାଯାଉଥିବା ମ୍ୟାଚ୍‌ଗୁଡ଼ିକରେ ହର୍ଷ ଭୋଗଲେ ଏବଂ ସାଇମନ ଡୌଲଙ୍କୁ କମେଣ୍ଟ୍ରୀ କରିବାକୁ ବାରଣ କରିବାକୁ ଅନୁରୋଧ କରିଛି ।



ସିଏବିର ଏହି ଅନୁରୋଧ ଡୌଲ ଏବଂ ଭୋଗଲେ କୋଲକାତା ନାଇଟ ରାଇଡର୍ସ (କେକେଆର)କୁ ସହର ଛାଡ଼ି ଚାଲିଯିବାକୁ ପରାମର୍ଶ ଦେବା ପରେ ଆସିଛି, କାରଣ ଘରୋଇ କ୍ୟୁରେଟର ଫ୍ରାଞ୍ଚାଇଜିର ଚାହିଦା ଅନୁସାରେ ପିଚ୍ ପ୍ରସ୍ତୁତ କରିବାରେ ସହଯୋଗ କରୁନାହାନ୍ତି ।

ଏକ ରିପୋର୍ଟ ଅନୁସାରେ, ରାଜ୍ୟ ସଂଘ ବିସିସିଆଇକୁ ଏକ କଡ଼ା ଶବ୍ଦରେ ଲିଖିତ ପତ୍ର ଦାଖଲ କରିଛି, ଯେଉଁଥିରେ ଚଳିତ ଆଇପିଏଲ ସିଜନରେ ଇଡେନ ଗାର୍ଡେନ୍ସରେ ଖେଳାଯାଉଥିବା କୌଣସି ମ୍ୟାଚ୍‌ରେ ହର୍ଷ ଭୋଗଲେ ଏବଂ ସାଇମନ ଡୌଲଙ୍କୁ କମେଣ୍ଟ୍ରୀ କରିବାକୁ ବାରଣ କରିବାକୁ ଅନୁରୋଧ କରାଯାଇଛି ।

ଏକ ଆଲୋଚନାରେ ଡୌଲ ପରାମର୍ଶ ଦେଇଥିଲେ ଯେ ଯଦି ଇଡେନ ଗାର୍ଡେନ୍ସର କ୍ୟୁରେଟରଙ୍କ ଠାରୁ ସହଯୋଗ ଅଭାବ ଜାରି ରହେ, ତେବେ ଅଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ ଫ୍ରାଞ୍ଚାଇଜି ଏକ ନୂଆ ଘରୋଇ ମଇଦାନ ଖୋଜିବା ଉଚିତ ।

"ଯଦି ସେ (କ୍ୟୁରେଟର) ଘରୋଇ ଦଳ କ'ଣ ଚାହୁଁଛି ତାହାର ଧ୍ୟାନ ନ ଦିଅନ୍ତି... ମୁଁ କହୁଛି, ସେମାନେ ଷ୍ଟାଡିୟମ ଫି' ଦେଉଛନ୍ତି, ଆଇପିଏଲରେ ଯାହା ଚାଲିଛି ତାହା ପାଇଁ ଦେଉଛନ୍ତି, କିନ୍ତୁ ଯଦି ସେ ତଥାପି ଘରୋଇ ଦଳର ଇଚ୍ଛାକୁ ଧ୍ୟାନ ନ ଦିଅନ୍ତି, ତେବେ ଫ୍ରାଞ୍ଚାଇଜିକୁ ଅନ୍ୟ କୌଣସି ସ୍ଥାନକୁ ନେଇଯାଅ । ତାଙ୍କ କାମ ଖେଳ ବିଷୟରେ ମତ ଦେବା ନୁହେଁ । ତାଙ୍କୁ ତାହା ପାଇଁ ଦରମା ଦିଆଯାଉନାହିଁ," ଡୌଲ କହିଥିଲେ ।

ହର୍ଷ ଭୋଗଲେ ମଧ୍ୟ ତାଙ୍କ ମତାମତକୁ ସମର୍ଥନ କରିଥିଲେ । "ଯଦି ସେମାନେ ଘରେ ଖେଳୁଛନ୍ତି, (ସେମାନେ) ସେମାନଙ୍କ ବୋଲରମାନଙ୍କ ପାଇଁ ଉପଯୁକ୍ତ ଟ୍ରାକ୍ ପାଇବା ଉଚିତ । ମୁଁ କେକେଆର କ୍ୟୁରେଟର କ'ଣ କହିଛନ୍ତି ତାହା ବିଷୟରେ କିଛି ଦେଖିଥିଲି," ସେ କହିଥିଲେ । ତେବେ ସିଏବି ଏହି ବିଷୟରେ କ୍ୟୁରେଟର ମୁଖାର୍ଜୀଙ୍କ ପକ୍ଷ ନେଇଛି, ଏହା ସୂଚାଇ ଦେଇଛି ଯେ ସେ କିଛି ଭୁଲ କରିନାହାନ୍ତି ଏବଂ କେବଳ ବିସିସିଆଇର ନିୟମାବଳୀ ଅନୁସରଣ କରୁଛନ୍ତି, ଯେଉଁଥିରେ କୌଣସି ଫ୍ରାଞ୍ଚାଇଜି ପିଚ୍‌ର ପ୍ରକୃତି ନିର୍ଦ୍ଦେଶ କରିପାରିବ ନାହିଁ ।

କେକେଆର ଅଧିନାୟକ ରାହାଣେ ମୁଖାର୍ଜୀଙ୍କୁ ଫ୍ରାଞ୍ଚାଇଜିର ତାରକା ଖେଳାଳି ବରୁଣ ଚକ୍ରବର୍ତ୍ତୀ ଏବଂ ସୁନୀଲ ନାରାୟଣଙ୍କୁ ସହାୟତା କରୁଥିବା ଅଧିକ ସ୍ପିନ-ଅନୁକୂଳ ଉଇକେଟ ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲେ, କିନ୍ତୁ ଉଇକେଟ ପ୍ରାୟତଃ ଅଧିକ ପେସ-ଅନୁକୂଳ ହୋଇ ଉଚ୍ଚ ସ୍କୋରିଂ ମ୍ୟାଚ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିଛି ।

ସିଏବିର ମତ ହେଉଛି ଯେ କ୍ୟୁରେଟର ଉଇକେଟ ପ୍ରସ୍ତୁତ କରିବା ସମ୍ବନ୍ଧରେ ନିର୍ଦ୍ଦେଶାବଳୀ ଅନୁସରଣ କରିଛନ୍ତି । ଯଦିଓ ବିସିସିଆଇଠାରୁ ଏ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଆସିନାହିଁ । ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ଆଇପିଏଲ ୨୦୨୫ର ଫାଇନାଲ ମଧ୍ୟ ମେ ୨୫ ତାରିଖରେ ଇଡେନ ଗାର୍ଡେନ୍ସରେ ଆୟୋଜିତ ହେବାକୁ ନିର୍ଦ୍ଦିଷ୍ଟ ହୋଇଛି ।

# କ୍ରୀଡ଼ାମନ୍ତ୍ରୀଙ୍କ ଦ୍ୱାରା 'ଖେଲୋ ଇଣ୍ଡିଆ' ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଖେଲୋ ଇଣ୍ଡିଆ ସେଣ୍ଟର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ହୋଇଯାଇଛି । ରାଜ୍ୟ ଯୁବ ଓ କ୍ରୀଡ଼ା ବେପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ବାଲିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଖେଲୋ ଇଣ୍ଡିଆ ସେଣ୍ଟରରେ ଶତାଧିକ ଛାତ୍ର/ଛାତ୍ରୀ କ୍ରୀଡ଼ା ଓ ଯୋଗାସନ ଅଭ୍ୟାସ କରୁଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ର/ଛାତ୍ରୀଙ୍କ ସହିତ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବାଲିଆ ହାଇସ୍କୁଲର ପ୍ରଧାନ ଶିକ୍ଷକ, ଯୋଗଗୁରୁ ସଂଜୟ ମଥାନ, ଟୁଲୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଖେଲୋ ଇଣ୍ଡିଆ ଅନ୍ତର୍ଗତ ଖୋଖୋ କେନ୍ଦ୍ର ଉଦ୍‌ଘାଟିତ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ସଦର ମହକୁମା ଅନ୍ତର୍ଗତ ସହଦେବଖୁଣ୍ଟାସ୍ଥିତ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଖେଲୋ ଇଣ୍ଡିଆ ଯୋଜନା ଅନ୍ତର୍ଗତ ଖୋ-ଖୋ ପ୍ରଶିକ୍ଷଣ କେନ୍ଦ୍ରକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲ୍‌ଠାରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀ ତନୟା ଗିରି, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ପୁଲିସ ଜାଲରେ ୫ ଜଣିଆ ଡକାୟତ ଗ୍ୟାଙ୍ଗ୍ : ଟଙ୍କା ସହ ଦାମି କାର୍ ଓ ଅସ୍ତ୍ରଶସ୍ତ୍ର ଜବତ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ଥାନା ଜଳେଶପଟ୍ଟା ପୋଲ ନିକଟରେ ରବିବାର ଭୋର୍ ୩ଟାରେ ଏକ ବଡ଼ଧରଣର ଡକାୟତି ହୋଇଥିଲା । ତେବେ ତୁମୁଡ଼ିବନ୍ଧ ପୁଲିସ ତ୍ୱରିତ ପଦକ୍ଷେପ ଗ୍ରହଣ କରି ୫ଜଣିଆ ଡକାୟତ ଗ୍ୟାଙ୍ଗ୍‌କୁ କାବୁ କରିବାରେ ସଫଳ ହୋଇଛି । ସେମାନେ ହେଲେ ସାରଙ୍ଗଗଡ଼ ଥାନା ଗଣ୍ଡିଗାଁର ରଞ୍ଜନ ପ୍ରଧାନ (୨୫), ବାଲିଗୁଡ଼ା ନୂଆସାହିର ସୁଧାଂଶୁ ବାଗ୍ (୨୩), ପ୍ରତୀକ ହଂସ (୨୨), ସଂଗ୍ରାମ ପାତ୍ର (୨୧) ଏବଂ ବାରଖମା ନିକଟ ତଗାକିଆର ଗୌର ଗୌଡ଼ (୨୦) । ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ



ବେଳେ ସେମାନଙ୍କଠୁ ଲୁଟ୍ ହୋଇଥିବା ୧ ଲକ୍ଷ ଟଙ୍କା ଓ ୨୧.୫ ଲକ୍ଷ ଟଙ୍କା ମୂଲ୍ୟର ଦାମିକା କ୍ରେଟା କାର୍ ଏବଂ ଗୋଟିଏ ବନ୍ଧୁକ, ଗୋଟିଏ ରାଇଫଲ୍, ଦୁଇଟି କାତି, ୫ଟି ମୋବାଇଲ୍ ଓ ୫ଟି କଳାମୁଖା ଜବତ ହୋଇଛି । ଏନେଇ ତୁମୁଡ଼ିବନ୍ଧ ଥାନାରେ କେସ୍ ନମ୍ବର ୪୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ବାଲିଗୁଡ଼ା ଏସଡିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି । ସୂଚନା ପ୍ରକାରେ ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ଅଞ୍ଚଳର ବିଜୟ କୁମାର ମିଶ୍ର (୩୫) ତାଙ୍କ କାର୍ (କ୍ରେଟା)ରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଯାଉଥିଲେ । ରବିବାର ଭୋର୍ ୩ଟା ବେଳେ ତାଙ୍କ କାର୍‌କୁ ଏକ ଏକ୍ସୟୁଭି କାର୍ ପିଛା କରିଥିଲା । ତୁମୁଡ଼ିବନ୍ଧ ଥାନା ଜଳେଶପଟ୍ଟା ପୋଲ ନିକଟରେ ଡକାୟତ ଦଳ ତାଙ୍କ କାର୍ ଆଗରେ ହଠାତ୍ ଗାଡ଼ି ରଖି ଅଟକାଇଥିଲେ । ଡ୍ରାଇଭର୍ ପ୍ରଦୀପ (୩୩)ଙ୍କ ମୁଣ୍ଡରେ ବନ୍ଧୁକ ରଖି ଭୟଭୀତ କରିଥିଲେ । ପରେ ସେମାନଙ୍କ ଠାରୁ ୧ ଲକ୍ଷ ଟଙ୍କା, ଗୋଟିଏ ଆଇ ଫୋନ୍ ମୋବାଇଲ୍ ଓ ଗୋଟିଏ ରିୟଲମି ମୋବାଇଲ୍ ସହ କାର୍ ଛଡ଼ାଇ ନେଇଥିଲେ । ବିଜୟ ସକାଳେ ତୁମୁଡ଼ିବନ୍ଧ ଥାନାରେ ପହଞ୍ଚି ଥାନାଧିକାରୀ ଆଶୁତୋଷ ଜେନାଙ୍କୁ ଘଟଣା ବିଷୟରେ ଅବଗତ କରିଥିଲେ । ଥାନାଧିକାରୀ ଓ ଟିମ୍ ବିଭିନ୍ନ ସ୍ଥାନରେ ଧରପଗଡ଼ କରି ଉକ୍ତ ଗ୍ୟାଙ୍ଗ୍‌କୁ ମଧ୍ୟାହ୍ନରେ କାବୁ କରିବାରେ ସଫଳ ହୋଇଥିଲେ । ଏହି ଗ୍ୟାଙ୍ଗ୍‌ରେ ଆଉ କିଏ ସଂପୃକ୍ତ ଅଛନ୍ତି, ଏନେଇ ଅଧିକ ତଦନ୍ତ ଜାରି ରହିଥିବା ବିଷୟ ଏସଡିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି ।

# ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି-ପ୍ରଶାସନର ଉଦ୍ୟମ କେତେ ସଫଳ ହେବ ?

**କୋରାପୁଟ:ନୀରଜ ଶତପଥୀ,ନ୍ୟୁଜ୍**

କୋଟିଆ ସଦା ସର୍ବଦା ଚର୍ଚ୍ଚାରେ ରହିଆସୁଛି । କୋଟିଆ ଓଡ଼ିଶାର ବୋଲି ଗର୍ବ କରୁଥିବା ନେତା, ପ୍ରଶାସନ, ସାଧାରଣ ଜନତା କେବେ ବି କୋଟିଆରେ ଶିକ୍ଷାର ଅଗ୍ରଗତି ଦିଗରେ କେବେବି ସତତ ଚେଷ୍ଟିତ କରିନାହାନ୍ତି । ଯାହା ଫଳରେ ବିବାଦୀୟ ୨୧ ଖଣ୍ଡ ଗ୍ରାମରୁ ଅଧିକାଂଶ ଗ୍ରାମର ଲୋକେ ସେମନାଙ୍କ ପିଲାମାନଙ୍କୁ ଆନ୍ଧ୍ରରେ ତେଲୁଗୁ ଭାଷାରେ ଶିକ୍ଷା ପ୍ରଦାନ କରୁଛନ୍ତି । ଏପରି ସ୍ଥଳରେ ବର୍ତ୍ତମାନର କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ବାସନ କୋଟିଆ ଅଞ୍ଚଳର ପିଲାମାନଙ୍କୁ ଓଡ଼ିଆ ପ୍ରତି ଆକୃଷ୍ଟ କରିବା ପାଇଁ ଆଗେଇ ଆସିଛନ୍ତି । ବର୍ତ୍ତମାନ ନୂଆ ଶିକ୍ଷାବର୍ଷ ଆରମ୍ଭ ହେଲାଣି । ବିଦ୍ୟାଳୟ ଗୁଡିକରେ ଶିଶୁ ବାଟିକା ପାଇଁ ପିଲାମାନଙ୍କ ନାମ ମଧ୍ୟ ପଞ୍ଜିକୃତ ହେଲାଣି । ଏପରି କ୍ଷେତ୍ରରେ କୋଟିଆ ଅଞ୍ଚଳରେ ଆନ୍ଧ୍ର ଛୋଟ ପିଲାମାନଙ୍କର ଆଧାର କାର୍ଡ ଆବେଦନ ପ୍ରକ୍ରିୟା ଆରମ୍ଭ କରି ସାରିଲାଣି । ଏପରିକି ଅଧିକାଂଶ ପିଲା ଆନ୍ଧ୍ର ଅଙ୍ଗନୱାଡ଼ିରେ ନାମ ଲେଖାଇ ଥିବାରୁ ସେମାନେ ତେଲଗୁ ଶିକ୍ଷା ଆରମ୍ଭ କରି ସାରିଲେଣି । ଯାହା ଫଳରେ ସେମାନେ ଆନ୍ଧ୍ର ବିଦ୍ୟାଳୟରେ ପଢିବା ସମ୍ଭାବନା ଦେଖାଦେଇଛି । ଏପରି କ୍ଷେତ୍ରରେ ଚଳିତ ନୂତନ ଶିକ୍ଷା ବର୍ଷରେ ଓଡ଼ିଶା ବିଦ୍ୟାଳୟ ପ୍ରତି ଅବିଭାବକ ମାନଙ୍କୁ କିପରି ସଚେତନ କରାଯାଇ ସେମାନଙ୍କ ପିଲାମାନଙ୍କୁ ଓଡ଼ିଆ ବିଦ୍ୟାଳୟରେ ଦାଖଲ କରାଯିବ ? ଏହା ପ୍ରଶାସନ ପାଇଁ ଏକ ଚାଲେଞ୍ଜ ସୃଷ୍ଟି କରିଛି । ତେବେ ଜିଲ୍ଲାପାଳ ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ କରିବା ପାଇଁ ଏବଂ ପିଲାମାଙ୍କୁ ଓଡ଼ିଆ ପାଠ ପଢିବା ଦିଗରେ ଆଗ୍ରହ ସୃଷ୍ଟି କରିବା ପାଇଁ ଦିଲ୍ଲୀର ଲିଟେରେଚେର ଏଣ୍ଡ ଲାଙ୍ଗୁଏଜ ଫାଉଣ୍ଡେସନ ସଂସ୍ଥାକୁ ଦାୟିତ୍ୱ ଦିଆ ଯାଇଥିବାବେଳେ, ଓଡ଼ିଆ ଅକ୍ଷରରେ କୁଇ ଭାଷାରେ ଲିଖିତ ବହି ପ୍ରସ୍ତୁତ କରୁଥିବା ଜିଲ୍ଲାପାଳ କହିଛନ୍ତି ଏବଂ ଚଳିତ ବର୍ଷରୁ ସେମାନେ ପିଲାମାନଙ୍କୁ ଓଡ଼ିଆ ଭାଷା ଦିଗରେ ଆଗ୍ରହ ସୃଷ୍ଟି କରିବା ପାଇଁ କାମ ଆରମ୍ଭ କରିବେ । ପ୍ରଶାସନର ଏହି ପ୍ରକାର ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି । ଏହାଦ୍ୱାରା ବର୍ତ୍ତମାନର ପିଲାମାନେ ନିଶ୍ଚିତ ଭାବରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ସ୍ଥାନୀୟ ଅଞ୍ଚଳର ସମାଜସେବୀ ରଂଜିତ ପାଙ୍ଗି କହିଚନ୍ତି । କୋଟିଆ ଅଞ୍ଚଳରେ ଲୋକେ କୁଇ ଭାଷାରେ କଥାବାର୍ତ୍ତା ହେଉଥିବାରୁ ତାଙ୍କରି ଭାଷାରେ ଲିଖିତ ବହି ପିଲାମାନଙ୍କୁ ଦିଆ ଯାଇ ସେମାନଙ୍କୁ ଓଡ଼ିଆ ଭାଷା ପ୍ରତି ଆକୃଷ୍ଟ କରିବା ପାଇଁ ଯେଉଁ ଉଦ୍ୟମ ପ୍ରଶାସନ ପକ୍ଷରୁ କରାଯାଉଛି ତାହା କେତେ ସଫଳ ହେବ ? ପିଲାମାନେ ଏହାକୁ କେତେଦୂର ଗ୍ରହଣ କରିବେ ତାହା ସମୟ ହିଁ କହିବ ।

# ଉତ୍ସର୍ଗ, ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ୫ ଜଣ ରେଳ କର୍ମଚାରୀ ମହାପ୍ରବନ୍ଧକଙ୍କ ଦ୍ୱାରା ସମ୍ମାନିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସୋମବାର ୫ ଜଣ ରେଳ କର୍ମଚାରୀଙ୍କୁ ସେମାନଙ୍କର କର୍ତ୍ତବ୍ୟନିଷ୍ଠା, ସତର୍କତା ଏବଂ ଡ୍ୟୁଟି ସମୟରେ ତ୍ୱରିତ କାର୍ଯ୍ୟ ପାଇଁ ସମ୍ମାନିତ କରିଛନ୍ତି ଯାହା ଦ୍ୱାରା ନିରାପଦ ଟ୍ରେନ୍ ପରିଚାଳନା ସୁନିଶ୍ଚିତ ହୋଇଥିଲା । ଏହି ସମ୍ବର୍ଦ୍ଧନା ସମାରୋହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଭୁବନେଶ୍ୱରର ରେଳ ସଦନ ଠାରେ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ପ୍ରମୁଖ ମୁଖ୍ୟ ସୁରକ୍ଷା ଅଧିକାରୀ ଏବଂ ଅନ୍ୟାନ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ।




ଅସାଧାରଣ ସେବା ପାଇଁ ସମ୍ମାନିତ ହୋଇଥିବା ଛଅ ଜଣ ରେଳ କର୍ମଚାରୀ ହେଉଛନ୍ତି- କାମାକ୍ଷା-ନଗରର ଟ୍ରେନ ପଏଣ୍ଟ୍‌ସମ୍ୟାନ ଶକ୍ତି ପ୍ରସାଦ ସାହୁ, ସମ୍ବଲପୁର ଗୋଡ଼ଭାଗାର ଟ୍ରକ୍ ମେଣ୍ଟେନର ଦେବରାଜ ସୁନା, ଖୋର୍ଦ୍ଧା ରୋଡ଼ର ଗୁଡ଼ସ ଲୋକୋ ପାଇଲଟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାୟଗଡ଼ାର ସହାୟକ ଲୋକୋ ପାଇଲଟ ସୁରକତୁଲ୍ଲା ଶ୍ରୀଚରଣ ତେଜା, ଟିଟିଲାଗଡ଼ର ଟ୍ରାକ ମେଣ୍ଟେନର ପୂଜନ କୁମାର ।

ମହାପ୍ରବନ୍ଧକ ଶ୍ରୀ ଫୁଙ୍କୱାଲ ଏହି କର୍ମଚାରୀମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ସତର୍କତା ଏବଂ ତ୍ୱରିତ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ ଯାହା ରେଳ ନେଟୱାର୍କର ସୁଗମ ଏବଂ ନିରାପଦ କାର୍ଯ୍ୟକାରିତା ବଜାୟ ରଖିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ସୁନିଶ୍ଚିତ କରିବାରେ ରେଳ କର୍ମଚାରୀଙ୍କ ସମର୍ପଣ ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ରେଳ କର୍ମଚାରୀମାନଙ୍କର ପ୍ରତିବଦ୍ଧତାକୁ ସ୍ୱୀକାର କରି, ଶ୍ରୀ ଫୁଙ୍କୱାଲ ସମସ୍ତ ରେଳ କର୍ମଚାରୀଙ୍କୁ ସତର୍କ, ସଜାଗ ଏବଂ ସେମାନଙ୍କର ଦାୟିତ୍ୱ ପ୍ରତି ସମର୍ପିତ ରହିବାକୁ ଅନୁରୋଧ କରିଥିଲେ, ରେଳ କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ ପୁନରାବୃତ୍ତି କରିଥିଲେ ଯେ ରେଳ କର୍ମଚାରୀଙ୍କ ଅଟଳ ପ୍ରୟାସ ଏକ ସୁରକ୍ଷିତ ଏବଂ ଦକ୍ଷ ରେଳ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇ ଆସୁଅଛି ।

# ୧୬ ଦଫା ଦାବିନେଇ ମାନବ ଅଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ

# ଏମକେସିଜି ମେଡିକାଲ ଦଲାଲୀର ଏଣ୍ଟୁଡ଼ିଶାଳା : ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ଦାବି

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଓଡ଼ିଶାର ଏକ ମାତ୍ର ନିର୍ଭରଯୋଗ୍ୟ ସରକାରୀ ମେଡିକାଲ ଭାବେ ଏମ୍‌କେସିଜି ମେଡିକାଲକୁ ଦୈନିକ ହଜାର ହଜାର ରୋଗୀ ଚିକିତ୍ସା ଆଶାରେ ଆସୁଥିଲେ ବି ବିଭିନ୍ନ ବିଭାଗରେ ଚିକିତ୍ସା ଜନିତ ଅବହେଳା ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଚରମ ସ୍ତରରେ ପହଞ୍ଚିଛି । ମୁଖ୍ୟତଃ ଆମ୍ବୁଲାନ୍ସ, କାଜୁଆଲିଟି ଓ ବ୍ଲଡ଼ ବ୍ୟାଙ୍କରେ ଦଲାଲମାନଙ୍କ ସକ୍ରିୟତା ଏକ ବିରାଟ ସମସ୍ୟା ଭାବେ ଦେଖାଦେଇଛି । ବର୍ଣ୍ଣ କେୟାର ୟୁନିଟ୍ ଖୋଲିବା, ଆଡ଼ଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସକୁ ଚାଲୁ ରଖିବା, ସିସି ଟିଭି ଫୁଟେଜ୍ ମାଧ୍ୟମରେ ଦଲାଲମାନଙ୍କୁ ଠାବ କରି ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ଓ ମାଇକ୍ ମାଧ୍ୟମରେ ଦଲାଲମାନଙ୍କ ଠାରୁ ବର୍ତ୍ତିବା ପାଇଁ ପ୍ରଚାର କରିବା, ଡାଏଲିସିସ ବିଭାଗରେ ଲୋ କଣ୍ଡିସନ କିଡ୍‌ନୀ ରୋଗୀଙ୍କ ପାଇଁ ଦୀର୍ଘ ୪ ବର୍ଷରୁ ବନ୍ଦ ପଡ଼ିଥିବା ଦୁଇଟି ସ୍ଲେଡ଼ ମେସିନ କାର୍ଯ୍ୟକାରୀ କରିବା, ବ୍ଲଡ୍ ବ୍ୟାଙ୍କରେ ରକ୍ତର ଅଭାବକୁ ଦୂର କରିବା ପାଇଁ ନିୟମିତ ଭାବେ ରକ୍ତ ଦାନ କ୍ୟାମ୍ପ ଆୟୋଜନ କରିବା, କାଜୁଆଲିଟି ବିଭାଗରେ ଏକ୍ସରେ ମେସିନ ସ୍ଥାପନ କରିବା, ରୋଗୀଙ୍କ ସୁବିଧା ପାଇଁ ସମସ୍ତ ଲିଫ୍ଟ ଚାଲୁ କରିବା, କାଜୁଆଲିଟିରେ ବେଡ୍ ସଂଖ୍ୟା ବୃଦ୍ଧି କରିବା, କର୍କଟ ବିଭାଗରେ ଡାକ୍ତରଙ୍କ ଅନୁପସ୍ଥିତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା, ମହାପ୍ରୟାଣ ସେବା ବଦଳରେ ଘରୋଇ ଗାଡ଼ି ପ୍ରୋତ୍ସାହନ ଦେବା ବନ୍ଦ କରିବା, ଏଆରଟି ସେଣ୍ଟରରେ ସିଡି-୪ ମେସିନକୁ ମରାମତି କରିବା, ମଧୁମେହ ରୋଗୀଙ୍କ ପାଇଁ ଏଚବିଏ-୧ସି ପରୀକ୍ଷା ମେସିନକୁ ମରାମତି କରିବା, ସିଟି ସ୍କାନ ଓ ଏମଆରଆଇ ମେସିନକୁ ବାରମ୍ବାର ଖରାପ ଦର୍ଶାଇ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟରକୁ ରୋଗୀ ଚାଲାଣକୁ ବନ୍ଦ କରିବା, ଗ୍ୟାଷ୍ଟ୍ରୋଏଣ୍ଟରୋଲୋଜି ବିଭାଗରେ ଅଧ୍ୟାପକ ନିଯୁକ୍ତି ସହ ଉପକରଣ ଯୋଗାଇବା ଆଦି ୧୬ଗୋଟି ଦାବୀ କର୍ତ୍ତୃପକ୍ଷଙ୍କ ଠାରେ ଉପସ୍ଥାପନ କରିଛି ମଞ୍ଚ । ଘରୋଇ ଆମ୍ବୁଲାନ୍ସ, ଲିଫ୍ଟ ପରିଚାଳନା, ମେସିନ ମରାମତି ଆଦି କ୍ଷେତ୍ରରେ ଘରୋଇ ସଂସ୍ଥାମାନଙ୍କ ସହ ସିଧାସଳଖ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସଲାସୁତରାକୁ ଦୃଢ଼ ବିରୋଧ କରିଛି ମଞ୍ଚ । ସ୍ୱାସ୍ଥ୍ୟ ସେବାରେ ଅଧିକରୁ ଅଧିକ ଘରୋଇ ଭାଗିଦାରୀ ଆସନ୍ତା ଦିନରେ ଘରୋଇକରଣକୁ ପ୍ରୋତ୍ସାହନ ଦେବାକୁ ମଞ୍ଚ ଘୋର ବିରୋଧ କରିଛି । ଏହି କାର୍ଯ୍ୟକ୍ରମରେ ମଞ୍ଚ ଆବାହକ ଆଇନଜୀବୀ ଅବନୀ ଗୟାଙ୍କ ନେତୃତ୍ୱରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସମାଜସେବୀ ମନୋଜ ତରାଇ, ସାଲ୍ଲା କେଶବ ଲିଙ୍ଗମ, ବିଜୟ କୁମାର ପାଢ଼ୀ, ରମେଶ ପ୍ରସାଦ ଦାସ, କବିରାଜ ସାହୁ, ଆର. ସତ୍ୟ ନାରାୟଣ ରାଓ, ହୃଷିକେଶ ପାତ୍ର, ଆଦିତ୍ୟ ରଥ, କାହ୍ନୁ ଚରଣ ପାତ୍ର, ଜି. ଲଚ୍ଛାୟା ରେଡ୍ଡୀ, କବିରାଜ ସେଠୀ, ସୂର୍ଯ୍ୟ ଗୌଡ଼ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଦକ୍ଷିଣ ଓଡ଼ିଶାବାସୀଙ୍କ ପ୍ରତି ଏ ପ୍ରକାର ସ୍ୱାସ୍ଥ୍ୟଗତ ଅବହେଳା ବିରୁଦ୍ଧରେ ଆସନ୍ତା ଦିନରେ ଜନ ଆନ୍ଦୋଳନ ଅଧିକ ସଶକ୍ତ ହେବ ବୋଲି ଶ୍ରୀ ଗୟା ଚେତାବନୀ ଦେଇଛନ୍ତି ।

WATCO
OFFICE OF THE GENERAL MANAGER,
WATCO DIVISION-I, BHUBANESWAR,
Vanivihar Square, Bhubaneswar-751022,
Odisha, India
Telefax: - +91-674-2542821 E-mail – gmdivonewatco@gmail.com
C-138
NATIONAL COMPETITIVE BIDDING THROUGH e-PROCUREMENT
Invitation For Bids (IFB)
GMWATCO-I/03/ 2025-26 Dt.10.04.2025

| | | |
|---|---|---|
| 01 | Name of the work | : Construction of Internal House sewer connection and interlinking with Inspection Chamber in Ward no. 37 & 38,&39, BBSR 14Nos (Fourteen nos works) |
| 02 | Estimate cost | : Rs.23.81 Lakhs to 46.16 Lakhs |
| 03 | Period of completion | : 6 (Six Months) |
| 04 | Class of contractor | : D, C, B Class |
| 05 | Date & Time of availability of bid document In the portal | : From 11.00 AM of Dt.22.04.2025 to 5.00 PM of 07.05.2025 |
| 06 | Last date / time of receipt of bids in the portal | : 5.00 PM of 07.05.2025 |
| 07 | Date & Time of opening of bids | : At 12.30 PM of 08.05.2025 |
| 08 | Name and Address of the Officer Inviting Bid | : General Manager, WATCO Division-I, BBSR |

Further details can be seen from the e-Procurement portal "https://www.tendersorissa.gov.in"
Sd/- GENERAL MANAGER,
WATCO DIVISION-I, BHUBANESWAR
OIPR-13257/11/0011/2526

GOVERNMENT OF ODISHA
PANCHAYATIRAJ & D.W. DEPARTMENT
i-39
OFFICE OF THE PANCHAYAT SAMITI,
ERSAMA
'e' mail ID : ori-erasama@nic.in
'e' Procurement Notice No.BDO-EPS-02 of 2025-26

| | | |
|---|---|---|
| 1 | Number of the work | 2 (two) Nos. |
| 2 | Tender Amount (Approx.) | Rs.15.32 Lakh to 15.35 Lakh |
| 3 | EMD (online) | Rs.15,400.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | "D"&"C" Class Contractor |
| 6 | Period of Completion | 06 (Six) Calendar Months |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| BLOCK DEVELOPMENT OFFICER, ERASAMA | BDO-EPS-01 / 2025-26 | 24.04.2025 at 10.00 Hours | 07.05.2025 at 17.30 Hours | 03.05.2025 upto 1.00 P.M during office hours on working days | 08.05.2025 upto 11.00 AM during office hours | O/o the Panchayat Samti Erasama |

Further details can be seen from the Govt. web site "https://tendersodisha.gov.in
All corrigendum / cancellation of tender if any, will only be uploaded in the above web site
Sd/- BLOCK DEVELOPMENT OFFICER,
ERASAMA
OIPR-19286/11/0004/2526

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଅପ୍ରେଲ ୨୦୨୫ ମଙ୍ଗଳବାର





# ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ବିୟୋଗରେ ବରେନ୍ଦ୍ରକୃଷ୍ଣ ଧଳ ମେମୋରିଆଲ ଟ୍ରଷ୍ଟର ଶୋକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବରଷ୍ଠ ସାମ୍ବାଦିକ ତଥା ବରେନ୍ଦ୍ରକୃଷ୍ଣ ଧଳ ମେମୋରିଆଲ ଟ୍ରଷ୍ଟ'ର ଅନ୍ୟତମ ସକ୍ରିୟ ସଦସ୍ୟ ରତିକାନ୍ତି ମହାନ୍ତିଙ୍କ ଅକାଳ ବିୟୋଗରେ ସୋମବାର ସନ୍ଧ୍ୟାରେ ଏକ ଶୋକସଭା ଟ୍ରଷ୍ଟର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମହାନ୍ତିଙ୍କ ନିର୍ଭୀକ ଓ ସଚ୍ଚୋଟ ସାମ୍ବାଦିକତା ଏବଂ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସ୍ୱର୍ଗତ ମହାନ୍ତିଙ୍କର ବଳିଷ୍ଠ ଭୂମିକା ସମ୍ପର୍କରେ ଏହି ଶୋକସଭାରେ ଆଲୋକପାତ କରାଯାଇଥିଲା। ଉଭୟ ସାମ୍ବାଦିକତା, ସମାଜସେବା, ସାମାଜିକ ସଂଗଠନ ଆଦି କ୍ଷେତ୍ରରେ ତାଙ୍କର ବଳିଷ୍ଠ ସାହାଯ୍ୟ ଓ ସହଯୋଗ ସ୍ମରଣୀୟ ହୋଇ ରହିବ। ତାଙ୍କର ବିୟୋଗ ସାମ୍ବାଦିକତା କ୍ଷେତ୍ର ଏବଂ ଟ୍ରଷ୍ଟ ପାଇଁ ଅପୂରଣୀୟ କ୍ଷତି ବୋଲି ଶୋକସଭାରେ ପ୍ରକାଶ ପାଇଥିଲା। ସ୍ୱର୍ଗତ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଏହି ଶୋକସଭାରେ ଟ୍ରଷ୍ଟର ସଦସ୍ୟ ସୂର୍ଯ୍ୟ ମିଶ୍ର, ଶତ୍ରୁଜିତ, ପ୍ରକାଶ ସେଠୀ, ବିବେକାନନ୍ଦ ଜେନା, ସିଦ୍ଧାର୍ଥ ଧଳ ଏବଂ ପ୍ରୀତିଛନ୍ଦା ଧଳ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଶ୍ରୀମନ୍ଦିର ଭିତରେ ରକ୍ତ ଛିଟା : ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ। ରକ୍ତଛିଟା ପଡ଼ିବାରୁ ମହାପ୍ରଭୁଙ୍କ ମହାସ୍ନାନ ହୋଇଛି। ଶ୍ରୀବିଗ୍ରହଙ୍କ ଅବକାଶ ନୀତି ସରି ବେଶ ହେଉଥିବା ବେଳେ ଭିତରକାଠ ନିକଟରେ ଜଣେ ଯବାନଙ୍କ ଗୋଡ଼ରେ କାଚ ପଶିଯାଇଥିଲା।ତାଙ୍କ ଗୋଡରେ ଗଭୀର ଆଘାତ ଲାଗିବା ସହ ରକ୍ତସ୍ରାବ ହୋଇଥିଲା। ମନ୍ଦିରରେ ଏହି ରକ୍ତ ଛିଟା ପଡିଥିଲା। ଏଣୁ ବିଧି ପରମ୍ପରା ମୁତାବକ ମହାପ୍ରଭୁଙ୍କ ମହାସ୍ନାନ କରାଯାଇଥିଲା । ମହାସ୍ନାନ ସମୟରେ ସର୍ବସାଧାରଣ ଦର୍ଶନ କିଛି ସମୟ ଧରି ବନ୍ଦ ରହିଥିଲା। ସ୍ନାନ ସରିବା ପରେ ଏବେ ପୁନର୍ବାର ସର୍ବସାଧାରଣ ଦର୍ଶନ ହେବ। ସୂଚନେଯୋଗ୍ୟ, ଆଜି ମହାପ୍ରଭୁଙ୍କୁ ପଇତା ଲାଗି ନୀତି ହୋଇଥାନ୍ତା। ଏଥିପାଇଁ ସର୍ବ ସାଧାରଣ ଦର୍ଶନ ସନ୍ଧ୍ୟା ୫ଟାରୁ ରାତି ୧୦ ଟାଯାଏଁ ସାଧାରଣ ଦର୍ଶନ ବନ୍ଦ ରହିଥାନ୍ତା। ହେଲେ ମହାସ୍ନାନ ପାଇଁ ନୀତି ବିଳମ୍ବ ହେବା ଯୋଗୁ ସନ୍ଧ୍ୟା ୬ଟାରୁ ସର୍ବ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଜଣାଯାଇଛି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗରିବ ଅସହାୟ...

ସମ୍ବଲପୁରରେ ହେଲା, ଆଗାମୀ ଦିନରେ ରାଜ୍ୟର ଅନ୍ୟ ସ୍ଥାନରେ ହେବ। ସେ ଆହୁରି କହିଛନ୍ତି ଯେ, ଏହି କ୍ଷେତ୍ରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ଲୋକ ମାନେ ସେମାନଙ୍କ ଘରରେ ରହି, ଯେତେଦୂର ସମ୍ଭବ, ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତତ୍ପର ହେବେ। ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଦିଗରେ ଅଧିକ ସଚେତନ ହେବେ ବୋଲି ସେ କହିଥିଲେ । ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଅଧିକାରୀ ମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆ ଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ପୂର୍ବ ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଗରୁ ଭୁବନେଶ୍ୱରରେ ଆମର ନଅଟି ଜନ ଶୁଣାଣି ହୋଇଛି । ପୂର୍ବ ନଅଟି ପାଳିରେ ୯,୩୭୭ ଲୋକଙ୍କ ଅଭିଯୋଗ ଗ୍ରହଣ କରିଛୁ ଏବଂ ପ୍ରାୟ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଥିଲା । ଅବଶିଷ୍ଟ ଗୁଡ଼ିକ ପ୍ରକ୍ରିୟା ଭିତରେ ଅଛି । ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆଜି ଥିଲା ୧୦ମ ପାଳି । ଏହି ପାଳିରେ ପ୍ରାୟ ୧୦୦୦ ଜଣ ଅନଲାଇନ ଜରିଆରେ ପଞ୍ଜିକୃତ ଓ ଅଫଲାଇନରେ ପ୍ରାୟ ୪୦୦ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯାଇଛି । ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ଅଭାବ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି । ଏହି ସିଷ୍ଟମରେ ଚିକିତ୍ସା ପାଇଁ ୮ ଲକ୍ଷ ୧୯ ଲକ୍ଷ ୫୦ ହଜାର ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି । ଏହି ତତ୍କାଳ ସହାୟତା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଅଭିଯୋଗ ପ୍ରକୋଷ୍ଠରେ ଡାକ୍ତରୀ ଦଳ ମଧ୍ୟ ନିୟୋଜିତ ଥିଲେ । କେବଳ ଚିକିତ୍ସା ସହାୟତା ନୁହେଁ, ଅନ୍ୟାନ୍ୟ ବିଭିନ୍ନ ସମସ୍ୟା ନେଇ ଅଭିଯୋଗକାରୀମାନେ ଆସିଥିଲେ। ସମସ୍ତଙ୍କ ଅଭିଯୋଗ ଗୁଡ଼ିକୁ ଗୁରୁତ୍ୱର ସହ ଶୁଣି ଆବଶ୍ୟକ ସ୍ଥଳେ ଟେଲିଫୋନ ଜରିଆରେ ମନ୍ତ୍ରୀମାନଙ୍କ ସଚିବ ଓ ଉପସ୍ଥିତ ବରିଷ୍ଠ ସଚିବ ସ୍ତରୀୟ ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଉଥିଲେ । ଅଭିଯୋଗ ପ୍ରକୋଷ୍ଠରୁ ଫେରୁଥିବା ପ୍ରତ୍ୟେକଙ୍କ ମୁହଁରେ ପ୍ରକାଶ ପାଉଥିଲା ଭରସା ଓ ଆତ୍ମ ସନ୍ତୋଷର ଚିହ୍ନ । ଅଭିଯୋଗକାରୀଙ୍କ ମଧ୍ୟରେ ଥିଲେ ସମ୍ବଲପୁରର ଦୀପ୍ତିରାଣୀ ପାଢ଼ୀ । ସେ ତାଙ୍କ ପେନସନ ସଂକ୍ରାନ୍ତୀୟ ଅଭିଯୋଗ ନେଇ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ସମସ୍ୟା ଶୁଣିଲେ। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମତୀ ପାଢ଼ୀ ଗଭୀର ଆତ୍ମସନ୍ତୋଷର ସହ ଘରକୁ ଫେରିଥିଲେ।ସେହିପରି ବରଗଡ଼ ଜିଲ୍ଲା ଡୁଙ୍ଗୁରିବାହାଲର କିଛି ବାସିନ୍ଦା ଆସିଥିଲେ। ଡୁଙ୍ଗୁରିବାହାଲ ଜଳସେଚନ ପ୍ରକଳ୍ପରୁ ଜଳସେଚନ ସୁବିଧା କରାଇବା ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଠୁ ଆଶ୍ୱାସନା ପାଇ ସେମାନେ ଖୁସି ମନରେ ଫେରିଥିଲେ। ଏହିପରି ଜଣେ ପରେ ଜଣେ ଅଭିଯୋଗକାରୀ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କୁ ଭେଟି ଭରସା ଓ ସନ୍ତୋଷ ନେଇ ଫେରୁଥିଲେ । ସମସ୍ତଙ୍କ ମୁହଁରେ ଥିଲା ଖୁସିର ଲହରୀ । କାରଣ ମୁଖ୍ୟମନ୍ତ୍ରୀ ନିଜେ ତାଙ୍କ ସମସ୍ୟା ଶୁଣିଛନ୍ତି ଓ ସମାଧାନର ବ୍ୟବସ୍ଥା ମଧ୍ୟ କରିଛନ୍ତି । ସୋମବାର ମୁଖ୍ୟମନ୍ତ୍ରୀଙ୍କ ସହିତ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ଓ ନଗରଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ, ପଞ୍ଚାୟତିରାଜ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ।

## ଶାସନ, ପାରଦର୍ଶିତା...

ଏହା କେବଳ ଏକ ବିଷୟବସ୍ତୁ ନୁହେଁ, ଏହା ରାଷ୍ଟ୍ର ପ୍ରତି ଆମର ପ୍ରତିଶ୍ରୁତିବଦ୍ଧତା। ସମଗ୍ର ବିକାଶର ଅର୍ଥ ହେଉଛି ଯେ, କୌଣସି ବି ପରିବାର, ନାଗରିକ କିମ୍ବା ଗ୍ରାମ ଯେପରି ପଛରେ ରହିନଯାଏ । ବାସ୍ତବିକ ପ୍ରଗତି ଛୋଟ ପରିବର୍ତ୍ତନ ବାବଦରେ ନୁହେଁ, ବରଂ ବହୁ ସଂଖ୍ୟାରେ, ସାର୍ଥକ ପ୍ରଭାବ ବିଷୟରେ ରହିଥାଏ । ପ୍ରତ୍ୟେକ ଘରେ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ ହେବା ଉଚିତ୍ ଏବଂ ପ୍ରତ୍ୟେକ ଶିଶୁକୁ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ମିଳିବା ଦରକାର ।

## କୋରାପୁଟ ଜିଲ୍ଲାପାଳ...

ଓ ପ୍ରଶାସନର ସହଭାଗିତାରେ ନିଜ ଦକ୍ଷତା ପ୍ରତିପାଦନ କରି ଦେଶରେ ଶ୍ରେଷ୍ଠ ଜିଲ୍ଲା ଭାବେ ମନୋନୀତ ହୋଇଛି । ବିଭିନ୍ନ ପର୍ଯ୍ୟାୟରେ କେନ୍ଦ୍ରୀୟ ଟିମ ଆସି ଅନୁଧ୍ୟାନ କରିବା ପରେ ଏହି ପୁରସ୍କାର ପାଇବାକୁ କୋରାପୁଟ ଜିଲ୍ଲା ଯୋଗ୍ୟ ବିବେଚିତ ହୋଇଛି । ଭାରତ ବର୍ଷର ୭୧୦ଟି ଜିଲ୍ଲା ମଧ୍ୟରୁ କେବଳ ୫ ଜିଲ୍ଲା ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲା । ଏହି ୫ଟି ଜିଲ୍ଲା ମଧ୍ୟରେ ଓଡ଼ିଶାର କୋରାପୁଟ ସ୍ଥାନ ପାଇଛି । ଏଥିପାଇଁ କୋରାପୁଟ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ଅଧିକାରୀ, କର୍ମଚାରୀ ଓ ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସମୃଦ୍ଧ ଓଡ଼ିଶା ...

ସହିତ ଜନମଙ୍ଗଳ କ୍ଷେତ୍ରରେ ଆମର ଲକ୍ଷ୍ୟଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ପୂରଣ କରିବା ଜରୁରୀ। ସମସ୍ତଙ୍କ ପାଇଁ ବାସଗୃହ, ପାନୀୟ ଜଳ, ବିଜୁଳି, ଯୋଗାଯୋଗ ଆଦି ମୌଳିକ ସୁବିଧା ଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପୂରଣ ହେବାର ଆବଶ୍ୟକତା ସଂପର୍କରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଆମ ସରକାର ହେଉଛି ଲୋକଙ୍କ ସରକାର। ଏକ ସମ୍ବେଦନଶୀଳ ସରକାର। ଗରିବ ଓ ଅସହାୟ ଲୋକଙ୍କ ସମସ୍ୟା ଦୂର କରିବା ବ୍ୟକ୍ତିଗତ ଭାବେ ତାଙ୍କର ପ୍ରାଥମିକତା। ତେବେ ଲୋକଙ୍କ ସମସ୍ୟା ଯେତେଦୂର ସମ୍ଭବ, ତୃଣମୂଳ ସ୍ତରରେ ସମାଧାନ ହେବା ଆବଶ୍ୟକ। ଏଥିପାଇଁ କ୍ଷେତ୍ର ସ୍ତରର ସିଭିଲ ସେବା ଅଧିକାରୀମାନେ ସଚେତନ ଭାବେ ଉଦ୍ୟମ କରିବା ଆବଶ୍ୟକବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସିଭିଲ୍ ସେବା ଅଧିକାରୀମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, "ଆପଣମାନଙ୍କ ଜ୍ଞାନ, ଦକ୍ଷତା ଓ କର୍ମନିଷ୍ଠା ଉପରେ ସମସ୍ତଙ୍କର ଭରସା ଅଛି। ଆପଣମାନେ ଆମ ମୂଲ୍ୟବାନ ବୌଦ୍ଧିକ ସମ୍ପତ୍ତି। ଆପଣମାନଙ୍କ ନିଷ୍ଠା, ଶ୍ରମ ଓ ତ୍ୟାଗର ବିସ୍ତୀର୍ଣ୍ଣ ଭୂଇଁରେ ଆମ ରାଜ୍ୟ ତଥା ଦେଶର ସ୍ୱପ୍ନ ବାସ୍ତବତାର ରୂପ ନେଇଥାଏ। ଆପଣମାନଙ୍କ ସହଯୋଗ ଓ ଆନ୍ତରିକତା ଜନସାଧାରଣଙ୍କ ସହ ସରକାରଙ୍କ ସଂଯୋଗର ସେତୁ ହୋଇ ରହିଥାଏ।" ରାଜନୈତିକ ଓ ପ୍ରଶାସନିକ ଅଙ୍ଗର ସମନ୍ୱିତ ନେତୃତ୍ୱରେ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ପୂରଣ କରିବା ସହ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବାରେ ନିଶ୍ଚୟ ସଫଳ ହେବା ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ରଖିଛନ୍ତି । ଏହି ଅବସରରେ ସେ ସିଭିଲ ସେବା ଅଧିକାରୀମାନଙ୍କର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନର ସଫଳତା କାମନା କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ତରଫରୁ ଏକ ଉନ୍ନୟନ ମୂଳକ ଭିଡ଼ିଓ ଉପସ୍ଥାପିତ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଉକ୍ତି- ବିକଶିତ ଭାରତର ଦୃଷ୍ଟିକୋଣକୁ କାର୍ଯ୍ୟରେ ପରିଣତ କରିବା ପାଇଁ କେବଳ ଆଧୁନିକ ଭିତ୍ତିଭୂମି କିମ୍ବା ଆଧୁନିକ ନିର୍ମାଣ କ୍ଷେତ୍ରରେ ସୀମିତ ହେବ ନାହିଁ ବରଂ ଦେଶର ସରକାରୀ ବ୍ୟବସ୍ଥା, ସରକାରୀ କର୍ମଚାରୀ ପ୍ରତ୍ୟେକ ଦେଶବାସୀଙ୍କ ସ୍ୱପ୍ନକୁ ସାକାର କରିବାରେ ସେମାନଙ୍କୁ ସହାୟତା କରିବାର ଆବଶ୍ୟକତା ସଂପର୍କରେ ଦେଇଥିବା ଆହ୍ୱାନ ସଂପର୍କରେ ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇ "ଶାସନ ପ୍ରକ୍ରିୟାରେ ଉନ୍ନତି ପାଇଁ ପ୍ରଶାସନିକ ସେବାରେ ଅଭିବୃଦ୍ଧିମାନସିକତାର ବିକାଶର ଆବଶ୍ୟକତା '( ଡେଭେଲପିଂ ଏ ଗ୍ରୋଥ ମାଇଣ୍ଡସେଟ୍ ଇନ୍ ସିଭିଲ୍ ସର୍ଭିସ୍ ଫର ଇମ୍ପ୍ରୁଭିଂ ଗଭର୍ଣ୍ଣାନ୍ସ) ପ୍ରସଙ୍ଗ ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଉପରେ ରାଜ୍ୟର ୪.୫ କୋଟି ଲୋକଙ୍କର ଆଶା ଆକାଂକ୍ଷା ରହିଛି । ସେମାନଙ୍କର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରଶାସନିକ ଅଧିକାରୀମାନେ ନିଜର ଦକ୍ଷତା ଓ ଜ୍ଞାନ ବୃଦ୍ଧି କରିବା,ପ୍ରଶାସନିକ ଜଟିଳତାର ପ୍ରତ୍ୟେକ ଦୃଷ୍ଟିକୋଣକୁ ବୁଝିବା, ଅନୁଶୀଳନ କରିବା ସହିତ ସହଜ ଓ ସରଳ ଭାବେ ଦୃଢ଼ତାର ସହ ଲୋକଙ୍କୁ ସେବା ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଥିଲେ । ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ଯେଉଁ ପରିକଳ୍ପନା କରାଯାଇଛି, ଏହାକୁ ବାସ୍ତବ ରୂପାୟନ କରିବାରେ ସେମାନଙ୍କର ବିଶ୍ୱସ୍ତ କାର୍ଯ୍ୟକାରିତାରେ ସଫଳତା ଆଣିପାରିବ ବୋଲି ସେ ପ୍ରକାଶ କରିଥିଲେ । ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ କହିଥିଲେ ଯେ, ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବାରେ ସେମାନଙ୍କର କ୍ଷମତା, ସାମର୍ଥ୍ୟ ଓ ଦକ୍ଷତା ରହିଛି । ବିକାଶ ପାଇଁ ଓଡ଼ିଶାର ସମୟ ରହିଛି । ଆମକୁ ଏଥିପାଇଁ ଆବଶ୍ୟକ ପରିବର୍ତ୍ତନ କରିବା ଏବଂ ଏପରି ଇକୋସିଷ୍ଟମ ବିକଶିତ କରିବାକୁ ପଡ଼ିବ, ଯଦ୍ୱାରା ଆମେ ପ୍ରତ୍ୟେକ କାର୍ଯ୍ୟକୁ ସହଜରେ କରିପାରିବା ଓ ଲୋକମାନଙ୍କୁ ସେବା ଦେଇପାରିବା ବୋଲି ସେ କହିଥିଲେ । ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରସଙ୍ଗ ଉପରେ ଆଲୋକପାତ କରି କହିଥିଲେ ଯେ, ବିଭିନ୍ନ କ୍ଷେତ୍ରରେ ଅବସ୍ଥାପିତ ଥିବା ସିଭିଲ ସେବା ଅଧିକାରୀମାନେ ସରକାରୀ ସେବା ଦକ୍ଷତାର ସହ ସଂପାଦନ ନିମନ୍ତେ ସଂପୃକ୍ତ କ୍ଷେତ୍ରରେ ସାମୁହିକ ସହଯୋଗରେ କାର୍ଯ୍ୟକରିବାର ଗୁରୁତ୍ୱ ରହିଛି । ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଭଳି ଆକାଂକ୍ଷିତ ଲକ୍ଷ୍ୟ ସାଧନରେ ସିଭିଲସେବା ଅଧିକାରୀମାନଙ୍କର ସକାରାତ୍ମକ ଭାବନା ଓ କାର୍ଯ୍ୟ ଦକ୍ଷତା ଉପରେ ସେ ଆଲୋକପାତ କରିଥିଲେ । ଏହି ଅବସରରେ ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଯୋଗଦେଇ ପ୍ରଶାସନିକ ସେବାରେ ଆଇନର ଗୁରୁତ୍ୱ ସଂପର୍କରେ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ, ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ, ଆଇନ ଶୃଙ୍ଖଳା ରକ୍ଷା ଦିଗରେ ରାଜ୍ୟକୁ ସଫଳତା ମିଳିଛି ଓ ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଅଛି । ସମଗ୍ରସରକାରର ଆଭିମୁଖ୍ୟ ନେଇ ରାଜ୍ୟ ସରକାରଙ୍କ ସହଯୋଗ, ପୁଲିସ୍ ଆଧୁନିକୀକରଣ କ୍ଷେତ୍ରରେ ଉନ୍ନତି ଘଟିଛି ବୋଲି ସେ ପ୍ରକାଶ କରିଥିଲେ। ସିଏମଜିଆଇର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତଥା ପ୍ରଶାସନିକ ଅଧିକାରୀ ବିନୀତ ଭରଦ୍ୱାଜ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ପ୍ରାରମ୍ଭିକ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ମହାଲେଖାକାର,ଓଡିଶା,ଭୁବନେଶ୍ୱର ଡି.ବି.ସାହୁ, ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ସୁରେଶ ପନ୍ଥ, ଓଡ଼ିଶା ମଣ୍ଡଳର ମୁଖ୍ୟ ଡାକ ଅଧିକ୍ଷକ ନିର୍ମଳଜିତ୍ ସିଂ, ପ୍ରମୁଖ ଆୟକର ଆୟୁକ୍ତ ପାରମିତା ଶତପଥି ତ୍ରିପାଠୀ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ସିଭିଲ ସେବା ଦିବସ ଉପଲକ୍ଷେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

## ଖ୍ରୀଷ୍ଟ ଧର୍ମର ...

ବେର୍ଗୋଲିଓ ସେ ୨୦୧୩ ମସିହାରୁ ଏହି ପଦବୀ ସମ୍ଭାଳି ଆସୁଥିଲେ । ପୋପ ଷୋଡଶ ବେନେଡିକ୍ଟଙ୍କ ଇସ୍ତଫା ପରେ ସେ ଏହି ପଦବୀ ଗ୍ରହଣ କରିଥିଲେ। କାର୍ଡିନାଲ ତାଙ୍କୁ ୨୬୬ତମ ପୋପ ଭାବରେ ନିର୍ବାଚିତ କରିଥିଲେ। ଏହା ପ୍ରଥମ ଥର ଥିଲା ଯେତେବେଳେ ଜଣେ ଅଣ-ୟୁରୋପୀୟଙ୍କୁ ପୋପ କରାଯାଇଥିଲା।

## ପୋପ୍‌ଙ୍କ ବିୟୋଗରେ...

ବିଶ୍ୱ କ୍ୟାଥୋଲିକ୍ ସମ୍ପ୍ରଦାୟ ପ୍ରତି ମୋର ଗଭୀର ସମବେଦନା। ପୋପ୍ ଫ୍ରାନ୍ସିସ୍ ସର୍ବଦା ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା କରୁଣା, ନମ୍ରତା ଏବଂ ଆଧ୍ୟାତ୍ମିକ ସାହସର ପ୍ରତୀକ ଭାବରେ ମନେ ରହିବେ। ଯୁବାବସ୍ଥାରୁ, ସେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଦର୍ଶକୁ ସାକାର କରିବା ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ସେ ଗରିବ ଏବଂ ଅବହେଳିତ ଲୋକଙ୍କର ନିଷ୍ଠାର ସହିତ ସେବା କରିଥିଲେ। ଯେଉଁମାନେ ପୀଡିତ ଥିଲେ ସେମାନଙ୍କ ମଧ୍ୟରେ ସେ ଆଶାର ଭାବନା ସୃଷ୍ଟି କରିଥିଲେ।' ସେ ଆହୁରି ଲେଖିଛନ୍ତି, 'ମୁଁ ତାଙ୍କ ସହ ମୋର ସାକ୍ଷାତକୁ ମନେ ପକାଉଛି ଏବଂ ଅନ୍ତର୍ଭୁକ୍ତିମୂଳକ ଏବଂ ସର୍ବାଙ୍ଗୀନ ବିକାଶ ପ୍ରତି ତାଙ୍କର ପ୍ରତିବଦ୍ଧତା ଦ୍ୱାରା ଗଭୀର ଭାବରେ ଅନୁପ୍ରାଣିତ ହୋଇଥିଲି। ଭାରତର ଲୋକଙ୍କ ପ୍ରତି ତାଙ୍କର ସ୍ନେହ ସର୍ବଦା ଆଦର କରାଯିବ। ଈଶ୍ୱରଙ୍କ କୋଳରେ ତାଙ୍କ ଆତ୍ମା ଶାନ୍ତିରେ ରହୁ। ଉଲ୍ଲେଖନୀୟ ଯେ ପୋପ୍ ଫ୍ରାନ୍ସିସ୍ ସୋମବାର ଦିନ ତାଙ୍କ ବାସଭବନ ଭାଟିକାନର କାସା ମାର୍ଟାରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା।

## ପୁଣି ଇତିହାସ ରଚିଲା ...

ମହାକାଶ ଷ୍ଟେସନ ନିର୍ମାଣ ଏବଂ ଚନ୍ଦ୍ରଯାନ-୪ ଅଭିଯାନର ସଞ୍ଚାଳନ କରିବାରେ ସାହାଯ୍ୟ ମିଳିବ। ଇସ୍ରୋ ଗତ ବର୍ଷ ୩୦ ଡିସେମ୍ବରେ ସ୍ପେଡେକ୍ସ ମିଶନ ଆରମ୍ଭ କରିଥିଲା ଏବଂ ମହାକାଶରେ ଡକିଂ ସମ୍ପର୍କିତ ପରୀକ୍ଷଣ ପାଇଁ ୨ଟି ଉପଗ୍ରହ ଏସଡିଏକ୍ସ୦୧ ଓ ଏସଡିଏକ୍ସ୦୨କୁ କକ୍ଷରେ ସ୍ଥାପନ କରାଯାଇଥିଲା । ମନ୍ତ୍ରୀ ସିଂହ କହିଛନ୍ତି କି ପିଏସଏଲଭି-ସି୬୦/ ସ୍ପେଡେକ୍ସ ମିଶନକୁ ୩୦ ଡିସେମ୍ବର ୨୦୨୪କୁ ସଫଳତାପୂର୍ବକ ଆରମ୍ଭ କରାଯାଇଥିଲା। ଏହା ପରେ ଉପଗ୍ରହକୁ ପ୍ରଥମ ଥର ୧୬ ଜାନୁୟାରୀ ୨୦୨୫ରେ ସକାଳ ୬ଟା ୨୦ ମିନିଟରେ ଡକ ଓ ୧୩ ମାର୍ଚ୍ଚ ୨୦୨୫ରେ ସକାଳ ୯ଟା ୨୦ ମିନିଟରେ ସଫଳତା ପୂର୍ବକ ଅନଡକ(ଉପଗ୍ରହକୁ ଅଲଗା କରିବାର ପ୍ରକ୍ରିୟା) କରାଯାଇଥିଲା। ଆଗାମୀ ୨ ସପ୍ତାହରେ ଆଗକୁ ଥିବା ଯୋଜନା ପ୍ରସ୍ତୁତ ହେବା ନେଇ ସେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଆମେରିକା, ଋଷ ଓ ଚୀନ ପରେ ଭାରତ ମହାକାଶରେ ଡକିଂ ସମ୍ପର୍କିତ ପରୀକ୍ଷା କରିଥିବା ଚତୁର୍ଥ ଦେଶ ପାଲଟିଯାଇଛି ।

## ଝାରସୁଗୁଡାରେ...

ବାଲେଶ୍ୱରରେ ୩୭ ଓ ଭୁବନେଶ୍ୱରରେ ୩୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୯ ଜଣ ଲୋକ ରୌଦ୍ରତାପଜନିତ କାରଣରୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏଥିରୁ ସମ୍ବଲପୁରରୁ ସର୍ବାଧିକ ୪୦ ଜଣ ରହିଛନ୍ତି। ସେହିପରି ଦେବଗଡ଼ରେ ୬ ଜଣ, ଖୋର୍ଦ୍ଧା, ମୟୂରଭଞ୍ଜ ଓ କେନ୍ଦୁଝରରେ ଜଣେ ଲେଖାଏଁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

## ୩.୭ ବିଲିୟନ...

ଆନାଲିସିସ ଆଟ ମାର୍ସ (ଏସଏଏମ) ମୂଳ ରୂପେ କୌଣସି ଅନ୍ୟ ଏକ ସନ୍ଧାନରେ ଥିଲା। ଟିମ ପ୍ରୋଟିନର ନିର୍ମାଣ ଖଣ୍ଡ ଓ ଏମିନୋଏସିଡର ସନ୍ଧାନ କରୁଥିଲା । ତେବେ ପଥର ନମୁନାକୁ ଗରମ କରିବା ଲାଗି ଏକ ନୂଆ ବିଧିରେ ପରୀକ୍ଷା କରିବା ବେଳେ କିଛି ଅପ୍ରତ୍ୟାଶିତ ଦେଖାଯାଇଥିଲା। ଏଥିରୁ ହାଇଡ୍ରୋ କାର୍ବନର ଦୀର୍ଘ ଶୃଙ୍ଖଳା ଯାହା ଦେଖିବାକୁ ଏପରି ଲାଗୁଥିଲା। ଏହା କେବେ କୌଣସି ଜଟିଳ ଜିନିଷର ଅଂଶ ବିଶେଷ ନଥିଲା ତଥା ମଙ୍ଗଳରେ ପ୍ରାଚୀନ ରସାୟନ ବିଜ୍ଞାନର ସମ୍ଭାବନାର ସଂକେତ ଦେଉଥିଲା। ଏପରି ଦୀର୍ଘ କାର୍ବନ ଅଣୁ କେଉଁଠି ହେଲେ ବି ଅଚାନକ ପ୍ରକଟ ହୁଏନା। ପୃଥିବୀରେ ସାଧାରଣତଃ ଏହା ଜୈବିକ ପ୍ରକ୍ରିୟାର ପରିଣାମ ହୋଇଥାଏ । ଏଣୁ ଏଥିରୁ ଏହି ସଂକେତ ମିଳୁଛି ଯେ ଗ୍ରହରେ ଜୀବନ ଲାଗି କେବେ ମୌଳିକ ତତ୍ତ୍ୱ ମହଜୁଦ ଥିଲା। ତେବେ ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ଏହି ସନ୍ଧାନ ଏପରି ଏକ ପଥର ନମୁନାରୁ ହୋଇଛି ଯାହାର ଅଧ୍ୟୟନ ପୂର୍ବରୁ ମଧ୍ୟ ହୋଇଥିଲା । ଏଥିରୁ ଜଣା ପଡୁଛି ଯେ ମଙ୍ଗଳ ଗ୍ରହରେ ଏବେବି ରହସ୍ୟ ଲୁଚି ରହିଛି। ଏହି ଅନୁସନ୍ଧାନ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଛି ଓ ଭବିଷ୍ୟତର ମିଶନ ନିମନ୍ତେ ମଞ୍ଚ ତିଆରି କରିଛି । ଯଦି ମଙ୍ଗଳ ଗ୍ରହରେ ଏପରି ଅଣୁ କୋଟି କୋଟି ବର୍ଷ ପୂର୍ବରୁ ଅଛି ତେବେ ଏଥିରୁ ଆଉ କଣ ନ ବାହାରିବ ତାହା ଅନୁମାନ କରାଯାଇ ପାରୁ ନାହିଁ। ଯଦିଓ କ୍ୟୁରୋସିଟି କୌଣସି ଏଲିୟନ ଜୀବନର ସନ୍ଧାନ ନେଇ ପାରି ନାହିଁ ହେଲେ ଏହା ଏପରି ସୁରାଗ ପାଇଛି, ଯାହା କହୁଛି ମଙ୍ଗଳ ଗ୍ରହ କେବେ ନିଶ୍ଚିତ ପୃଥିବୀ ଭଳି ଥିଲା। ଏଣୁ ଏହା ନିଶ୍ଚିତ ରୂପେ ଏକ ରହସ୍ୟ ଯାହା ଅଧିକ ଅନୁସନ୍ଧାନ ଆବଶ୍ୟକ କରୁଛି।

## ବିଶ୍ୱର ୭୫% ବାଘ ଭାରତରେ ଅଛନ୍ତି : ମୋଦି

**ନୂଆଦିଲ୍ଲୀ, ୨୧/୪**

୨୦୨୩ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ତଥ୍ୟ ଅନୁସାରେ ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବାଘ ସଂଖ୍ୟା ବୃଦ୍ଧି ପାଇ ୩ ହଜାର ୧୬୭ରେ ପହଞ୍ଚିଛି । ଦେଶରେ ବର୍ତ୍ତମାନ ୫୩ଟି ବ୍ୟାଘ୍ର ପ୍ରକଳ୍ପ ରହିଥିବାବେଳେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ ବା ଏନଟିସିଓ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଛନ୍ତି ୩୫ଟି ପ୍ରକଳ୍ପ । ବର୍ତ୍ତମାନ ବିଶ୍ୱର ମୋଟ ବାଘ ସଂଖ୍ୟାର ପ୍ରାୟ ୭୫ ପ୍ରତିଶତ ଭାରତରେ ରହିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କର୍ଣ୍ଣାଟକର ମହୀଶୂରରେ ପ୍ରୋଜେକ୍ଟ ଟାଇଗରର ୫୦ ବର୍ଷ ପୂର୍ତ୍ତି ଅବସରରେ ସୂଚନା ଦେଇଥିଲେ। ବାଘ ସମେତ ସିଂହଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ କାର୍ଯ୍ୟ ଜାରି ରହିଛି।

# କମି ଆସିଲାଣି କିରାସିନି ଚାହିଦା : ଆଗ ଭଳି ଆଉ କିଣୁ ନାହାନ୍ତି ଗ୍ରାହକ



**ଭୁବନେଶ୍ୱର,୨୧/୦୪ ନ୍ୟୁଜ ବ୍ୟୁରୋ**

କମି କମି ଆସିଲାଣି କିରାସିନି ଚାହିଦା । ପୂର୍ବରୁ ବିଜୁଳି ଚାଲିଗଲେ ଡିବିରି, ଲଣ୍ଠନ ଜାଳିବାକୁ ଏବଂ ରୋଷେଇ କରିବାକୁ ମଧ୍ୟ କିରାସିନି ଦରକାର ହେଉଥିଲା । ଏବେ ଆଉ କିରାସିନି ଉପରେ ଲୋକେ ନିର୍ଭର କରୁନାହାନ୍ତି । ବିଦ୍ୟୁତ, ଗ୍ୟାସ୍ ଓ ସୋଲାର ଶକ୍ତିର ବ୍ୟବହାର ବଢ଼ିବା ଯୋଗୁଁ ସରକାରଙ୍କ ପକ୍ଷରୁ ଯୋଗାଣ କିରାସିନିର ଅଧା ବି ଉଠାଣ ହେଉନି । ରାସନ କାର୍ଡରେ ମିଳୁଥିବା କିରାସିନି ମଧ୍ୟ କେହି ନେଉନାହାନ୍ତି । ସୂଚନାଥାଉକି, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ୩ ମାସକୁ ୫୦୦ ମିଲିଲିଟର ହିସାବରେ କିରାସିନି ଯୋଗାଇ ଦିଆଯାଉଛି । ଏବର୍ଷ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ରାଜ୍ୟକୁ ୪୯୪୪ କିଲୋଲିଟର କିରାସିନି ଦିଆଯାଇଛି । କିନ୍ତୁ ଏଥିରୁ ମାତ୍ର ୧୧୧୬ କିଲୋଲିଟର କିରାସିନି ଉଠାଣ ହୋଇଛି । ଢେଙ୍କାନାଳ, ବଲାଙ୍ଗିର, ବରଗଡ଼, କୋରାପୁଟ, ଖୋର୍ଦ୍ଧା, ଦେବଗଡ଼, ମାଲକାନଗିରି, ନବରଙ୍ଗପୁର, ସୋନପୁର, ନୂଆପଡ଼ା, ରାୟଗଡ଼ା ଓ ସମ୍ବଲପୁର ଜିଲ୍ଲାରେ ହିତାଧିକାରୀ କିରାସିନି ନେଇ ନାହାନ୍ତି ବୋଲି ସୂଚନା ମିଳିଛି । ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୨୦୮ କିଲୋଲିଟର କିରାସିନି ଉଠିଥିବା ବେଳେ କେନ୍ଦୁଝରରେ ୧୫୬ ଏବଂ ମୟୂରଭଞ୍ଜରେ ୧୩୨ କିଲୋଲିଟର ଉଠାଣ ହୋଇଛି । ଗତବର୍ଷ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ରାଜ୍ୟକୁ ମିଳିଥିବା ୫୦୪୦ କିଲୋଲିଟର କିରାସିନିରୁ ମାତ୍ର ୧୯୫୬ କିଲୋଲିଟର ଉଠାଣ ହୋଇଥିଲା । ଅତ୍ୟଧିକ ଦର ଯୋଗୁଁ କିରାସିନି କିଣୁନଥିବା ଅନେକ ହିତାଧିକାରୀ କହିଛନ୍ତି ।

## ୮କୋଟି ବ୍ୟାଙ୍କ ଠକେଇ ମାମଲାରେ ୪ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୮କୋଟି ବ୍ୟାଙ୍କ ଠକେଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା ବା ଇଓଡବ୍ଲୁ। ଗିରଫ ଅଭିଯୁକ୍ତ ମାନେ ହେଲେ ସ୍ମୃତି ରଞ୍ଜନ ସେଠୀ, ଏମ ଦିବ୍ୟଶ୍ରୀ ଜ୍ୟାତିରଞ୍ଜନ, ନିରଞ୍ଜନ ବେହେରା ଏବଂ ଦେବାଶିଷ ବେହେରା। ଏସବିଆଇ ରିଜିଓନାଲ୍ ବ୍ରାଂଚ ମ୍ୟାନେଜରଙ୍କ ଅଭିଯୋଗ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ବିଭିନ୍ନ ସଂସ୍ଥା ନାଁରେ ୨୩୪ଟି କ୍ରେଡିଟ ଲୋନକୁ ଜାଲ କାଗଜପତ୍ର ଜରିଆରେ ୪ ଅଭିଯୁକ୍ତ ୮ କୋଟି ଟଙ୍କାର ଠକେଇ କରିଥିଲେ ।



ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଲୁପ୍ତପ୍ରାୟ ଲୋକକଳାର ଝଲକ୍। (ଫଟୋ : ସମ୍ବାଦ କଳିକା)

# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଦ୍ୱାରା ଏକ ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ କିଓସ୍କ ଉଦ୍‌ଘାଟନ




**କଳିଙ୍ଗନଗର, ନ୍ୟୁଜ ବ୍ୟୁରୋ**


ସମାଜ କଲ୍ୟାଣ ଏବଂ ସ୍ଥାୟୀତ୍ୱ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରି, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏପ୍ରିଲ ୧୯, ୨୦୨୫ରେ ଏହାର ଯାଜପୁର ପ୍ଲାଣ୍ଟର ମୁଖ୍ୟ ଫାଟକ ବାହାରେ ଏକ ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ କିଓସ୍କ ଉଦଘାଟନ କରିଛି । ଏହି କିଓସ୍କ, ଯାହା ରେଫ୍ରିଜରେସନ ପ୍ରଯୁକ୍ତିବିଦ୍ୟା ସହିତ ଏକ ଉନ୍ନତ ଆରଓ ଏବଂ ୟୁଭି ପ୍ୟୁରିଫିକେସନ୍ ସିଷ୍ଟମରେ ସଜ୍ଜିତ, ସାଧାରଣ ଲୋକ ତଥା ପଥଚାରୀମାନଙ୍କୁ, ବିଶେଷକରି ପ୍ରଚଣ୍ଡ ଗ୍ରୀଷ୍ମ ମାସରେ, ସ୍ୱଚ୍ଛ ଏବଂ ଥଣ୍ଡା ପାନୀୟ ଜଳ ଯୋଗାଇବା ପାଇଁ ଲକ୍ଷ୍ୟ ରଖିଛି।

ପାରମ୍ପରିକ ଭାବରେ, ଜିନ୍ଦଲ ଷ୍ଟେନଲେସ୍ ପ୍ରତି ବର୍ଷ ଗ୍ରୀଷ୍ମ ଋତୁରେ, ସମାଜ ପାଇଁ ସ୍ୱଚ୍ଛ ଏବଂ ଶୁଦ୍ଧ ପାନୀୟ ଜଳର ସୁବିଧାର ଆବଶ୍ୟକତାକୁ ପୂରଣ କରିବା ଏବଂ ଏକ ମହାନ ସେବା ପ୍ରଦାନ କରିବା ପାଇଁ ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ସ୍ଥାପନ କରିଆସୁଛି । କିନ୍ତୁ , ଚଳିତ ବର୍ଷ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, କମ୍ପାନୀ ବର୍ଷସାରା ନିରାପଦ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଏହି ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳ କିଓସ୍କ ସ୍ଥାପନ କରିଛି। ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ ଏବଂ ମାନବ ସମ୍ବଳ ଏବଂ ଆଇଆର ମୁଖ୍ୟ, ରାକେଶ ପାଠକଙ୍କ ଉପସ୍ଥିତିରେ ବାହ୍ୟ ସମ୍ପର୍କ ମୁଖ୍ୟ ନୀଳମାଧବ ରଥ ଏହି କିଓସ୍କକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। କମ୍ପାନୀ ଏହି ଜନ ଉପଯୋଗୀ ପଦକ୍ଷେପର ପ୍ରସାରକୁ ଆହୁରି ବିସ୍ତାର କରି ବ୍ୟାସନଗର ଅଞ୍ଚଳରେ ଅତିରିକ୍ତ କିଓସ୍କ ସ୍ଥାପନ କରିବାର ଯୋଜନା ମଧ୍ୟ ଘୋଷଣା କରିଛି। ସମାନ୍ତରାଳ ପ୍ରୟାସରେ, ଜିନ୍ଦଲ ଷ୍ଟେନଲେସର ଖଣି ବିଭାଗ ମଧ୍ୟ କାଳିଆପାଣି ଖଣି ଅଞ୍ଚଳରେ ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି, ଯାହା ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ସ୍ଥାନୀୟ ସମ୍ପ୍ରଦାୟ ଏବଂ ଶ୍ରମିକମାନଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ସୁବିଧାକୁ ସୁନିଶ୍ଚିତ କରାଉଛି। ଏହି ପଦକ୍ଷେପ ଜିନ୍ଦଲ ଷ୍ଟେନଲେସର ସ୍ଥାନୀୟ ସମ୍ପ୍ରଦାୟର ସ୍ୱାସ୍ଥ୍ୟ କଲ୍ୟାଣ ଏବଂ ଉନ୍ନତିରେ ଯୋଗଦାନ ଦେବାର ବ୍ୟାପକ ଦୃଷ୍ଟିକୋଣର ଏକ ଅଂଶ ଅଟେ ।

# ୩୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବାବୁ ସିଂ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକାମ୍ର ନିର୍ବାଚନ ମଣ୍ଡଳୀର ୱାର୍ଡ଼ ନଂ ୫୯ ଓ ଲିଙ୍ଗିପୁର ପଞ୍ଚାୟତ ଅଞ୍ଚଳର ନୂଆଗାଁ, ମାରୁତି ନଗର, ବିଶାଳ ସିଟି, ଅପସନା ଗାଡେନ୍, ବିଜୟ ବିହାର,ରୁଦ୍ର ବିହାର, ଲିଙ୍ଗିପୁର, ଇନ୍ଦିରା କଲୋନୀ, ମୃତ୍ୟୁଞ୍ଜୟ ବିହାର, ମାରୁତି ନଗର, ଦିବ୍ୟ ବିହାର କଲୋନୀ ଓ ଏହାର ଆଖ ପାଖ ଅଞ୍ଚଳରେ ନୂତନ ରାସ୍ତା , ଡ୍ରେନେଜ୍ ଓ ସ୍ୱେରେଜ ପ୍ରକଳ୍ପ ନିର୍ମାଣର ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ।



ଏହି ଅବସରରେ ସିଂ କହିଛନ୍ତି ଯେ, ପ୍ରତିଶ୍ରୁତି ପୂରଣ ହେଲା। ବିକଶିତ ଏକାମ୍ରର ସ୍ୱପ୍ନ ସାକାର ହେଲା ।ସ୍ଥାନୀୟ ଜନସାଧାରଣ ଙ୍କ ଅଭିଯୋଗ ଥିଲା ଏହି ଅଞ୍ଚଳରେ ରାସ୍ତା, ସ୍ୱରେଜ ଓ ଡ୍ରେନେଜ ବ୍ୟବସ୍ଥା ନଥିବା କାରଣରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ ଏହି ଅଞ୍ଚଳ ଗୁଡିକରେ ରାସ୍ତା, ଡ୍ରେନ, ସ୍ୱରେଜ୍ ବ୍ୟବସ୍ଥା ହେବା ଦ୍ୱାରା ଜନସାଧାରଣ ଏସବୁ ଅସୁବିଧାରୁ ରକ୍ଷା ପାଇବେ ତେଣୁ ଏହି ନିର୍ମାଣ ଖୁବ୍ ଜଲ୍‌ଦୀ ସରିବ। ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ। ଏହି କାର୍ଯ୍ୟକ୍ରମ ରେ ଭୁବନେଶ୍ୱର ମେୟର ସୁଲଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଅର, କର୍ପୋରେଟର ବିରଞ୍ଚିନାରାୟଣ ମହାସୂପକାର, ଅମରେଶ ଜେନା, ଅଜିତ ବେହେରା,ଭୁବନେଶ୍ୱର ବ୍ଲକ୍ ଅଧକ୍ଷା ନିରୁପମା ସାହୁ,ସରପଞ୍ଚ କ୍ଷୀରୋଦ କୁମାର ପ୍ରଧାନ, ସମିତି ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ୱାର୍ଡ଼ ମେମ୍ବର ଚିରଞ୍ଜିବ ଗୋଛାୟତ, ପ୍ରଶାନ୍ତ ପଟ୍ଟନାୟକ, ମମତା ସ୍ୱାଇଁ, ସମାଜ ସେବୀ ସଂଗ୍ରାମ ପାଇକରାୟ, ପ୍ରଫୁଲ୍ଲ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର
୨୨ ଅପ୍ରେଲ,
ମଙ୍ଗଳବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27






ସମ୍ବଲପୁର : ଜନଅଭିଯୋଗ ଶୁଣାଣି ସହ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)




ସମ୍ବଲପୁରରେ ଜନଶୁଣାଣି ପରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ସ୍ୱତନ୍ତ୍ରଭାବେ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

# ମିଶନ ଶକ୍ତି ପୁନର୍ଗଠନର ଦୁଇ ନିୟମ ଉପରେ ହାଇକୋର୍ଟଙ୍କ ରହିତାଦେଶ



**କଟକ, ୨୧/୦୪ ନ୍ୟୁଜ ବ୍ୟୁରୋ**

ମିଶନ ଶକ୍ତିର ରାଜନୀତିକରଣ ଓ ଶାସକ ଦଳର ସମର୍ଥକ ମହିଳାଙ୍କୁ ମିଶନ ଶକ୍ତିରେ ଥଇଥାନ ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସକୁ ଲାଗିଛି ଜୋର ଝଟ୍‌କା। ଓଡ଼ିଶା ହାଇକୋର୍ଟ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭାବରେ ଦୁଇଟି ନିୟମ ଉପରେ ରହିତାଦେଶ ଜାରି କରିଛନ୍ତି। ଯେଉଁମାନେ ୨ ଥର ଅର୍ଥାତ୍ ୪ ବର୍ଷ ପାଇଁ ବିଭିନ୍ନ ପଦପଦବୀରେ କାମ କରିଛନ୍ତି, ସେମାନଙ୍କୁ ଆଉ ସୁଯୋଗ ମିଳିବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକା ଉପରେ ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ର ଅଙ୍କୁଶ ଲଗାଇଛନ୍ତି। ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମିଶନ ଶକ୍ତିରେ ଶାସକ ଦଳର ସଦସ୍ୟାଙ୍କୁ ଥଇଥାନ କରିବା ପାଇଁ ରାଜ୍ୟ ସରକାର ବିଧିବଦ୍ଧ ଭାବରେ ଉଦ୍ୟମ ଆରମ୍ଭ କରିଥିଲେ। ଏହିକ୍ରମରେ ଗତ ଜାନୁଆରୀ ୨୨ ତାରିଖରେ ମିଶନ ଶକ୍ତି ପୁନର୍ଗଠନ ସକାଶେ ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ଏକ ମାର୍ଗଦର୍ଶିକା ପ୍ରେରଣ କରିଥିଲେ। ତେବେ ମାର୍ଗଦର୍ଶିକାର ଧାରା ୫.୧୦ ଏବଂ ୫.୧୧ କୁ ନେଇ ମିଶନ ଶକ୍ତି ନିର୍ବାହୀ ସଦସ୍ୟମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଦୁଇଥର ଅର୍ଥାତ୍ ୪ ବର୍ଷ ପାଇଁ ମିଶନ ଶକ୍ତିରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିବା ମହିଳାଙ୍କୁ ଆଉ ସୁଯୋଗ ମିଳିବ ନାହିଁ ବୋଲି ମାର୍ଗଦର୍ଶିକାରେ ଉଲ୍ଲେଖ ଥିଲା ଓ କାର୍ଯ୍ୟନିର୍ବାହୀ କମିଟି (ଇସି)ରେ ଗୋଟିଏ ପରିବାରରୁ ମାତ୍ର ଜଣେ ସଦସ୍ୟ ସଦସ୍ୟା ହୋଇପାରିବେ ବୋଲି ନିୟମ ପ୍ରସ୍ତୁତ କରାଯାଇଥିଲା। ଏପରିକି ଉକ୍ତ ସଦସ୍ୟାଙ୍କର ନିକଟ କିମ୍ବା ଦୂର ସମ୍ପର୍କୀୟ ମଧ୍ୟ ନିର୍ବାହୀ କମିଟି ସଦସ୍ୟ ହୋଇ ପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଯାହାଫଳରେ ରାଜ୍ୟରେ ଇସି ମେମ୍ବର ଭାବେ କାର୍ଯ୍ୟ କରୁଥିବା ହଜାର ହଜାର ମହିଳା ନିଜର କର୍ମସଂସ୍ଥାନ ହରାଇଥିଲେ। ସ୍ୱଳ୍ପ ଦରମାରେ ରାଜ୍ୟରେ ତୃଣମୂଳସ୍ତରରେ ସରକାରୀ ଯୋଜନା ପହଞ୍ଚାଇବା ସହ ମହିଳାଙ୍କ ସାମାଜିକ, ଅର୍ଥନୈତିକ ସଶକ୍ତୀକରଣ କ୍ଷେତ୍ରରେ ଇସି ମେମ୍ବରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ମାତ୍ର ସେମାନଙ୍କୁ ରାତି ଅଧିଆ ଛଟେଇ କରିବାକୁ ନେଇ ସେମାନେ ତାତିଥିଲେ। ଗତ ବଜେଟ ଅଧିବେଶନ ବେଳେ ସେମାନେ ଗାନ୍ଧୀ ମାର୍ଗରେ ଅହୋରାତ୍ର ଧାରଣା ଦେବା ସହ ସରକାରଙ୍କ ବିରୋଧରେ ଗର୍ଜନ କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକ ପୁନର୍ଗଠନ ଅଳରେ କାର୍ଯ୍ୟରତ ସଭାପତି ଓ ସମ୍ପାଦକମାନଙ୍କୁ ବାହାର କରି ନିଜ ସମର୍ଥକଙ୍କୁ ବିଜେପି ଏଥିରେ ଭର୍ତ୍ତି କରିବାକୁ ଚାହୁଁଛି ବୋଲି ସିଧାସିଧା ସେମାନେ ଅଭିଯୋଗ ଆଣିଥିଲେ। ଏପରିକି ପ୍ରମୁଖ ବିରୋଧୀ ଦଳ ବିଜେଡି ଏହାକୁ ନେଇ ବିଧାନସଭାରେ ତମ୍ବିତୋଫାନ କରିବା ସହ ତୁରନ୍ତ ଏପରି ନିୟମକୁ ବାତିଲ୍ କରିବାକୁ ଦାବି କରିଥିଲା। ତେବେ ହାଇକୋର୍ଟ ମାମଲାର ବିଚାର କରି ଏହା ଉପରେ ଅଙ୍କୁଶ ଜାରି କରିଛନ୍ତି।

# କିଟ୍‌ରେ ପଢୁଥିବା କିସ୍‌ର ୧ଶହ ଛାତ୍ରଛାତ୍ରୀ ପାଇଲେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ

**ଭୁବନେଶ୍ୱର, ୨୧।୪ ନ୍ୟୁଜ ବ୍ୟୁରୋ**



କିଟ୍‌ରେ ପଢୁଥିବା କିସ୍‌ର ୧ଶହ ଛାତ୍ରଛାତ୍ରୀ ଇତି ମଧ୍ୟରେ ବିଭିନ୍ନ କମ୍ପାନୀରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଛନ୍ତି। କିଟ୍‌ରେ ଆଇଟିଆଇ, ପଲିଟେକ୍‌ନିକ୍, ବିଟେକ୍, ରୁରାଲ ମ୍ୟାନେଜମେଣ୍ଟ ଆଦି ପାଠ୍ୟକ୍ରମରେ ପାଠ ପଢୁଥିବା କିସ୍‌ର ଏହି ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇବାରେ ସଫଳ ହୋଇଛନ୍ତି। ଏହି ପିଲାଙ୍କ ମଧ୍ୟରୁ କିସ୍‌ର ଶକୁନ୍ତଳା ସୋରେନ୍ ଜିଇ ହେଲ୍‌ଥକେୟାର କମ୍ପାନୀରେ ସର୍ବାଧିକ ୯.୫ ଲକ୍ଷ ଟଙ୍କା ବାର୍ଷିକ ପ୍ୟାକେଜରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଛନ୍ତି। ଏଥିରେ କିସ୍ ଛାତ୍ରଛାତ୍ରୀମାନେ ସର୍ବନିମ୍ନ ୪ଲକ୍ଷ ଟଙ୍କା ପ୍ୟାକେଜରେ ନିଯୁକ୍ତି ପତ୍ର ପାଇଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ବ୍ୟତୀତ କିସ୍‌ର ଆଉ କିଛି ଛାତ୍ରଛାତ୍ରୀ ମଧ୍ୟ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ ପ୍ରତିବର୍ଷ କିସ୍‌ର ପ୍ରାୟ ୨ଶହ ମେଧାବୀ ଛାତ୍ରଛାତ୍ରୀ କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ବିନାଦେୟରେ ବୈଷୟିକ ଉଚ୍ଚ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥାନ୍ତି। କିସ୍‌ର ସେହି ମେଧାବୀ ପିଲାମାନେ କିପରି ଭଲ ପାଠ ପଢ଼ି ଯୋଗ୍ୟତା ଅର୍ଜନ କରି ବିଭିନ୍ନ ଜାତୀୟ ଓ ବହୁଜାତିକ କମ୍ପାନୀରେ ନିଯୁକ୍ତି ପାଇବେ ସେଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିସ୍ କର୍ତ୍ତୃପକ୍ଷଙ୍କ ଜରିଆରେ ବ୍ୟାପକ ବନ୍ଦୋବସ୍ତ କରିଥାନ୍ତି। ଫଳରେ କିସ୍‌ର ଏହି ପିଲାମାନେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଥାନ୍ତି। ଏହି ସଫଳ ଛାତ୍ରଛାତ୍ରୀମାନେ ସୋମବାର କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କଠାରୁ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଡ. ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଡ. ସାମନ୍ତ କହିଲେ, ଏହି ଛାତ୍ରଛାତ୍ରୀମାନେ ସେମାନଙ୍କ ପରିବାରର ପ୍ରଥମ ଶିକ୍ଷାର୍ଥୀ ହୋଇଥିବା ବେଳେ ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇପାରିଛନ୍ତି। କିସ୍‌ରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ସହ ନିଯୁକ୍ତି ମିଳୁଥିବାରୁ ସେମାନଙ୍କ ମଧ୍ୟରେ ନିରକ୍ଷରତା ହ୍ରାସ ପାଇବା ସହ ନିଯୁକ୍ତି ଦେବା ଦିଗରେ କିସ୍‌ର ଯେଉଁ ଲକ୍ଷ୍ୟ ରହିଛି ତାହା ପୂରଣ ହୋଇଛି। ସୂଚନାଯୋଗ୍ୟ, ସାମଗ୍ରିକ ଓ ଗୁଣାତ୍ମକ ଶିକ୍ଷା ପରେ କିସ୍ ଛାତ୍ରଛାତ୍ରୀଙ୍କ ହାତରେ ନିଯୁକ୍ତି ଦେଇ ଜଣେ ଗରିବ ଜନଜାତି ପିଲା ସମ୍ପୂର୍ଣ୍ଣ ସମାଧାନ କରୁଥିବାରୁ ଜନଜାତିଙ୍କ ମଧ୍ୟରେ କିସ୍ ବେଶ ଲୋକପ୍ରିୟ ହୋଇପାରିଛି। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ଜାନକୀବାବୁ ଦୂରଦୃଷ୍ଟି ସମ୍ପନ୍ନ ଜନନେତା ଥିଲେ'




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାନକୀ ବାବୁ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଜନନେତା ଥିଲେ ବୋଲି ସୋମବାର ସନ୍ଧ୍ୟାରେ ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦ମ ଶ୍ରାଦ୍ଧ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ କହିଛନ୍ତି। ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ଶ୍ରୀ ଘଡ଼ାଇ ଜାନକୀ ବାବୁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜାନକୀ ବାବୁଙ୍କୁ ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ବୋଲି କହିଥିଲେ। ହଜାର ଦିନରେ ହଜାର କୋଟି ଟଙ୍କାର ହଜାର ଶିଳ୍ପ ପ୍ରତିଷ୍ଠା କରି ଓଡ଼ିଶାର ଅଗଣିତ ଯୁବପିଢ଼ିଙ୍କୁ ସେ ଶିଳ୍ପାଭିମୁଖୀ କରାଇଥିଲେ। ସେ ଜାଣିଥିଲେ ଯେ, ଶିଳ୍ପ ହେଲେ ହିଁ ଓଡ଼ିଶାରୁ ବେକାରୀ ଓ ଦାରିଦ୍ର୍ୟତା ଘୁଞ୍ଚିବ। ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ୧୯୮୦ ମସିହାରେ ଓଡ଼ିଶାର ଅର୍ଥନୀତି ଅତ୍ୟନ୍ତ ଦୁର୍ବଳ ଥିଲା, କିନ୍ତୁ ସେହି ସ୍ୱଳ୍ପ ଆୟ ଭିତରେ ଓଡ଼ିଶାକୁ ଭାରତବର୍ଷର ଏକ ନମ୍ବର ରାଜ୍ୟ ଭାବେ ଗଢ଼ିବା ପାଇଁ ଜାନକୀ ବାବୁ ତାଙ୍କ ଚେଷ୍ଟାରୁ କେବେ ବିଚ୍ୟୁତ ହୋଇନଥିଲେ। ତଳେ ପଡ଼ିଥିବା ମଣିଷ ମୁହଁରେ ହସ ଫୁଟାଇବା ପାଇଁ ସେ ଦୁଇ ଟଙ୍କିଆ ଚାଉଳ ଓ ଆଇଆରପି, ଡିଆରପି ଭଳି କାର୍ଯ୍ୟକ୍ରମମାନ ପ୍ରଚଳନ କରିଥିଲେ। ବିଶିଷ୍ଟ ବକ୍ତା ପ୍ରଫେସର ହରେକୃଷ୍ଣ ଶତପଥୀ ଶ୍ରଦ୍ଧାଞ୍ଜଳି ଜଣାଇ ଜନାକୀ ବାବୁଙ୍କୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଜଣେ ସମର୍ପିତ ମଣିଷ ବୋଲି କହିଥିଲେ। ଶ୍ରୀଜଗନ୍ନାଥଙ୍କୁ ବିଶ୍ୱ ଦରବାରରେ ପହଞ୍ଚାଇବା ଥିଲା ଜାନକୀ ବାବୁଙ୍କ ଆନ୍ତରିକ ଇଚ୍ଛା। ଶ୍ରୀମନ୍ଦିରରେ ହୁଣ୍ଡି ସ୍ଥାପନ କରି ଆର୍ଥିକ ଦୃଷ୍ଟିରୁ ଶ୍ରୀମନ୍ଦିରକୁ ସମୃଦ୍ଧ କରିବା ପାଇଁ ସେ ଏଭଳି ପରିକଳ୍ପନା କରିଥିଲେ। ସମ୍ମାନିତ ଅତିଥି ପୃଥ୍ୱୀବଲ୍ଲଭ ପଟ୍ଟନାୟକ ତାଙ୍କ ପିତାଙ୍କ ସ୍ମୃତିଚାରଣ କରି ଜାନକୀ ବାବୁଙ୍କୁ ଧୈର୍ଯ୍ୟର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ। ରାଜ୍ୟସ୍ତରୀୟ କମିଟିର ଉପସଭାପତି ଅନନ୍ତ ପ୍ରସାଦ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ଉତ୍ସବର ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେବା ପରେ, କୋଷାଧ୍ୟକ୍ଷ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ସତ୍ୟ ନାରାୟଣ ଆଚାର୍ଯ୍ୟ ଜାନକୀ ବାବୁଙ୍କୁ ଜଣେ ପ୍ରଜ୍ଞାଦୀପ୍ତ ମଣିଷ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଆଇନସେବା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ନ୍ୟାୟମୂର୍ତ୍ତି ଡଃ ବାସୁଦେବ ପାଣିଗ୍ରାହୀ, ସାମ୍ବାଦିକତା ଜଗତର ଅନନ୍ୟ ବିଭୂତି ରବି ଦାସ ଓ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ତଥା ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ଗବେଷକ ଡଃ ଅସୀତ ମହାନ୍ତିଙ୍କୁ ମୁଖ୍ୟ ଅତିଥି ଶ୍ରୀ ଘଡ଼ାଇ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରିଥିଲେ। ସମାଜସେବୀ ଶ୍ରୀମତୀ ନିବେଦିତା ଭଞ୍ଜଙ୍କ ଦ୍ୱାରା ସ୍ୱର୍ଗତ ଜାନକୀ ବାବୁଙ୍କ ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଜଗନ୍ନାଥ ପଟ୍ଟନାୟକ, ପଦ୍ମଶ୍ରୀ ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ, ଆଡ଼ଭୋକେଟ ଶୀଳଭଦ୍ର ଶାସ୍ତ୍ରୀ, ଆଲୋକ ମହାନ୍ତି ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ରଜନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରୀମତୀ ଲିନା ମିଶ୍ର ଓ ବରୁଣ ରାଜ ପ୍ରମୁଖ ପରିଚାଳନା କରିଥିଲେ।

# ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି ଏବଂ ଏସ୍.ଏ.କଲିମଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



**ଭୁବନେଶ୍ୱର, ୨୧/୪ ନ୍ୟୁଜ ବ୍ୟୁରୋ**

ସତ୍ୟନିଷ୍ଠ, ନିର୍ଭୀକ, ସଚ୍ଚୋଟ ତଥା ଉତ୍ସର୍ଗୀକୃତ ସାମ୍ବାଦିକ ଭାବେ ସାରା ଓଡ଼ିଶାରେ ସୁପରିଚିତ ଦୁଇ ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତି ଏବଂ ଏସ୍.ଏ. କଲିମଙ୍କ ବିୟୋଗରେ ସୋମବାର ଅପରାହ୍ନରେ ଲୋକସେବା ଭବନ ସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋକସଭାରେ ସ୍ୱର୍ଗତ ଦୁଇ ସାମ୍ବାଦିକଙ୍କର ସାମ୍ବାଦିକତା କ୍ଷେତ୍ର ପ୍ରତି ଅବଦାନ ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସଙ୍ଗେ ସଙ୍ଗେ ଗଭୀର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଶେଷକରି ରତିକାନ୍ତ ମହାନ୍ତିଙ୍କର ନିଷ୍ପାପର ସାମ୍ବାଦିକତା ଏବଂ ବିଧାନସଭା ବିବରଣୀ ପ୍ରସ୍ତୁତିରେ ଉଲ୍ଲେଖନୀୟ ରିପୋର୍ଟିଂକୁ ଆଜି ମଧ୍ୟ ସବୁ ମହଲରେ ଉଚ୍ଚ ପ୍ରଶଂସା କରାଯାଉଥିବା ବେଳେ ସ୍ୱର୍ଗତ କଲିମଙ୍କ ଜ୍ଞାନୋଦ୍ଦୀପକ ଲେଖାମାନର ଗ୍ରହଣୀୟତା ସମ୍ପର୍କରେ ବରିଷ୍ଠ ସାମ୍ବାଦିକମାନେ ଆଲୋକପାତ କରିଥିଲେ। ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ହଳଧର ଧୀର, ବାଉରୀବନ୍ଧୁ ମହାରଣା, ବିପିନ ସିଂ, ବିବେକାନନ୍ଦ ଜେନା, ବିଜୟ କୁମାର ପଣ୍ଡା, ପାର୍ଥସାରଥୀ ଜେନା, ସନତ ମିଶ୍ର, ବିଭୂତି ଭୂଷଣ କର, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା, ରମେଶ ଚନ୍ଦ୍ର ସ୍ୱାଇଁ, କିଶୋର ମଙ୍ଗରାଜ, ମହେଶ୍ୱର ରଥ, ସର୍ବେଶ୍ୱର ବର୍ଦ୍ଧନ, ବଳରାମ ପ୍ରସାଦ ନନ୍ଦ, ପ୍ରିୟରଞ୍ଜନ ସାହୁ, ହୃଷିକେଶ ଗୌଡ଼, ଅବିନାଶ ମିଶ୍ର, ସନାତନ ଦଳବେହେରା ଗିରିଧାରୀଲାଲ ଷଡ଼ଙ୍ଗୀ, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ଦୁଇ ଦିବଂଗତ ସାମ୍ବାଦିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଜଳବାୟୁ ପରିବର୍ତ୍ତନର ଭୟାନକ ପରିଣାମ : ଧାନରେ ବଢୁଛି ଆର୍ସେନିକ୍ ସ୍ତର

**ନୂଆଦିଲ୍ଲୀ ୨୧/୦୪**

ବିଶ୍ୱର ଅଧାରୁ ଅଧିକ ଲୋକଙ୍କ ପ୍ରଧାନ ଖାଦ୍ୟ ଭାତ। ଅଟା କିମ୍ବା ମକା ତୁଳନାରେ ଭାତକୁ ଅଧିକାଂଶ ଲୋକ ମୁଖ୍ୟ ଦୈନନ୍ଦିନ ଖାଦ୍ୟ ଭାବେ ଗ୍ରହଣ କରନ୍ତି । କିନ୍ତୁ ସଦ୍ୟ ଅଧ୍ୟୟନ ଏ ନେଇ ଏକ ଚିନ୍ତାଜନକ ରିପୋର୍ଟ ଦେଇଛି । ଅଧ୍ୟୟନ ଅନୁସାରେ, ଜଳବାୟୁ ପରିବର୍ତ୍ତନ ଧାନରେ ଆର୍ସେନିକ୍ ସ୍ତର ବଢ଼ାଇପାରେ । ବୈଜ୍ଞାନିକଙ୍କ ଅନୁସାରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ଏବଂ ପୃଥିବୀର ତାପମାତ୍ରା ନିରନ୍ତର ବୃଦ୍ଧି ଯୋଗୁ ଚାଉଳରେ ଆର୍ସେନିକ୍ ମାତ୍ରା ବଢ଼ିବ। ଚାଉଳରେ ଆର୍ସେନିକ୍‌ର ଉପସ୍ଥିତି ସର୍ବଦା ସମସ୍ୟା ଭାବେ ପରିଚିତ । ପ୍ରାୟତଃ ସବୁ ଚାଉଳରେ ଆର୍ସେନିକ୍ ରହିଛି । ଏହି ହାନିକାରକ ଓ ପ୍ରାକୃତିକ ରୂପେ ଉତ୍ପନ୍ନ ରସାୟନ ଧାନ କ୍ଷେତର ମାଟିରେ ଜମା ହୋଇପାରେ । ସେହି ମାଟିରେ ଚାଷ ହେଉଥିବା ଶସ୍ୟ ଭିତରେ ଏହା ପ୍ରବେଶ କରିଯାଏ । କିନ୍ତୁ ଚାଉଳରେ ମିଳିଥିବା ଆର୍ସେନିକ୍ ମାତ୍ରା ନିୟାମକ ଶାଖା ଦ୍ୱାରା ନିର୍ଦ୍ଧାରିତ ସୀମାଠୁ ନିମ୍ନ ଏବଂ ଅନେକ ସମୟରେ ତା'ଠୁ ଅଧିକ ହୋଇପାରେ । ଚିନ୍ତାର ବିଷୟ ହେଉଛି, ଖାଦ୍ୟ କିମ୍ବା ପିଇବା ପାଣି ଜରିଆରେ ଅତି କମ୍ ମାତ୍ରାର ଅଣଜୈବିକ ଆର୍ସେନିକ୍ ସେବନ ମଧ୍ୟ କର୍କଟ, ହୃଦ୍‌ରୋଗ ଓ ମଧୁମେହ ଭଳି ଅନ୍ୟ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ। ସମଗ୍ର ବିଶ୍ୱର ଗବେଷକମାନେ ଚାଉଳରେ ଆର୍ସେନିକ୍ ମାତ୍ରା ହ୍ରାସ ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ଏହି ସମସ୍ୟା ଆହୁରି ଗମ୍ଭୀର ହୋଇପାରେ ବୋଲି ଅଣଜୈବିକ ଆର୍ସେନିକ୍ ସଞ୍ଚୟକୁ ନେଇ କରାଯାଇଥିବା ସଦ୍ୟତମ ଅଧ୍ୟୟନ ସ୍ପଷ୍ଟ କରିଛି। ଏଥିପାଇଁ ଗବେଷକମାନେ ୧୦ ବର୍ଷରୁ ଅଧିକ ଅବଧିରେ ପରୀକ୍ଷାମୂଳକ ସ୍ଥିତିରେ ଚୀନ୍‌ର ୪ ଭିନ୍ନ ଭିନ୍ନ ସ୍ଥାନରେ ଧାନର ୨୮ ପ୍ରକାର କିସମର ଚାଷ କରିଥିଲେ । ଏଥିରୁ ସେମାନେ ଜାଣିବାକୁ ପାଇଲେ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ସ୍ତର ବଢ଼ିବା ଦ୍ୱାରା ଏବଂ ତାପମାତ୍ରା ବୃଦ୍ଧି ଫଳରେ ଚାଉଳରେ ଆର୍ସେନିକ୍ ମାତ୍ରା



ବଢ଼ିଥିଲା । ତା'ପରେ ମହାମାରୀ ବିଶେଷଜ୍ଞମାନେ ବର୍ତ୍ତମାନର ଚାଉଳ ସେବନ ଦ୍ୱାରା ଏହି ଆର୍ସେନିକ୍ ସ୍ତର କିଭଳି ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବ, ତା'ର ଏକ ମଡେଲ ପ୍ରସ୍ତୁତ କଲେ । ସେମାନେ ଆକଳନ କଲେ ଯେ ଚାଉଳରେ ଆର୍ସେନିକ୍ ସ୍ତର ବୃଦ୍ଧି ଫଳରେ କେବଳ ଚୀନ୍‌ରେ ହାରାହାରି ୧.୯୩ କୋଟିରୁ ଅଧିକ ଲୋକ କର୍କଟ ରୋଗର ଶିକାର ହେବେ । ଅଧ୍ୟୟନ ସହ ଲେଖକ କୋଲମ୍ବିଆ ବିଶ୍ୱବିଦ୍ୟାଳୟ ଏନ୍‌ଭିରନ୍‌ମେଣ୍ଟାଲ ହେଲ୍‌ଥ ସାଇନ୍ସର ଆସୋସିଏଟ୍ ପ୍ରଫେସର ଲୁଇସ୍ ଜିସ୍‌କା କହିଛନ୍ତି, ଅଣଜୈବିକ ଆର୍ସେନିକ୍ ଉପରେ ହୋଇଥିବା ଅଧିକାଂଶ ଅଧ୍ୟୟନ ଏହାକୁ କର୍କଟକାରକ ବୋଲି ଦର୍ଶାଇଛନ୍ତି, ଯାହାର ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ଏବଂ ହୃଦ୍‌ରୋଗ ଉପରେ ବିପରୀତ ପ୍ରଭାବ ରହିଛି । ଜଳବାୟୁ ପରିବର୍ତ୍ତନ ଓ ଅଙ୍ଗାରକାମ୍ଳ ବୃଦ୍ଧି ଏହି ସଂଖ୍ୟାକୁ ଆହୁରି ବଢ଼ାଉଛି । ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘ ବୈଠକରେ ସବୁଠୁ ଭୟାନକ ଭବିଷ୍ୟବାଣୀ ହୋଇଛି । ଏଥିରେ ୨୦୨୫-୨୦୫୦ ମସିହା ମଧ୍ୟରେ ତାପମାତ୍ରା ୨ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି, ଅଙ୍ଗାରକାମ୍ଳ ସ୍ତର ପ୍ରତି ୧୦ ଲକ୍ଷ ପିଛା ଅତିରିକ୍ତ ୨୦୦ ଭାଗ ବୃଦ୍ଧି ବିଷୟରେ କୁହାଯାଇଛି । କିନ୍ତୁ ଯଦି ଅଙ୍ଗାରକାମ୍ଳ ସ୍ତରକୁ ହ୍ରାସ କରାନଯାଏ, ଭବିଷ୍ୟତରେ ଧାନ ଫସଲର କ'ଣ ହେବ, ଏହି ଅଧ୍ୟୟନ ତା'ର ଏକ ଚିତ୍ର ପ୍ରଦାନ କରିଛି । ଗବେଷକମାନେ ପରୀକ୍ଷା ପାଇଁ ଚୀନ୍‌ର ବିଭିନ୍ନ ସ୍ଥାନ ଉପରେ ଫୋକସ୍ କରିଥିଲେ ହେଁ, ୟୁରୋପ ଓ ଆମେରିକାରେ ମଧ୍ୟ ଧାନ ଫସଲରେ ଏହି ପ୍ରଭାବ ଦେଖିବାକୁ ମିଳିବ ବୋଲି ସେମାନେ କହିଛନ୍ତି । କିନ୍ତୁ କ୍ଷେତ ଉପରେ ଉଭୟର ପ୍ରଭାବକୁ ଏକତ୍ର ଆକଳନ କରିବା ପ୍ରଥମ ବୋଲି ଜିସ୍‌କା କହିଛନ୍ତି । ଦେଶମାନେ ଧନୀ ହେବା ସହିତ ଭାତ ସେବନର ମାତ୍ରା କମୁଛି । ତଥାପି ଲୋକେ ୨୦୨୧ରେ ଯେତିକି ମାତ୍ରାର ଭାତ ଖାଉଥିଲେ ୨୦୫୦ରେ ମଧ୍ୟ ଜଣ ପିଛା ସେତିକି ମାତ୍ରା ଖାଇବେ ବୋଲି ଅଧ୍ୟୟନ ଆକଳନ କରିଛି । ବର୍ତ୍ତମାନ ଭଳି ଲୋକେ ବ୍ରାଉନ୍ ରାଇସ୍ ତୁଳନାରେ ଅଧିକ ଧଳା ଚାଉଳର ଭାତ ଖାଇବା ଜାରି ରଖିବେ । ଆର୍ସେନିକ୍ ଏକ ବିଷାକ୍ତ ରସାୟନ ବୋଲି ଲୋକେ ଜାଣନ୍ତି । ଏହାର ସ୍ୱାଦହୀନ, ରଙ୍ଗହୀନ ଓ ଗନ୍ଧହୀନ ପ୍ରକୃତି ଯୋଗୁ ପ୍ରାଚୀନ ରୋମ୍ ଓ ମଧ୍ୟଯୁଗୀୟ ୟୁରୋପର ଦରବାରରେ ଶତ୍ରୁଙ୍କୁ ତଡ଼ିବା ପାଇଁ ଏହା ଏକ ଭଲ ପଦ୍ଧତି ଥିଲା । କିନ୍ତୁ ଅଳ୍ପ ମାତ୍ରାରେ ଏହାର ଗୋଟିଏ ଡୋଜ୍ ବିଷାକ୍ତ ନୁହେଁ। ଗତ କିଛି ଦଶନ୍ଧିରେ ବୈଜ୍ଞାନିକମାନେ ଆବିଷ୍କାର କରିଛନ୍ତି ଯେ ଲମ୍ବା ସମୟ ଧରି କମ୍ ମାତ୍ରାର ଆର୍ସେନିକ୍ ସଂସ୍ପର୍ଶରେ ରହିବା ଦ୍ୱାରା ସ୍ୱାସ୍ଥ୍ୟ ଉପରେ ହାନିକାରକ ପ୍ରଭାବ ପଡ଼ିପାରେ । ଖାସ୍‌କରି ଅଣଜୈବିକ ଆର୍ସେନିକ୍ ମଣିଷ ଶରୀରରେ ଜୈବଅଣୁରେ ସହଜରେ ମିଶିବାରେ ସକ୍ଷମ ହୋଇଥିବାରୁ ବିପଦର କାରଣ ହୋଇଥାଏ । ଅନ୍ୟପକ୍ଷେ ପଥର, ମାଟିରେ ପ୍ରାକୃତିକ ରୂପେ ମିଳୁଥିବା ଅଣଜୈବିକ ଆର୍ସେନିକ୍ ଖଣି, କୋଇଲା ଦହନ ଓ ଅନ୍ୟ ଔଦ୍ୟୋଗିକ ପ୍ରକ୍ରିୟା ଭଳି ଗତିବିଧିର ଉପଉତ୍ପାଦ ।

# ଭଦ୍ରକରୁ କଟି ଆସି ଭୁବନେଶ୍ୱର ଷ୍ଟେସନରେ ପଡ଼ିଲା କଟା ମୁଣ୍ଡ

**ଭୁବନେଶ୍ୱର, ୨୧/୦୪ ନ୍ୟୁଜ ବ୍ୟୁରୋ**

ରେଲ୍‌ୱେ ଷ୍ଟେସନରେ ଗଡିଲା ମୁଣ୍ଡ । ଭଦ୍ରକରୁ କଟି ଆସି ଭୁବନେଶ୍ୱର ଷ୍ଟେସନ୍‌ରେ ପଡ଼ିଲା ମୁଣ୍ଡ । ଛିଣ୍ଡା ମୁଣ୍ଡଟି ହେଉଛି ଭଦ୍ରକ ରାମକୃଷ୍ଣପୁର ଅଞ୍ଚଳର ରାମକୃଷ୍ଣ ପଣ୍ଡାଙ୍କର ବୋଲି ଜଣାପଡ଼ିଛି । ସେ ଟ୍ରେନ୍ ଆଗକୁ ଯାଇ ଆତ୍ମହତ୍ୟା କରିଥିଲେ । ସୂଚନା ମୁତାବକ, ଭଦ୍ରକର ରାମକୃଷ୍ଣପୁର ଅଞ୍ଚଳର ରାମକୃଷ୍ଣ ପଣ୍ଡା ନାମକ ବ୍ୟକ୍ତି ଟ୍ରେନ୍ ଆଗକୁ ଯାଇ ଆତ୍ମହତ୍ୟା କରିଥିଲେ । ଯାହା ଫଳରେ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ହେଲେ ମୁଣ୍ଡଟି ଟ୍ରେନ୍‌ରେ ଲାଖି ଆସି ଭୁବନେଶ୍ୱର ରେଲ୍ ୱେ ଷ୍ଟେସନ୍‌ରେ ପହଞ୍ଚି ଥିଲା। ଷ୍ଟେସନ୍‌ରେ ମୁଣ୍ଡ ଗଡୁଥିବା ଦେଖି ଲୋକେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୁଣ୍ଡଟିକୁ ଉଦ୍ଧାର କରି ତଦନ୍ତ ଚଳାଇଛି।

